ଆଜି - ସୋମବାର
ତାରିଖ - ୨୭ ଅପ୍ରେଲ ୨୦୨୬
ମାସ - ମେଷ, ଦିନ - ୧୪
ତିଥି - ଏକାଦଶୀ, ପକ୍ଷ-ଶୁକ୍ଳ
ନକ୍ଷତ୍ର - ଫାଲଗୁନୀ, ସିଂହ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୪: ୦୦
ସୂର୍ଯ୍ୟାସ୍ତ - ୬ : ୦୪ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଆମର ମାନବୀୟ ଜ୍ଞାନ ହେଉଛି ସୂର୍ଯ୍ୟଙ୍କ ଭଳି ପ୍ରତିଭାତ ସତ୍ୟ ସମ୍ମୁଖରେ ଏକ କ୍ଷୀଣ ଆଲୋକ ପ୍ରଦାନକାରୀ ମହମବତୀ ସଦୃଶ ।"
- ଶ୍ରୀ ଅରବିନ୍ଦ


E-News : www.Ajikali epaper.com

Vol.- 41 ISSUE- 14 R.N.I. REGD. No. 44026/86 ବାଲେଶ୍ୱର ୨୭ ଅପ୍ରେଲ ୨୦୨୬ ସୋମବାର BALASORE 27 APRIL 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ମନ କି ବାତର ୧୩୩ତମ ସଂସ୍କରଣକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ଉତର-ପୂର୍ବ ବାଉଁଶ ସେକ୍ଟରର ସଫଳତା କାହାଣୀକୁ ମନ୍ କୀ ବାତରେ ଆଲୋଚନା କରିଛନ୍ତି ପିଏମ ମୋଦି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଉତରପୂର୍ବ ହେଉଛି ଆମ ସମସ୍ତଙ୍କ ପାଇଁ ଅଷ୍ଟଲକ୍ଷ୍ମୀ । ଏଠି ପ୍ରଚୁର ପ୍ରତିଭା ରହିଛି । ଏତଦଭିନ୍ନ ଉତରପୂର୍ବର ପ୍ରାକୃତିକ ସୌନ୍ଦର୍ଯ୍ୟ ସମସ୍ତଙ୍କୁ ଆକର୍ଷିତ କରେ । 'ମନ୍ କି ବାତ୍'ରେ ବି ଆମେ ପ୍ରାୟତଃ ଉତରପୂର୍ବର ଲୋକମାନଙ୍କ ଉପଲବଧି ସମ୍ପର୍କରେ ଚର୍ଚ୍ଚା କରିଆସିଛୁ ।

ଉତର-ପୂର୍ବ ବାଉଁଶ ସେକ୍ଟରୁର ସଫଳତା । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏକଦା ଯେଉଁ ଜିନିଷକୁ ବୋଝ ବୋଲି ବିବେଚନା କରାଯାଉଥିଲା, ଆଜି ତାହା ରୋଜଗାର, କାରବାର ଓ ନବସୃଜନକୁ ନୂଆ ଗତି ପ୍ରଦାନ କରୁଛି । ଆମ ମା'ଭଉଣୀମାନେ ହେଉଛନ୍ତି ଏହାର ସବୁଠାରୁ ବଡ଼ ଲାଭାର୍ଥୀ । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ବାଉଁଶର ପରିଭାଷା ବଦଳିଯିବାରୁ କେତେ ବଡ଼ ପରିବର୍ତ୍ତନ ଆସିଛି । ଇଂରେଜମାନଙ୍କ ଦ୍ୱାରା ତିଆରି କରାଯାଇଥିବା ଆଇନ ଅନୁସାରେ ବାଉଁଶକୁ ବୃକ୍ଷ ରୂପେ ପରିଗଣିତ କରାଯାଉଥିଲା ଓ ଏହାସହ ଜଡ଼ିତ ନିୟମ ମଧ୍ୟ ଖୁବ୍ କଠୋର ଥିଲା । କୌଣସି ଜାଗାକୁ ବାଉଁଶ ନେଇଯିବା ମଧ୍ୟ କାଠିକର ପାଠ ଥିଲା । ଏହାଦ୍ୱାରା ଏଠିକାର



ଲୋକମାନେ ବାଉଁଶ ସହ ଜଡ଼ିତ କୁଟୀରଶିଳ୍ପଠାରୁ ଦୂରେଇଗଲେ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ୨୦୧୭ ମସିହାରେ ଆଇନରେ ପରିବର୍ତ୍ତନ କରି ଆମେ ବାଉଁଶକୁ ବୃକ୍ଷ ବର୍ଗରୁ ଅଲଗା କରିଦେଲୁ । ଏହାର ଫଳାଫଳ ଆଜି ସମସ୍ତଙ୍କ ସାମ୍ନାରେ । ଆଜି ସମଗ୍ର ଉତରପୂର୍ବରେ ବାଉଁଶ କ୍ଷେତ୍ର ନିରନ୍ତର ଉନ୍ନତି କରିଚାଲିଛି । ଲୋକମାନେ ନିରନ୍ତର ନବସୃଜନ କରି ଏଥିରେ ମୂଲ୍ୟ ମିଶ୍ରଣ କରିଚାଲିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ,, ତ୍ରିପୁରାର ଗୋମତୀ ଜିଲ୍ଲାର ବିଜୟ ସୂତ୍ରଧାର ଓ ଝଙ୍କଙ୍କପ୍ରଷ ତ୍ରିପୁରାର ପ୍ରଦୀପ ଚକ୍ରବର୍ତୀଙ୍କ ବିଷୟରେ ଜାଣିବା । ଏ ଦୁହେଁ ନୂଆ ଆଇନକୁ ନିଜ ପାଇଁ ଏକ ବଡ଼ ସୁଯୋଗ ବୋଲି ବିଚାର କଲେ । ତା'ପରେ ସେମାନେ ନିଜ କାମକୁ ପ୍ରଯୁକ୍ତିବିଦ୍ୟା ସହ ଯୋଡ଼ିଲେ । ଆଜି ସେମାନେ ପୂର୍ବ ଅପେକ୍ଷା ଉତ୍କୃଷ୍ଟ ଓ ଅଧିକ ବାଉଁଶଜାତ ଦ୍ରବ୍ୟ ତିଆରି କରୁଛନ୍ତି । ନାଗାଲାଣ୍ଡର ଦୀମାପୁର ଓ ତା' ପାଖାପାଖି ଅଂଚଳରେ ଏପରି ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି ଯେଉଁମାନେ ବାଉଁଶ ସହ ଜଡ଼ିତ ଖାଦ୍ୟ ଉତ୍ପାଦରେ ମୂଲ୍ୟ ବୃଦ୍ଧି କରିଛନ୍ତି । ସେଠି ଖୋରୋଲୋ କ୍ରିଏଟିଭ୍ କ୍ରାଫ୍ଟ ଭଳି ଟିମମାନେ ବି ଅଛନ୍ତି, ଯେଉଁମାନେ ବାଉଁଶର ଫର୍ନିଚର୍ ଓ ହସ୍ତଶିଳ୍ପ ଉପରେ କାମ କରୁଛନ୍ତି ।ମିଜୋରାମର ମାମିତ ଜିଲ୍ଲାରେ ବି ଏପରି ଟିମ ଅଛନ୍ତି, ଯେଉଁମାନେ ବାଉଁଶର ଟିସୁ କଲଚର ଓ ପଲିହାଉସ୍ ପରିଚାଳନା ଉପରେ କାର୍ଯ୍ୟ କରୁଛନ୍ତି । ସିକ୍କିମର ଗ୍ୟାଙ୍ଗଟକ୍ ନିକଟବର୍ତୀ ଲାଗାଷ୍ଟାଲ୍ ବାଉଁଶ ଏଂଟରପ୍ରାଇଜ୍ ଦଳ ସମ୍ପର୍କରେ ମୁଁ ଜାଣିବାକୁ ପାଇଛି । ସେମାନେ ବାଉଁଶରୁ ହସ୍ତଶିଳ୍ପ, ଧୂପକାଠି, ଫର୍ନିଚର ଭିତର ଓ ସାଜସଜ୍ଜା ସାମଗ୍ରୀ ତିଆରି କରନ୍ତି ।ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଦେଶରେ ବାଉଁଶ କ୍ଷେତ୍ରରେ ସଫଳତାର ତାଲିକା ଖୁବ୍ ଲମ୍ବା । ଉତରପୂର୍ବର ଯେକୌଣସି ବାଉଁଶ ତିଆରି ଜିନିଷ ନିଶ୍ଚୟ କିଣନ୍ତୁ ।ଆପଣମାନେ ଏହାକୁ ଗିଫ୍ଟ ରୂପରେ ମଧ୍ୟ ଦେଇପାରିବେ ।ଆପଣମାନଙ୍କ ଏପରି ପ୍ରଚେଷ୍ଟା ଦ୍ୱାରା ସେହି ଲୋକମାନଙ୍କର ମନୋବଳ ବଢ଼ିବ, ଯେଉଁମାନେ ବାଉଁଶ ଉତ୍ପାଦ ତିଆରି କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି ।

## ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ନବଉତ୍କଳର ନିର୍ମାତା, ବିଚ୍ଛିନ୍ନ ଉତ୍କଳର ଏକତ୍ରିକରଣର କର୍ଣ୍ଣଧାର, ସାହିତ୍ୟାନୁରାଗୀ, ସୁଶାସକ ତଥା ପ୍ରଜାବତ୍ସଳ, ଦାନବୀର ରୂପେ ସର୍ବଜନବିଦିତ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଉତ୍କଳମାତାର ସେବାରେ ନିଜକୁ ନିୟୋଜିତ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ତାଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ୧୮୯୨ ମସିହା ଅପ୍ରେଲ ୨୬ ତାରିଖରେ ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡିର ରାଜପରିବାରରେ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ପିତା ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ ଓ ମାତା ରାଧାମଣି ଦେବୀଙ୍କର କୋଳମଣ୍ଡନ କରିଥିଲେ । ୧୯୭୪ ମସିହା ମଇ ମାସ ୨୫ ତାରିଖରେ ୮୨ ବର୍ଷ ବୟସରେ ପାରଳାଖେମୁଣ୍ଡି ସହରରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା । ଓଡ଼ିଆ ଭାଷାଭାଷୀ ଅଂଚଳକୁ ନେଇ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାରେ ତାଙ୍କର ଅଦମ୍ୟ ପ୍ରଚେଷ୍ଟା ଥିଲା ଅତୁଳନୀୟ । ଜଣେ ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ତଥା ସୁଶାସକ ଭାବେ ତାଙ୍କର ନାମ ଚିରଦିନ ପାଇଁ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ । ଆ।ଜି ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଭୁବନେଶ୍ୱର (ଏକାମ୍ର) ବିଧାୟକ ଶ୍ରୀ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଶ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ଶ୍ରୀ ପ୍ରିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ବିଧାନସଭାର ସଚିବ ଶ୍ରୀ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ଅନୁଜ କୁମାର ଦାସପଟ୍ଟନାୟକ, ଉତ୍କଳ ସମ୍ମିଳନୀ ଓ ପୂଜ୍ୟପୂଜା ସଂସଦର ସଦସ୍ୟବୃନ୍ଦ, ପାରଳା ଗଜପତି ବ ି କ । ଶ ପରିଷଦର ବରିଷ୍ଠ କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ରହି କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା । ସୁଶ୍ରୀ ରୋଜାଲିନ୍ ? ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



## ଅଳ୍ପରେ ଖବର

» ଗଜପତି ଜିଲ୍ଲା ଗସ୍ତରେ ଥ୍ ବା ବେ ଳ ପାରଳାଖେମୁଣ୍ଡିଠାରେ ଆମ ଦଳର କାର୍ଯ୍ୟାଳୟରେ ସ୍ଥାନୀୟ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତାଙ୍କ ସହ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍' ଶୁଣିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ।

» -ଆଜି ଭାରତୀୟ ଜନତା ପାର୍ଟି ରାଜ୍ୟ କାର୍ଯ୍ୟାଳୟରେ କାର୍ଯ୍ୟକର୍ତାମାନଙ୍କ ଗହଣରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ 'ମନ୍ କି ବାତ୍' ଶୁଣିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ବାର୍ତାରେ ସବୁଜ ଶକ୍ତିର ସଂକଳ୍ପ, ଭାରତୀୟ ଜ୍ଞାନ ପରମ୍ପରାର ପ୍ରତୀକ 'ବୁଦ୍ଧ ଦର୍ଶନ'ର ମହତ୍ୱ ଏବଂ ଡିଜିଟାଇଜେସନ୍ ମାଧ୍ୟମରେ ସାଧାରଣ ଜୀବନରେ ଆସୁଥିବା ବୈପ୍ଳବିକ ପରିବର୍ତ୍ତନର ଚିତ୍ର ଏକ 'ବିକଶିତ ଭାରତ' ପାଇଁ ଆମକୁ ନୂତନ ଉର୍ଜା ପ୍ରଦାନ କରିଛି ।

» ଦାମ ରାଉତଙ୍କ ପ୍ରତିମୂର୍ତି ଭଙ୍ଗାଯିବା ଘଟଣାରେ ସାଂସଦ ବିଭୂ ତରାଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଘଟଣାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି, ଏହାର ତଦନ୍ତ ଦାବି କରାଯାଇଛି ବୋଲି ସେ କହିଛନ୍ତି ।

## ନିଜ ଗାଁ ନାଲମରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' ଶୁଣିଲେ କେନ୍ଦ୍ରଶିକ୍ଷାମନ୍ତ୍ରୀ

କଣିହାଁ/ତାଳଚେର: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୋଳ ଜିଲ୍ଲା ତାଳଚେର କଣିହାଁ ବ୍ଲକ ସ୍ଥିତ ନିଜ ପୈତୃକ ଗ୍ରାମ ନାଲମ ଗସ୍ତ କରି ଦଳୀୟ କାର୍ଯ୍ୟକର୍ତା ଓ ସ୍ଥାନୀୟ ଲୋକଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କୀ ବାତ୍'ର ୧୩୩ତମ ସଂସ୍କରଣ ଶୁଣିଛନ୍ତି ।

ଏହି ଅବସରରେ ସେ କହିଛନ୍ତି ଯେ, 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଦେଶବ୍ୟାପୀ ଜନସମ୍ବାଦର ଏକ ପ୍ରଭାବଶାଳୀ ମାଧ୍ୟମ ପାଲଟିଛି, ଯାହା ସମାଜରେ ସକାରାତ୍ମକ ଚିନ୍ତାଧାରା ଓ ସଚେତନତା ସୃଷ୍ଟି କରିବା ସହ ରାଷ୍ଟ୍ର ନିର୍ମାଣକୁ ଗତି ପ୍ରଦାନ କରୁଛି । ପ୍ରଧାନମନ୍ତ୍ରୀଙ୍କ ବାର୍ତାକୁ ନେଇ ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, ପରମାଣୁ କାର୍ଯ୍ୟକ୍ରମ କ୍ଷେତ୍ରରେ ଆମ ବୈଜ୍ଞାନିକଙ୍କ ସଫଳତା ଏବଂ ଗଣିତରେ କନ୍ୟାରନ୍ଙ୍କ ପ୍ରତିଭା ଦେଶ ପାଇଁ ଗର୍ବର ବିଷୟ । ସ୍ଥାନୀୟ ବାଉଁଶ ସାମଗ୍ରୀକୁ ଉପହାର ଭାବେ ବ୍ୟବହାର କରିବା ପାଇଁ



ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ 'ଭୋକାଲ୍ ଫର୍ ଲୋକାଲ୍' ଅଭିଯାନକୁ ଆହୁରି ଶକ୍ତିଶାଳୀ କରିବ । ଭଗବାନ ବୁଦ୍ଧଙ୍କ ଶିକ୍ଷା ଓ ରବୀନ୍ଦ୍ରନାଥ ଟାଗୋରଙ୍କ ସ୍ମୃତିଚାରଣ ସହ ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତା ଓଡ଼ିଶା ସମେତ ସମଗ୍ର ଦେଶବାସୀଙ୍କୁ ଏକ ସଶକ୍ତ ଭାରତ ଗଠନ ପାଇଁ ନୂତନ ପ୍ରେରଣା ଯୋଗାଇଛି । ମାନ୍ୟବର ପ୍ରଧାନମନ୍ତ୍ରୀ 'ଡିଜିଟାଲ ଜନଗଣନା ୨୦୨୭' ପାଇଁ ଯେଉଁ ଆହ୍ୱାନ ଦେଇଛନ୍ତି, ତାହା ଦେଶର ପ୍ରଗତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସମସ୍ତେ ଏହି ମହତ୍ ଅଭିଯାନର ଅଂଶବିଶେଷ ହୋଇ ବିକଶିତ ଭାରତର ସଂକଳ୍ପକୁ ସାକାର କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି ।ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ନିଜ ଗ୍ରାମର ଗୁରୁଜନ ଓ ଆତ୍ମୀୟସ୍ୱଜନଙ୍କୁ ଭେଟି ସୌଜନ୍ୟମୂଳକ ଆଲୋଚନା କରିଥିଲେ । ସେ କହିଥିଲେ, ଗାଁ ମାଟିର ସ୍ନେହ ଓ ଗୁରୁଜନମାନଙ୍କ ଆଶୀର୍ବାଦ ସବୁବେଳେ ପ୍ରେରଣା ହୋଇ ରହିବ । ସେମାନଙ୍କ ସହ କିଛି ସମୟ ଅତିବାହିତ କରି ନିଜକୁ ଖୁସି ଅନୁଭବ କରୁଛି । ଏହି ଗସ୍ତ କାଳରେ କେନ୍ଦ୍ର ମନ୍ତ୍ରୀ ଗ୍ରାମର କୂଳ ଦେବତା ଶ୍ରୀ ଶ୍ରୀ ନୃସିଂହ ଦେବଙ୍କ ଦର୍ଶନ କରି ସମସ୍ତଙ୍କର ମଙ୍ଗଳ କାମନା କରିବା ସହ ତାଳଚେର କଣିହାଁ ଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରଜାମଣ୍ଡଳ ଆନ୍ଦୋଳନର ପୁରୋଧା ପବିତ୍ର ମୋହନ ପ୍ରଧାନଙ୍କ ତ୍ୟାଗ ଓ ନିର୍ଭୀକ ନେତୃତ୍ୱ ଯୁବପିଢ଼ିଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସେ ପ୍ରକାଶ କରିଛନ୍ତି ।

## ନ୍ୟୁଜିଲ୍ୟାଣ୍ଡ ସହ ଭାରତ କରିବ ଏଫଟିଏ ସ୍ୱାକ୍ଷର

ନୂଆଦିଲ୍ଲୀ,: ଗୋଟିଏ ପଟେ, ଆମେରିକା ଏବଂ ଇରାନ ମଧ୍ୟରେ ଜାରି ଉତେଜନା ଏବଂ ହର୍ମୁଜ୍ ପ୍ରଣାଳୀ ଉପରେ ଚାଲିଥିବା ବିବାଦ ଯୋଗୁଁ ସାରା ବିଶ୍ୱରେ ଉତେଜନା ଜାରି ରହିଛି । ସେଭଳି ଏହା ଭିତରେ ଭାରତ ପାଇଁ ଏକ ଭଲ ଖବର ଅଛି । ଦୀର୍ଘ ଦିନର ଆଲୋଚନା ପରେ, ଭାରତ ଏବଂ ନ୍ୟୁଜିଲାଣ୍ଡ ସୋମବାର ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିବାକୁ ଯାଉଛନ୍ତି । ଏହି ଚୁକ୍ତି ଦୁଇ ଦେଶ ମଧ୍ୟରେ ବାଣିଜ୍ୟକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟ ରଖିଛି ।ପିଟିଆଇର ଏକ ରିପୋର୍ଟ ଅନୁଯାୟୀ, ଭାରତ-ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ସୋମବାର ସ୍ୱାକ୍ଷରିତ ହେବ । ଗତ ବର୍ଷ ୨୨ ଡିସେମ୍ବର ୨୦୨୫ରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଶେଷ ହେବା ପରେ ଏହି ଚୁକ୍ତିନାମା ହୋଇଛି । ଏହି ଏଫଟିଏ ଭାରତୀୟ କମ୍ପାନୀଗୁଡ଼ିକୁ ନ୍ୟୁଜିଲ୍ୟାଣ୍ଡରେ ଶୁଳ୍କମୁକ୍ତ ପ୍ରବେଶ ପ୍ରଦାନ କରିବ ଏବଂ ଆଗାମୀ ୧୫ ବର୍ଷ ମଧ୍ୟରେ ୨୦ ବିଲିୟନ ଡଲାର ନିବେଶ ଆକର୍ଷିତ କରିବ । ଦିଲ୍ଲୀର ଭାରତ ମଣ୍ଡପମରେ ଏଫ୍ଟିଏ ସ୍ୱାକ୍ଷରିତ ହେବ ଏବଂ ଏଥିରେ କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ନ୍ୟୁଜିଲ୍ୟାଣ୍ଡର ବାଣିଜ୍ୟ ଏବଂ ନିବେଶ ମନ୍ତ୍ରୀ ଟଡ୍ ମ୍ୟାକଲେ ଯୋଗଦେବେ ।୨୦ ବିଲିୟନ ଡଲାର ନିବେଶ ଆସିବା ସହ ଏହା ଏଫ୍ଟିଏ ଜରିଆରେ ଭାରତୀୟ ବୃତିଗତଙ୍କ ପାଇଁ ଅସ୍ଥାୟୀ ନିଯୁକ୍ତି ଭିସା ସୁବିଧା ବୃଦ୍ଧି କରାଯିବ । ସେଭଳି ଭାରତୀୟ ଔଷଧ ଏବଂ ଚିକିତ୍ସା ଉପକରଣର ରପ୍ତାନିକୁ ମଧ୍ୟ ସହଜ କରାଯିବ । ଅନ୍ୟପକ୍ଷରେ,ଯଦି ଆମେ ନ୍ୟୁଜିଲ୍ୟାଣ୍ଡ ବିଷୟରେ ଆଲୋଚନା କରିବା, ତେବେ ଭାରତ ଏହାର ପ୍ରାୟ ୯୫% ଉପରେ ଶୁଳ୍କ ହ୍ରାସ କରିବ କିମ୍ବା ସମାପ୍ତ କରିବ ।ଏହି ସାମଗ୍ରୀଗୁଡିକ ଭିତରେ ଉଲ୍, କୋଇଲା, ୱାଇନ୍, ଆଭୋକାଡୋ ଏବଂ ବ୍ଲୁବେରି ଭଳି ସାମଗ୍ରୀ ରହିଛି । ତଥାପି, ଭାରତ ଘରୋଇ ଚାଷୀ ଏବଂ କୃଷିଭିତିକ ଶିଳ୍ପର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦୁଗ୍ଧ, ଖାଦ୍ୟ ତେଲ ଏବଂ ପନିପରିବା ଭଳି ସାମଗ୍ରୀକୁ ଚୁକ୍ତିନାମାରୁ ବାଦ ଦେଉଛି । ରିପୋର୍ଟ ଅନୁଯାୟୀ, ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ଉଭୟ ଆଗାମୀ ପାଂଚ ବର୍ଷ ମଧ୍ୟରେ ସେମାନଙ୍କର ବାଣିଜ୍ୟକୁ ୫ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି ।



## ଅସହ୍ୟ ତାତି : ଝାରସୁଗୁଡାରେ ତାପମାତ୍ରା ୪୪.୮ ଡିଗ୍ରୀ

ଭୁବନେଶ୍ୱର :ପଶ୍ଚିମରୁ ଉପକୂଳଓଡିଶା ସବୁଠି ତାତି । ପ୍ରଚଣ୍ଡ ରେ ?ଦତାପରେ ଜଳୁଛି ଓଡିଶା । ଅସହ୍ୟ କଲାଣି ତାତି ।ଚାରିଆଡ଼େଅଗ୍ନିବର୍ଷା ।ସକାଳ ୯ଟାରୁ ଟାଏଁ ଟାଏଁ ଖରା ।ଟାଏଁ ଟାଏଁ ଖରାରେ ଜନଜୀବନ ଅସ୍ତବ୍ୟସ୍ତ ।ଏମିତି ଝାଞ୍ଜି ମାଡ଼ ହେଉଛି ,ଦେହ ,ମୁହଁ ଜଳିଲା ଭଳି ଲାଗୁଛି ।ଦିନକୁ ଦିନ ପାରଦ ଉପରମୁହାଁ ହେବାରେ ଲାଗିଛି । ଅଧିକାଂଶ ସହରରେ ତାତି ୪୨ ଡିଗ୍ରୀ ଉପରେ ରହୁଛି । ରବିବାର ଝାରସୁଗୁଡାରେ ରାଜ୍ୟର ଉତପ୍ତ ସହରରେ ପରିଣତ ହୋଇଛି । ସେଠାରେ ତାପମାତ୍ରା ୪୪.୮ ଡିଗ୍ରୀ ଛୁଇଁଛି । ସେହିପରି ସୋନପୁରରେ ୪୩.୭ ଡିଗ୍ରୀ, ଟିଟିଲାଗଡରେ



୪୩.୬ ଡିଗ୍ରୀ, ଭବାନୀପାଟଣାରେ ୪୩.୪ ଡିଗ୍ରୀ, ବଲାଙ୍ଗୀର ୪୩.୧ ଡିଗ୍ରୀ, ବୌ ?ଦ୍ଧ ୪୩.୧ ଡିଗ୍ରୀ, ସମ୍ବଲପୁର ୪୩ ଡିଗ୍ରୀ ତାପମାତ୍ରା ରହିଛି । ସୁନ୍ଦରଗଡରେ ୪୨.୮ ଡିଗ୍ରୀ, ରାଉରକେଲା ୪୨.୭ ଡିଗ୍ରୀ, ନୂଆପଡା ଓ ନୟାଗଡରେ ୪୨.୫ ଡିଗ୍ରୀ, ହୀରାକୁଦ ୪୨.୪ ଡିଗ୍ରୀ, ତାଳଚେରରେ ୪୧.୫ ଡିଗ୍ରୀ, ଫୁଲବାଣୀରେ ୪୦.୪ ଡିଗ୍ରୀ, ବରଗଡରେ ୪୦ ଡିଗ୍ରୀରେ ପାରଦ ପହଂଚିଛି ।

## ଭାରତରେ ସ୍ୱାଭାବିକ ରହିଛି ତୈଳ ଓ ଗ୍ୟାସ ଯୋଗାଣ

ନୂଆଦିଲ୍ଲୀ: ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ଉତେଜନା ଏବଂ ବଦଳୁଥିବା ପରିସ୍ଥିତିକୁ ନଜରରେ ରଖି ସଜାଗ ହୋଇଛନ୍ତି ଭାରତ ସରକାର । ଦେଶର ଆବଶ୍ୟକତାକୁ ଦେଖି ତେଲ ଓ ଗ୍ୟାସ ଆମଦାନୀ ଏବଂ ବିତରଣକୁ ନିରନ୍ତର କରିବା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି । ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରମାନଙ୍କ ସହଯୋଗରେ ଦେଶରେ ତେଲ ଏବଂ ରନ୍ଧନ ଗ୍ୟାସ ଯୋଗାଣ ସ୍ୱଭାବିକ ରହିଥିବା ଆଜି ତୈଳ ଓ ପ୍ରାକୃତି ବାଷ୍ପ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଏହାସହ ଉତେଜନା ଅଂଚଳରେ ଥିବା ଭାରତୀୟ ନାଗରିକଙ୍କୁ ସହାୟତା ପ୍ରଦାନ ଲାଗି ବିହିତ ପଦକ୍ଷେପ ନିଆଯାଉଛି ବୋଲି କୁହାଯାଇଛି । ହର୍ମୁଜ ପ୍ରଣାଳୀର ବର୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସାରା ଦେଶରେ ପେଟ୍ରୋଲିୟମ ଦ୍ରବ୍ୟ ଏବଂ ଏଲପିଜିର ଅବ୍ୟାହତ ଉପଲବ୍ଧତା ନିଶ୍ଚିତ କରିବାକୁ ପଦକ୍ଷେପ ନେଉଛି । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ସରକାର ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ଉପଲବ୍ଧ କରାଇବାକୁ ସମସ୍ତ ପ୍ରୟାସ କରୁଥିବାରୁ ନାଗରିକମାନଙ୍କୁ ଆତଙ୍କିତ ହୋଇ କିଣାକିଣି ନକରିବାକୁ ପରାମର୍ଶ ଦିଆଯାଇଛି । ଗୁଜବରୁ ଦୂରେଇ ରୁହନ୍ତୁ ଏବଂ ସଠିକ ସୂଚନା ପାଇଁ ସରକାରୀ ଉତ୍ସ ଉପରେ ଭରସା କରିବାକୁ ପରାମର୍ଶ ଦିଆଯିବା ସହ, ଏଲପିଜି ଗ୍ରାହକମାନଙ୍କୁ ଡିଜିଟାଲ ବୁକିଂ ପ୍ଲାଟଫର୍ମ ବ୍ୟବହାର କରିବାକୁ ଏବଂ ବିତରକଙ୍କ ପାଖକୁ ନଯିବାକୁ ଅନୁରୋଧ କରାଯାଇଛି । ନାଗରିକମାନଙ୍କୁ ପିଏନଜି ଏବଂ ଇଲେକ୍ଟ୍ରିକ ବା ଇଣ୍ଡକ୍ସନ ଚୁଲା ପରି ବିକଳ୍ପ ଜାଳେଣି ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି । ବର୍ତମାନର ପରିସ୍ଥିତିରେ ଦୈନନ୍ଦିନ ବ୍ୟବହାରରେ ଶକ୍ତି ସଂରକ୍ଷଣ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି । ଅତ୍ୟାବଶ୍ୟକ ସାମଗ୍ରୀ ଆଇନ, ୧୯୫୫ ଏବଂ ଏଲପିଜି ନିୟନ୍ତ୍ରଣ ଆଦେଶ, ୨୦୦୦ ଅଧୀନରେ ରାଜ୍ୟ ସରକାରମାନଙ୍କୁ ଯୋଗାଣ ଉପରେ ନଜର ରଖିବା ଏବଂ ମହଜୁଦକାରୀ ତଥା କଳାବଜାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କ୍ଷମତା ଦିଆଯାଇଛି । ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ସ୍ଥିତି ଉପରେ ନଜର ରଖିବାରେ ରାଜ୍ୟ ସରକାରମାନଙ୍କର ମୁଖ୍ୟ ଭୂମିକା ରହିଛି ।



# ୭୮ତମ ରାଜ୍ୟସ୍ତରୀୟ ପୋଲିସ ଭଲିବଲ ଓ ବାସ୍କେଟବଲ ଚମ୍ପିଆନ୍‌ସିପ୍-୨୦୨୬-୨୭ ଉଦ୍‌ଯାପିତ

## ❋ଭଲିବଲ୍‌ରେ ମୟୂରଭଂଜ , ବାସ୍କେଟବଲରେ କମିଶନରେଟ୍ ପୋଲିସ-ଏ ଚମ୍ପିଆନ୍






ବାଲେଶ୍ୱର : (ଦେବବ୍ରତ ପାଣିଗ୍ରାହୀଙ୍କ ଠାରୁ)ଗତ ୨୧ ତାରିଖରୁ ବାଲେଶ୍ୱର ପୋଲିସ ପ୍ରଶାସନ ମାଧମରେ ବାଲେଶ୍ୱର ପୋଲିସ ଲାଇନ ପଡ଼ିଆଠାରେ ଆରମ୍ଭ ହୋଇଥିବା ୭୮ତମ ରାଜ୍ୟସ୍ତରୀୟ ପୋଲିସ ଭଲିବଲ ଓ ବାସ୍କେଟବଲ ଚମ୍ପିଆନ୍‌ସିପ୍ ୨୦୨୬-୨୭ ୨୫ ତାରିଖ ବିଲମ୍ବିତ ରାତ୍ରୀରେ ଉଦ୍‌ଯାପିତ ହୋଇ ଯାଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ପୂର୍ବାଂଚଳ ଡିଆଇଜି ପିନାକ ମିଶ୍ର ଯୋଗ ଦେଇ ଚମ୍ପିଆନ୍‌ସିପ୍ ହାସଲ କରିଥିବା ଭଲିବଲରେ ମୟୂରଭଂଜ ଦଳ ଓ ବାସ୍କେଟ ବଲରେ କମିଶନରେଟ ପୋଲିସ- ଏ ଦଳଙ୍କୁ ଚମ୍ପିଆନ୍ ଟ୍ରଫି ପ୍ରଦାନ କରିବା ସହ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା



୨୭ଟି ପୋଲିସ ବିଭାଗ ଦଳର ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ମୟୂରଭଂଜର ଆରକ୍ଷୀ ଅଧିକ୍ଷକ ବରୁଣ ଗଣ୍ଡୁପାଲୀ, ଭଦ୍ରକର ଏସ୍ପି ମନୋଜ ରାଉତ, କାଶ୍ୟପ ପାର୍ଥ ଜଗଦୀଶ, ମନିଷା ସୌଗୁନ, ବାଲେଶ୍ୱରର ଏସ୍‌ପି ପ୍ରତ୍ୟୁଷ ଦିବାକର ପ୍ରମୁଖ ଯୋଗ ଦେଇଥିବା ବେଳେ ଆୟୋଜିତ କାର୍ଯ୍ୟକ୍ରମକୁ ବାଲେଶ୍ୱର ପୋଲିସ ପ୍ରଶାସନର ସମସ୍ତ କର୍ମଚ଼ରୀବୃନ୍ଦ, ପ୍ରବେସନ ଆଇପିଏସ୍ ଶ୍ରୀମତୀ ମିତଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିରଂଜନ ବେହେରା, ଦେବଜ୍ୟୋତି ଦାସମହାପାତ୍ର, ଡିଏସ୍‌ପି ପ୍ରଜ୍ଞା ମହାନ୍ତି, ଫକୀର ଚରଣ ଦାଶ ପ୍ରମୁଖ ସମସ୍ତଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହ ଏହି ପ୍ରତିଯୋଗିତା ସଂପନ୍ନ ହୋଇଛି । ବିଶେଷ କରି ବାଲେଶ୍ୱରର ଏସ୍ପି ପ୍ରତ୍ୟୁଷ ଦିବାକରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡା କାର୍ଯ୍ୟକ୍ରମରେ ପାନୀୟ ଜଳ, ଉଜ୍ଜ୍ୱଳ ଆଲୋକ , ପରିମଳ, ଶାନ୍ତିଶୃଙ୍ଖଳା ବଜାୟ ରଖିବା ଏବଂ ଶୃଙ୍ଖଳିତ କ୍ରୀଡାବିତ୍ ମାନଙ୍କୁ ଜିଲ୍ଲାପ୍ରଶାସନ ପକ୍ଷରୁ ସାଧୁବାଦ ଜଣାଇବା ସହ ସେମାନଙ୍କର ସହଯୋଗ ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ପ୍ରଚଣ୍ଡରୌଦ୍ରତାପ, ଅସହ୍ୟଗୁଳୁଗୁଳିକୁ ଖାତିର ନ କରି କ୍ରୀଡାବିତ୍ ମାନେ ସେମାନଙ୍କର ପରାକାଷ୍ଠା ବାଲେଶ୍ୱର ପୋଲିସ ଲାଇନ ପଡ଼ିଆ ଠାରେ ପ୍ରଦର୍ଶନକ କରି ବାଲେଶ୍ୱର ପୋଲିସର ସହଯୋଗ ପାଇଥିବା ସୂଚନା ଦେଇ କହିଛନ୍ତି । ପ୍ରକାଶ ଯେ, ପ୍ରଥମକରି ରାଜ୍ୟର ବାଲେଶ୍ୱର ଜିଲ୍ଲାର ପୋଲିସ ପଡ଼ିଆରେ ୭୮ତମ ପୋଲିସ ଭଲିବଲ ଓ ବାସ୍କେଟବଲ ଚାମ୍ପିୟନସିପ୍ ୨୦୨୬-୨୭, ୨୧ ତାରିଖ ସକାଳେ ଉଦଘାଟିତ ହୋଇ ଯାଇଛି । ଉଦଘାଟନୀ ଉତ୍ସବରେ ବାଲେଶ୍ୱରର ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିୱାକରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ପୂର୍ବାଂଚଳ ଡିଆଇଜି ପିନାକ ମିଶ୍ର ଯୋଗଦେଇ ସମ୍ମିଳିତ କ୍ରୀଡ଼ାବିତମାନଙ୍କ ପ୍ୟାରେଡ ଅଭିବାଦନ ଗ୍ରହଣ କରବା ପରେ ବକ୍ତବ୍ୟରେ କହିଥିଲେ କି, ତାଙ୍କର ଚାକିରିକାଳ ମଧ୍ୟରେ ଐତିହ୍ୟ ସମ୍ପନ୍ନ ବାଲେଶ୍ୱର ଜିଲ୍ଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଏଭଳି କ୍ରୀଡ଼ା କାର୍ଯ୍ୟଞ୍ଜକ୍ରମ ଓ ସେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗର୍ବ ଅନୁଭବ କରୁଛନ୍ତି । କାରଣ ପୋଲିସ ବିଭାଗରେ କାର୍ଯ୍ୟରତକର୍ମଚାରୀମାନେ ତାଙ୍କର ଦୈନନ୍ଦିନ ଜୀବନଶୈଳୀରେ ଜଣେ ଉତ୍କୃଷ୍ଟ କ୍ରୀଡ଼ାବିତ୍ ଭାବେ ନିଜକୁ ପ୍ରତିପାଦିତ କରି ସ୍ୱାସ୍ଥ୍ୟ ସୁରକ୍ଷା, ଦେଶ ସୁରକ୍ଷା, ଆଇନ ଶୃଙ୍ଖଳା ରକ୍ଷା, କର୍ତବ୍ୟ ପରାୟଣତା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ପୂର୍ବାଂଚଳ ଜୋନ ପକ୍ଷରୁ ଡିଆଇଜି ପିନାକ ମିଶ୍ର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ସାଧୁବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମ ୨୧ତାରିଖରୁ ଆରମ୍ଭ ହୋଇ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଦୈନନ୍ଦିନ ତିନି କ୍ୟାଟେଗରିରେ ଖେଳ ହେବ । ପୂର୍ବାହ୍ନ ୯ଟା, ୬ଟା, ୭ଟା, ଅପରାହ୍ନ ୫ଟା, ସଂଧ୍ୟା ୬ଟା, ରାତ୍ର ୭ଟା, ରାତ୍ର ୯ଟାରୁ ୧୦ଟା ମଧ୍ୟରେ ଖେଳ ଶେଷ ହେବ । ଏହି କାର୍ଯ୍ୟକ୍ରମରେ ମୋଟ ୨୭ଗୋଟିଟିମ ଭାଗ ନେଇଛନ୍ତି । ସେମାନେ ହେଲେ ଝାରସୁଗୁଡ଼ା, ମାଲକାନାଗିରି, ମୟୂରଭଂଜ, ପୁରୀ, ରାଉରକେଲା, କୋରାପୁଟ, ବାରିପଦା, କଟକ, ଛତ୍ରପୁର, ଯାଜପୁର ଦେଓଘର, ଖୋର୍ଦ୍ଧା, କୋରାପୁଟ, ଭୁବନେଶ୍ୱର, ଗଜପତି, କଳାହାଣ୍ଡି, ଭଦ୍ରକ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, କମିଶନରେଟ ପୋଲିସ ପ୍ରମୁଖ ସେକ୍ଟରରୁ ୨୭ ଗୋଟି ଟିମ୍ ଭାଗ ନେଇଥିଲେ ।

# ରେମୁଣା ଏନ୍‌ଏସ୍‌ସିରେ ଶୁଭ ଶିଳାନ୍ୟାସ



ବାଲେଶ୍ୱର : (ନିପ୍ର) ଶନିବାର ପୂର୍ବାହ୍ନରେ ରେମୁଣା ଏନ୍‌ଏସ୍‌ସିର ବିଭିନ୍ନ ୱାର୍ଡ଼ରେ ଜନକଲ୍ୟାଣକାରୀ ପ୍ରକଳ୍ପଗୁଡ଼ିକର ଶୁଭଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗ ଦେଇଥିଲେ । ଏହି ଅବସରରେ ଗୁଡ଼ି ବିଶ୍ୱନାଥ ମନ୍ଦିର, ଶରତ ସାସାମଲ, ମହେନ୍ଦ୍ର ବେହେରାଙ୍କ ସମେତ ବିଭିନ୍ନ ୱାର୍ଡ଼ର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ହେଲେ ବିଜେଡ଼ି ଦଳର ବିଜେତା ପ୍ରତିନିଧି ମଣ୍ଡଳୀଙ୍କ ନାମ ଫଳକରେ ଲେଖାନଥିବା ଯୋଗୁଁ ସେମାନେ ଅସନ୍ତୋଷ ହାଜିର କରିବା ସହ ଆୟୋଜିତ କାର୍ଯ୍ୟକ୍ରମରେ ସାମିଲ ହୋଇନଥିଲେ । ଏହାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା ।

# ପଦଯାତ୍ରା ଶେଷ : ଓଡ଼ିଆ ଭାଷାରେ ନାମଫଳକ କାର୍ଯ୍ୟକାରୀ କେବେ ?

ବାଲେଶ୍ୱର(ନି.ପ୍ର.) ପଦଯାତ୍ରା ସରିଲା । ହେଲେ ଓଡ଼ିଆ ଭାଷାରେ ନାମଫଳକ କାର୍ଯ୍ୟକାରୀ ପାଇଁ ଅଂଟାଭିଡୁ ନାହାଁନ୍ତି ସଚେତନତାକାରୀ । ଓଡ଼ିଆ ପକ୍ଷ ୨୦୨୬ ଅବସରରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପର୍ଯ୍ୟନ୍ତ 'ଓଡ଼ିଆ ଭାଷାରେ ନାମଫଳକ - ସଚେତନତା ପଦଯାତ୍ରା' ଅନୁଷ୍ଠିତ ହୋଇଥିଲା । ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହି ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ । ବାଲେଶ୍ୱର ପୌରପାଳିକାର ମୁଖ୍ୟ ରାସ୍ତା ପରିକ୍ରମା କରି ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଗୁଡ଼ିକୁ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ସମ୍ବନ୍ଧରେ ସଚେତନ କରିବା ସହ ଲିଫଲେଟ ପ୍ରଦାନ କରାଯାଇଥିଲା । ପ୍ଲାକାର୍ଡ ଓ ସ୍ଲୋଗାନ ମାଧ୍ୟମରେ ଜନସାଧାରଣ ଙ୍କୁ ସଚେତନ କରାଗଲା । ଏହି ପଦଯାତ୍ରାରେ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କେଶରୀ ପ୍ରଧାନ, ଜିଲ୍ଲା ସହକାରୀ ଶ୍ରମ ଅଧିକାରିଣୀ/ଅଧିକାରୀ ଗଣ ଶିବଙ୍ଗି ହେମ୍ବ୍ରମ, କୁମାର ବାସୁଦେବ ପଣ୍ଡା, ଶୈଳସୂତା ଦାସ, ତୁଷାର କାନ୍ତ ଜେନା, କନିଷ୍ଠ ସହାୟକ ପ୍ରିୟବ୍ରତ ଦାସ ଓ ରାଜେନ୍ଦ୍ର ମାଝୀଙ୍କ ସହିତ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବିଭିନ୍ନ କଲେଜର ଛାତ୍ରଛାତ୍ରୀ ଏବଂ ପ୍ରିଂଟ ମିଡ଼ିଆ ଓ ଇଲେକ୍ଟ୍ରୋନିକ ମିଡ଼ିଆର ସାମ୍ବାଦିକଗଣ ତଥା ଶ୍ରମିକ ସଂଗଠନର କର୍ମକର୍ତା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଶିଶୁ ସେବିକା ଚୟନରେ ବ୍ୟାପକ ଅବ୍ୟବସ୍ଥା : ଅସନ୍ତୋଷ କୁହୁଳୁଛି



ବାଲେଶ୍ୱର(ନି.ପ୍ର.): ସଦର ବ୍ଲକ ଅନ୍ତର୍ଗତ କଷାଫଳ ପଂଚାୟତ ସାହୁଚକ ଗ୍ରାମର ବଳରାମ ସରକାରୀ ଉ.ପ୍ରା. ବିଦ୍ୟାଳୟର ଶିଶୁ ସେବିକା ପାଇଁ ଆବେଦନକାରୀମାନେ ସରକାର ଗାଇଡଲାଇନରୁ ବଂଚିତ ହେବା ସଂଗେସଂଗେ ଚୟନ ପ୍ରକ୍ରିୟାରେ ଶ୍ୟାମସୁନ୍ଦର ମାଝି ଓ ଏସଏମସି ଚେୟାରମ୍ୟାନ ପୂର୍ଣ୍ଣଚନ୍ଦ୍ର ଶାସମଲଙ୍କ ମଧୁଚନ୍ଦ୍ରିକାରେ ପାତର ଅନ୍ତର ନୀତି ଅବଲମ୍ବନ କରାଯାଇ ଆବେଦନକାରୀ ମାନଙ୍କୁ ଚୟନପ୍ରକ୍ରିୟାରୁ ବଂଚିତ କରିବା ସଂଗେ ସଂଗେ ପୂର୍ଣ୍ଣିମା ଜେନା ନାମ୍ନୀ ଜଣେ ପ୍ରତିଭାଶାଳୀ ବ୍ୟକ୍ତିଙ୍କୁ ଚୟନ କରାଯାଇଥିବା ଅଭିଯୋଗ ହୋଇଛି । ଖବରରୁ ପ୍ରକାଶଯେ, ଚୟନ ପ୍ରକ୍ରିୟାରେ ୨ନଂ ୱାର୍ଡ଼ ମେମ୍ବର ଏବଂ ଦୁଇ ସିଆରସିସି ଉପସ୍ଥିତ ଥିଲେ ମଧ୍ୟ ଏସଟି ସରସ୍ୱତୀ ମାଝି ଏବଂ ନିସ୍ୱ ବିଧବା ମାମୁନି ସାହୁ ଯେଉଁମାନେକି ପାଇବା ପାଇଁ ହକ୍‌ଦାର ଏବଂ ଝରଣାରାଣୀ ସାମଲ(ଏସସି) ଶିକ୍ଷାଗତ ଯୋଗ୍ୟତା ଥାଉଁଥାଉଁ ସେମାନଙ୍କୁ ଉପେକ୍ଷା କରାଯାଇ ଅନ୍ୟଜଣେ ବ୍ୟକ୍ତିଙ୍କୁ ଚୟନ କରାଯିବା ଯୋଗୁଁ ୩୧ ତାରିଖ ପୂର୍ବାହ୍ନରେ ବାଲେଶ୍ୱର ଜିଲ୍ଲା ପ୍ରଶାସନକୁ ଭେଟି ସରସ୍ୱତୀ ମାଝି, ମାମୁନି ସାହୁ, ଜୟଶ୍ରୀ ଏବଂ ମଂଜୁଲତା ସୁତି ପ୍ରମୁଖ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

# ବାଲେଶ୍ୱରରେ ପ୍ରସିଦ୍ଧ ମିର୍ଜାପୋଖରୀ ଠାରେ ଉଦଘାଟିତ ହେଲା ୧୦୮ତମ ଚନ୍ଦନ ଯାତ୍ରା, ଆକର୍ଷଣୀୟ ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ: ୩ ଦିନ ହେବ ମଂଚଯାତ୍ରା





ବାଲେଶ୍ୱର : (ନିପ୍ର) ବାଲେଶ୍ୱର ସହରର ପ୍ରସିଦ୍ଧ ମିର୍ଜାପୋଖରୀ ଠାରେ ୧୦୮ତମ ଚନ୍ଦନ ଯାତ୍ରା ଉଦଘାଟିତ ହୋଇଯାଇଛି । ଉତ୍ସବର ପ୍ରଥମ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍ସବ ଆୟୋଜନ କମିଟିର ସଭାପତି ପଦ୍ମଲୋଚନ ଲେଙ୍କା କାର୍ଯ୍ୟକ୍ରମ ଉଦଘାଟନ କରିବା ସହିତ ମିର୍ଜାପୋଖରୀ ଚନ୍ଦନ ଯାତ୍ରାର ପୃଷ୍ଠଭୂମୀ ସମ୍ପର୍କରେ ଆଲୋକପାତ କରିଥିଲେ । କମିଟିର କାର୍ଯ୍ୟକାରୀ ସଭାପତି ଡକ୍ଟର ଲକ୍ଷ୍ମୀ ନାରାୟଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ ମାଣିଖମ୍ବ, ଗୋପାଳଗାଁ, ସୁଏଲପୁର ସମେତ ଆଖପାଖ ଅଂଚଳବାସୀଙ୍କ ମିଳିତ ଉଦ୍ୟମରେ ଆୟୋଜିତ ହେଉଥିବା ଚନ୍ଦନଯାତ୍ରାର ସେ ସଫଳତା କାମନା କରିଥିଲେ । କମିଟିର ସମ୍ପାଦକ ଅରୁଣ ସ୍ୱାଇଁ ଏଥିରେ ପୌରହିତ୍ୟ କରିବା ସହିତ ଉତ୍ସବର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ । ୧୦୮ ବର୍ଷର ପୁରାତନ ପରମ୍ପରା ଜାରି ରଖିବାରେ କମିଟି କର୍ମକର୍ତାଙ୍କ ପ୍ରୟାସକୁ ପ୍ରୋତ୍ସାହିତ କରିବାକୁ ସେ ନିବେଦନ କରିଥିଲେ । ସରୋଜ୍ କୁମାର ଲେଙ୍କା, ଅନୁପ ସ୍ୱାଇଁ, ମନୋଜ ଦାସ, ଅବସ ଦାସ, ଶୌର୍ଯ୍ୟ ସୁନ୍ଦର ସେନ, ପ୍ରଭାତ ମହାନ୍ତି, ଅବିନାଶ ସ୍ୱାଇଁ, ଦେବାନନ୍ଦ ରାଉତ ପ୍ରମୁଖ କମିଟିର କର୍ମକର୍ତା ମଂଚାସୀନ ଥିଲେ । ଏହି ଉତ୍ସବ ପାଳନରେ ଅତ୍ୟଧିକ ଜନଗହଳି ହେବା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ସହିତ ଜନସାଧାରଣଙ୍କୁ କର୍ମକର୍ତାମାନେ ନିବେଦନ କରିଥିଲେ । କମିଟିର ଉପସଭାପତି ଶ୍ରୀକାନ୍ତ ବୁଗୁଡାଇ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ତେବେ ଚନ୍ଦନ ଯାତ୍ରାର ପ୍ରଥମ ସଂଧ୍ୟାରେ ସ୍ଥାନୀୟ ମିଶ୍ରସାହିରୁ ଶ୍ରୀମଦନ ମୋହନଙ୍କ ବିଗ୍ରହକୁ ଏକ ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା ପରେ ନାବକୁ ଆଗମନ ଓ ନାବକେଳି ଅନୁଷ୍ଠିତ ହୋଇଥିଲା । ମେଳାରେ ଜିଲ୍ଲା ଓ ଜିଲ୍ଲା ବାହାରୁ ବହୁ ଦୋକାନୀ ଆସି ନିଜ ନିଜ ପସରା ମେଲାଇ ଥିବା ଦେଖିବାକୁ ମିଳିଛି । ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଳାକାରଙ୍କ ଯାଦୁକରୀ ସଙ୍ଗୀତକୁ ଦର୍ଶକମାନେ ଦୀର୍ଘ ସମୟ ଉପଭୋଗ କରିଥିଲେ । କମିଟିର ସମସ୍ତ କାର୍ଯ୍ୟକର୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ମଠସାହି ହରଗଂଗା ମନ୍ଦିରର ଚନ୍ଦନଯାତ୍ରା ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବାକୁ ଥିବା ବେଳେ ଦାମୋଦରପୁର ଓ ଗଡ଼ଗଡ଼ିଆ ଚନ୍ଦନ ଉତ୍ସବ ପାଇଁ ପ୍ରସ୍ତୁତି ଯୋରସୋର ଆରମ୍ଭ ହୋଇ ଯାଇଛି

# ରେଳ କର୍ମଚାରୀ ସଂଘ ଦ୍ୱାରା ପାନୀୟ ଜଳ ଯୋଗାଣ ସେବାକାର୍ଯ୍ୟ ଚାଲିଛି

ବାଲେଶ୍ୱର,(ନି.ପ୍ର.): ପ୍ରତିବର୍ଷ ଭଳି ଏବର୍ଷ ତା ୧୪-୦୪-୨୦୨୬ ରିଖ ଓଡ଼ିଆ ନବବର୍ଷ ଅବସରରେ 'ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ' ପକ୍ଷରୁ ବାଲେଶ୍ୱର ରେଳ ଷ୍ଟେସନ୍ ସମ୍ମୁଖରେ ଗ୍ରୀଷ୍ମଦାଉରୁ ରକ୍ଷା ନିମନ୍ତେ ପାନୀୟ ଜଳ ଆବଶ୍ୟକତା ଦୃଷ୍ଟିରୁ ଯାତାୟତ କରୁଥିବା ଯାତ୍ରୀ ତଥା ଅନ୍ୟ ସର୍ବସାଧାରଣଙ୍କ ନିମନ୍ତେ ବିଶୁଦ୍ଧ ପାନୀୟ ଜଳ ସେବାର ସୁବନ୍ଦୋବସ୍ତ କରାଯାଇଅଛି । ଉକ୍ତ ପାନୀୟ ଜଳ ଛାତ୍ରସଂଘର ସଭାପତି ଶ୍ରୀଯୁକ୍ତ ଚତୁର୍ଭୁଜ ଜେନାଙ୍କ ନେତୃତ୍ୱରେ ଆୟୋଜନ କରାଯାଇ ରେଳ ପ୍ରଶାସନିକ ଅଧିକାରୀ ଏ.ଡି.ଇ.ଏନ୍ (A.D.E.N) ଶ୍ରୀଯୁକ୍ତ ରାମ ନାରାୟଣଙ୍କ ହସ୍ତରେ ଉଦ୍‌ଘାଟିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ବାଲେଶ୍ୱର ସଦସ୍ୟ/ସଦ୍ୟା ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ । ଏମାନଙ୍କ




ମଧ୍ୟରେ ଉପଦେଷ୍ଟା - ରମେଶ ଚନ୍ଦ୍ର ଜେନା, ସମ୍ପାଦକ ରାମଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ବଙ୍କିମ ଚନ୍ଦ୍ର ପତି ତଥା ଗଗନ ଚନ୍ଦ୍ର ଦଳାଇ, ଅନୀଲ କୁମାର ଦାସ, ହରେକୃଷ୍ଣ ବେହେରା, ସୁକୁମାର ବେହେରା, ଅଭିରାମ ନାୟକ, ଗିରିଧାରୀ ବିନ୍ଧାଣୀ, ଅକ୍ଷୟ କୁମାର ପଣ୍ଡା, ସତ୍ୟରଞ୍ଜନ ରାଉତ, ପି.କେ. ଚୌଧୁରୀ, ରଘୁନାଥ ତ୍ରିପାଠୀ, ଦେବପ୍ରସାଦ ନାୟକ, ସନ୍ତୋଷ କୁମାର ଗୋଛାୟତ, ଆର.ଏନ୍. ରାଓ, କୈଳାଶ ଚନ୍ଦ୍ର ଖିଲାର, ପଦ୍ମନାଭ ସାମଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକୁ ପ୍ରଶଂସା ପୂର୍ବକ ବାଲେଶ୍ୱର ଷ୍ଟେସନ ମ୍ୟାନେଜର ସଂଘର ଆଦର୍ଶକୁ ନେଇ ନିଜ ମନ୍ତବ୍ୟରେ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମ ଅନ୍ତେ ଉକ୍ତ କାର୍ଯ୍ୟକ୍ରମ ଆସନ୍ତା ଦୁଇମାସ ପର୍ଯ୍ୟନ୍ତ ଚାଲୁରଖିବାର ଘୋଷଣା କରାଯାଇଥିଲା ।

# ବାଲେଶ୍ୱର ମ୍ୟୁନିସିପାଲିଟିରେ ଅଚଳାବସ୍ଥା

ବାଲେଶ୍ୱର(ନି.ପ୍ର.): ବାଲେଶ୍ୱର ମ୍ୟୁନିସିପାଲିଟିରେ ୩୧ଟି ୱାର୍ଡ଼ରେ କାଉନସିଲର ମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ଏଣେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଦାୟିତ୍ୱଗ୍ରହଣ କରିବା ପରେ ନୂଆବଜାର ଅଂଚଳରେ ସଫେଇକାର୍ଯ୍ୟ ଠପ୍ ହୋଇ ଯାଇଛି । ଯେଉଁମାନେ ଅଛନ୍ତି ସେମାନେ ପରିବା, ମାଛବାଲାଙ୍କର ବର୍ଜ୍ୟବସ୍ତୁ ବ୍ୟାପକ ଅର୍ଥରେ ବୋହିବାରେ ବ୍ୟସ୍ତ ରହୁଥିବା ବେଳେ ସଫେଇ କାର୍ଯ୍ୟ ଆଦୌ ହେଉ ନାହିଁ । ଏଣେ ନୂଆବଜାର ରାସ୍ତାର ଅବସ୍ଥା କହିଲେ ନ ସରେ ।

# ବାଲେଶ୍ୱର ଜିଲ୍ଲାପାଳ ପ୍ରଦାନ କଲେ ୨୦୨୭ ଜନଗଣନା ପାଇଁ ସ୍ୱୟଂକ୍ରିୟ ଗଣନା ପୋର୍ଟାଲ ବ୍ୟବହାର ସମ୍ବନ୍ଧୀୟ ସୂଚନା

## ଘରକୁ ଯାଉ ନାହାଁନ୍ତି ଜନଗଣନାକାରୀ

ବାଲେଶ୍ୱର(ନି.ପ୍ର.): ଜନଗଣନା ୨୦୨୭ ପାଇଁ ପ୍ରସ୍ତୁତି ସମ୍ପର୍କରେ ବାଲେଶ୍ୱର ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ଜନଗଣନା ଅଧିକାରୀ ସମସ୍ତ ଜିଲ୍ଲାବାସୀଙ୍କୁ ସ୍ୱୟଂକ୍ରିୟ ଗଣନା (Self Enumeration) ପୋର୍ଟାଲରେ ନିଜର ସଠିକ ତଥ୍ୟ ପ୍ରଦାନ କରିବା ପାଇଁ ଆଜି ନିବେଦନ କରିଛନ୍ତି ।ଏହି ସ୍ୱୟଂକ୍ରିୟ ଜନଗଣନା ପ୍ରକ୍ରିୟା ଅପ୍ରେଲ ୧ ରୁ ଅପ୍ରେଲ ୧୫ ମଧ୍ୟରାତ୍ର ପର୍ଯ୍ୟନ୍ତ se.census.gov.in ପୋର୍ଟାଲରେ ଉପଲବ୍ଧ ରହିବ । ଜିଲ୍ଲାବାସୀ ନିଜ ଘରେ ବସି ସହଜରେ ଏହି ପୋର୍ଟାଲ ମାଧ୍ୟମରେ ପରିବାର ସମ୍ବନ୍ଧୀୟ ତଥ୍ୟ ଅନଲାଇନରେ ଭରି ପାରିବେ ।ଜନଗଣନା ଭାରତର ଉନ୍ନତି ଓ ଯୋଜନାମୂଳକ ପ୍ରଗତି ପାଇଁ ଏକ ଅତ୍ୟନ୍ତ ମୂଲ୍ୟବାନ ଏବଂ ଆବଶ୍ୟକ ପ୍ରକ୍ରିୟା । ଏହା ଦ୍ୱାରା ସରକାର ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଯୋଜନା ପ୍ରସ୍ତୁତ କରିପାରେ ଏବଂ ସାମାଜିକ ଓ ଅର୍ଥନୈତିକ ବିକାଶକୁ ଦ୍ରୁତ କରିପାରେ । ଏହି ପରିପ୍ରେକ୍ଷୀରେ, ସମସ୍ତ ଜିଲ୍ଲାବାସୀ ଏହି ସ୍ୱୟଂକ୍ରିୟ ଗଣନା ପୋର୍ଟାଲର ସୁବିଧା ନେଇ ନିଜର ସଠିକ ତଥ୍ୟ ଦାଖଲ କରି ଜନଗଣନା ୨୦୨୭କୁ ସଫଳ କରିବାରେ ସହଯୋଗ କରନ୍ତୁ । ବୋଲି ଜିଲ୍ଲାପାଳ ଅନୁରୋଧ କରିଛନ୍ତି । ପ୍ରକାଶ ଯେ, ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜନଗଣନାକରାରୀ ଘରକୁ ଘର ୩୩ଟି ତଥ୍ୟ ଆଦାୟ କରିବାକୁ ପହଂଚିଲା ବେଳେ ଗୃହକର୍ତାଙ୍କ ମାରପିଟ୍, ଅଶାଳୀନ ଭାଷା ପ୍ରୟୋଗ, ପରବର୍ତୀ ସମୟରେ ରାଜ୍ୟ ସରକାର ପୋଲିସ ଯୋଗାଇବା କିନ୍ତୁ ତୃଣମୂଣ ସ୍ତରରେ ପିଆରଆଇ ମେମ୍ବର ବା ରାଜ୍ୟସରକାର ଓ ପ୍ରଶାସନ ଏଯାଏଁ ଜନସାଧାରଣଙ୍କୁ ପର୍ଯ୍ୟାପ୍ତ ପରିମାଣରେ ସଚେତନ ନ କରାଇବା ଫଳରେ ଏବେ ଗଣ୍ଡଗୋଳ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏଣେ ଜନଗଣନାକାରୀ ଭୟଭିତ ହୋଇ ଘରକୁ ଘର ନ ଯିବା ବେଳେ ଅନେକ ଆଶାୟୀ ଗୃହକର୍ତା ସେମାନଙ୍କୁ ଅପେକ୍ଷା କରି ଚାତକ ଭଳି ରହିଁଛନ୍ତି ।



# ପୁଞ୍ଜି ଏବଂ ଶ୍ରମର ମୂଲ୍ୟ ଏକ ସମାନ: ଶ୍ରମିକ ଅଧିକାର ସମ୍ପର୍କରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ପାଇଁ ଆହ୍ୱାନ

ଅନୁଗୁଳ(ନିପ୍ର): ଭାରତୀୟ ମଜଦୁର ସଂଘର ଓଡ଼ିଶା ରାଜ୍ୟ ସଭାପତି ବାଦଲ ମହାରଣା ଦେଶର ଶିଳ୍ପ କ୍ଷେତ୍ରରେ ଶ୍ରମିକଙ୍କ ଶୋଷଣ, ଶ୍ରମିକ ସଂଗଠନର ସ୍ୱାଧୀନତାରେ ପ୍ରତିବନ୍ଧକ ଏବଂ ଛଟେଇର ବର୍ଦ୍ଧିତ ଘଟଣା ବିରୁଦ୍ଧରେ ସାମ୍ବିଧାନିକ ହସ୍ତକ୍ଷେପ ଦାବି କରି ଭାରତର ରାଷ୍ଟ୍ରପତିଙ୍କୁ ଏକ ଖୋଲା ସ୍ମାରକପତ୍ର ପ୍ରଦାନ କରିଛନ୍ତି । ରାଷ୍ଟ୍ରପତିଙ୍କୁ ଲେଖା ଯାଇଥିବା ଚିଠିରେ ବାଦଲ ମହାରଣା ସ୍ୱଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି, 'ପୁଞ୍ଜି ଏବଂ ଶ୍ରମକୁ ସମାନ ମୂଲ୍ୟ ଦିଆଯିବା ଉଚିତ । ଆମେ ଆମର ଅଧିକାର ଦାବି କରୁଛୁ; ଆମେ କାହାଠାରୁ ଭିକ୍ଷା ମାଗୁନାହୁଁ ।' ସେ ଅଭିଯୋଗ କରିଛନ୍ତି ଯେ ଶ୍ରମିକମାନଙ୍କୁ ନିଜକୁ ସଂଗଠିତ କରିବାରୁ ବିଦ୍ଧିବଧ ଭାବେ ଷଡ଼ଯନ୍ତ୍ର କରି କରିବାକୁ ଦିଆଯାଉ ନାହିଁ - କେବଳ ନୋଏଡାରେ ନୁହେଁ ବରଂ ଓଡ଼ିଶା ସମେତ ଅନ୍ୟ ରାଜ୍ୟର ଶିଳ୍ପ ଉଦ୍ୟୋଗ ଗୁଡ଼ିକରେ - ସମାନ ପରିସ୍ଥିତି ପରିଲକ୍ଷିତ ହେଉଛି, ଯେଉଁମାନେ ଲୋକଙ୍କୁ ସଙ୍ଗଠିତ କରିବାକୁ ପ୍ରାୟାସ କରୁଛନ୍ତି ସେମାନଙ୍କୁ ବିନା କାରଣରେ ବା ମିଥ୍ୟା ଅଭିଯୋଗ କରି ବାଧ୍ୟତାମୂଳକ ଭାବରେ ଛଟେଇର । ସ୍ମାରକପତ୍ରରେ ସାତଟି ପ୍ରମୁଖ ଦାବି ଉପସ୍ଥାପନ କରି, ସେ ଦେଶବ୍ୟାପୀ ଛଟେଇ ହୋଇଥିବା ଶ୍ରମିକଙ୍କ ବିଷୟରେ ବ୍ୟାପକ ତଥ୍ୟ ସଂଗ୍ରହ ଏବଂ ପରବର୍ତ୍ତୀ ସମୟରେ ସେମାନଙ୍କର ପୁନଃସ୍ଥାପନ ପାଇଁ ନିବେଦନ କରିଛନ୍ତି - ସେ ଉଲ୍ଲେଖ କରିଛନ୍ତି ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ ଜୀବନ ଏବଂ ମର୍ଯ୍ୟାଦାର ମୌଳିକ ଅଧିକାର ପ୍ରଦାନ କରୁଛି । ଏହା ବ୍ୟତୀତ, ସେ ଶ୍ରମିକମାନଙ୍କୁ ଶ୍ରମିକ ସଂଗଠନ ଏବଂ ନେତୃତ୍ୱ ନେବାର ସ୍ୱାଧୀନତା ପ୍ରଦାନ କରିବାକୁ ଅଧିକାର ପ୍ରଦାନ କରିଛି । ଧାରା ୧୯(୧)(ମ) ଅନୁଯାୟୀ ଶ୍ରମିକ ମାନଙ୍କୁ ମୌଳିକ ଅଧିକାର ପ୍ରଦାନ କରା ଯାଇଛି । ପ୍ରତ୍ୟେକ ଶିଳ୍ପ,



ଉଦ୍ୟୋଗ ପ୍ରତିଷ୍ଠାନ ଏବଂ ଖଣିରେ ଏକ ଶ୍ରମିକ ସଂଘର ବାଧ୍ୟତାମୂଳକ ଉପସ୍ଥିତି ସୁନିଶ୍ଚିତ କରିବା ପାଇଁ ସେ ଦାବି ଉଠାଇଛନ୍ତି, ଯାହା ଦ୍ୱାରା ଏକ ସଂସ୍ଥାଗତ ସ୍ତରରେ ଶ୍ରମିକ ବିବାଦର ସମାଧାନ ସମ୍ଭବ ହୋଇପାରିବ । ଏହା ସହିତ, ଦେଶର ସମସ୍ତ ପ୍ରତିଷ୍ଠାନରେ/ଉଦ୍ୟୋଗରେ ନିୟମିତ ଶ୍ରମିକ ଅଡିଟ୍ ର ଆବଶ୍ୟକତା ରହିଛି । ସେ ଗୁରୁତ୍ୱାରୋପ କରିଛନ୍ତି ଯେ, ଲାଭଖୋର ମନୋବୃତି ରଖି ମାଲିକ ମାନେ ଆବଶ୍ୟକ ଶ୍ରମିକ ନିଯୁକ୍ତ ନ କରି ସ୍ୱଳ୍ପ ସଂଖ୍ୟାରେ ଅତ୍ୟଧିକ କାର୍ଯ୍ୟ ଚାପ ନ ଦିଆଯାଏ ତାହା ନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି କହିଛନ୍ତି । ସ୍ଥାୟୀ ପ୍ରକୃତିର କାର୍ଯ୍ୟକୁ ଠିକା କର୍ମଚାରୀଙ୍କୁ ନ୍ୟସ୍ତ କରାଯାଉଛି କି ନାହିଁ, ଏବଂ ସମସ୍ତ ଶିଳ୍ପ ରେ ଆବଶ୍ୟକ ସଂଖ୍ୟକ ସ୍ଥାୟୀ କର୍ମଚାରୀ ରଖିଛନ୍ତି କି ନାହିଁ ସେ ସମ୍ପର୍କରେ ମଧ୍ୟ ମହାରଣା ପ୍ରାସଙ୍ଗିକ ପ୍ରଶ୍ନ ଉଠାଇଛନ୍ତି । ସେ ପ୍ରସ୍ତାବ ଦେଇଛନ୍ତି ଯେ ପ୍ରତ୍ୟେକ ଟେଣ୍ଡର ପ୍ରକ୍ରିୟାରେ ଲେବର କମ୍ପୋନେଂଟ' ବିଷୟକୁ ବାଧ୍ୟତା ମୂଳକ କରିବାର ଆବଶ୍ୟକତା ରହିବା ଉଚିତ । ଶ୍ରମିକଙ୍କ ପ୍ରକୃତ ଉପସ୍ଥିତି ଓ ନିଯୁକ୍ତିରର ଯାଂଚ ଯୋଗ୍ୟ ଓ ଭରୋସା ଯୋଗ୍ୟ ପ୍ରମାଣ ସୁରକ୍ଷିତ କରିବା ପାଇଁ ଏକ ମୁହଁ ଚିହ୍ନଟ ଉପସ୍ଥିତି (ଫେସ୍ ଡିଟେକ୍ଟ) ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ବାଧ୍ୟତା ମୂଳକ କରାଯିବା ଜରୁରୀ । ଏହା ଦ୍ୱାରା ଶ୍ରମିକଙ୍କୁ ଡରେଇ ଧମକାଇ ଅଧିକ ଘଂଟା କାର୍ଯ୍ଯ ନିୟୋଜନ ଉପରେ ଅଙ୍କୁଶ ଲାଗିବ । ସ୍ମାରକପତ୍ରରେ ଆହୁରି ଦୃଢ଼ ଭାବରେ କୁହାଯାଇଛି ଯେ ଶ୍ରମିକମାନଙ୍କୁ କେବଳ ସାମଗ୍ରୀ, ବସ୍ତୁ ଭାବରେ ଦେଖିବାର ପ୍ରଚଳିତ ପ୍ରବୃତି ବନ୍ଦ ହେବା ଉଚିତ, ଏବଂ ସେମାନଙ୍କୁ ପୂର୍ଣ୍ଣ ମର୍ଯ୍ୟାଦା ଏବଂ ନାଗରିକ ଅଧିକାରର ଯୋଗ୍ୟ ନାଗରିକ ଭାବରେ ବ୍ୟବହାର କରାଯିବା ଉଚିତ । ଏକ ଅନ୍ତର୍ଜାତୀୟ ଦୃଷ୍ଟିକୋଣକୁ ଉଦ୍ଧୃତ କରି ସେ ଉଲ୍ଲେଖ କରିଛନ୍ତି ଯେ ଆଇସଲ୍ୟାଣ୍ଡରେ ପ୍ରାୟ ୯୭ ପ୍ରତିଶତ ଶ୍ରମିକ - ଏବଂ ସ୍ୱିଡେନରେ, ୭୦ ପ୍ରତିଶତରୁ ଅଧିକ - ଶ୍ରମିକ ସଂଘ ସହିତ ଜଡିତ; ଏହା ଶ୍ରମିକ ବିବାଦ ହ୍ରାସ କରିଥାଏ ଏବଂ ଶ୍ରମିକଙ୍କ ଅଧିକାର ସୁଦୃଢ଼ ??ରହିବାକୁ ନିଶ୍ଚିତ କରେ । ଭାରତୀୟ ମଜଦୁର ସଂଘ (ଇଗଝ) ର ମତ ସ୍ୱଷ୍ଟ କରି ମହାରଣା କହିଛନ୍ତି ଯେ ସଂଗଠନ ଶାନ୍ତିପୂର୍ଣ୍ଣ ସଂଘର୍ଷ ଏବଂ ନିରନ୍ତର ଆଲୋଚନାରେ ବିଶ୍ୱାସ ରଖେ । ସେ ଉଲ୍ଲେଖ କରିଛନ୍ତି ଯେ ରାଷ୍ଟ୍ରର ବିକାଶରେ ପୁଞ୍ଜି ଏବଂ ଶ୍ରମିକଙ୍କ ଝାଳ ସମାନ ମୂଲ୍ୟ ରଖେ, ଏବଂ ଶିଳ୍ପ, ଶ୍ରମିକ ଏବଂ ରାଷ୍ଟ୍ରର ସ୍ୱାର୍ଥକୁ ସମନ୍ୱିୟ ରଖି ସ୍ୱଷ୍ଟ ନୀତି ଅତ୍ୟାବଶ୍ୟକ । ସ୍ମାରକ ପତ୍ରରେ ଲାଭଖୋର ଏବଂ କମିଶନ ନେବା ଶ୍ରମିକ ଶୋଷଣର ବାସ୍ତବିକ କାରଣ ଅଟେ । ଦାବି କରାଯାଇଛି ଯେ ଶ୍ରମ ଓ ଶ୍ରମିକ କ୍ଷେତ୍ରରେ ଯଦି ପାରଦର୍ଶିତା ସହିତ ଶ୍ରମିକ ସଂଘ ଗୁଡ଼ିକର ସ୍ୱାଧୀନତା ସୁନିଶ୍ଚିତ କରାଯାଏ, ତେବେ ଏହା କେବଳ ଶ୍ରମିକଙ୍କ ଜୀବନ ଧାରଣର ମାନଦଣ୍ଡରେ ଉନ୍ନତି ଆଣିବ ନାହିଁ ବରଂ ଦେଶର ଉତ୍ପାଦନ କ୍ଷମତାକୁ ମଧ୍ୟ ବୃଦ୍ଧି କରିବ । ଶେଷରେ, ଇଗଝ ରାଜ୍ୟ ସଭାପତି ବାଦଲ ମହାରଣା ରାଷ୍ଟ୍ରପତିଙ୍କୁ ଏହି ମାମଲାରେ ଶ୍ରମିକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ସାମ୍ବିଧାନିକ ଏବଂ ଆଇନଗତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି ।

# ଫକୀରମୋହନ ମହାବିଦ୍ୟାଳୟର ୩୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ନୀଳଗିରି(ନିପ୍ର): ନୀଳଗିରି ଉପଖଣ୍ଡ ନିକଟସ୍ଥ ରେ ଥିବା ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ୩୨ତମ ବାର୍ଷିକ ପୁରାତନ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଏହି ଗୌରବମୟ ଉତ୍ସବରେ ନୀଳଗିରି ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆଙ୍କୁ ତାଙ୍କର ସାମାଜିକ ପ୍ରତିବଦ୍ଧତା ଏବଂ ଜନସେବା ପାଇଁ ଅନୁଷ୍ଠାନ ପକ୍ଷରୁ ମର୍ଯ୍ୟାଦାଜନକ 'ଛାତ୍ର ଗୌରବ ସମ୍ମାନ' ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ, ଏବଂ ଅନ୍ୟାନ୍ୟ ବିଶିଷ୍ଟ ଶିକ୍ଷାବିତ୍ ଓ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ସମ୍ମାନ ଗ୍ରହଣ କରିବା ଅବସରରେ ବିଧାୟକ ଶ୍ରୀ ଖଟୁଆ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ, 'ନିଜର ଶିକ୍ଷାନୁଷ୍ଠାନରୁ ସମ୍ମାନିତ ହେବା ଜୀବନର ସବୁଠାରୁ ବଡ଼ ଉପଲବ୍ଧି । ଏହି ଅନୁଷ୍ଠାନର ଶିକ୍ଷା ଓ ସଂସ୍କାର ହିଁ ମୋତେ ସମାଜସେବା ପାଇଁ ପ୍ରେରଣା ଦେଇଛି । ଏହି ସମ୍ମାନ ମୋ ପାଇଁ କେବଳ ଏକ ପୁରସ୍କାର ନୁହେଁ ବରଂ ଜନସାଧାରଣଙ୍କ ସେବା ପାଇଁ ଏହା ଏକ ନୂତନ ଦାୟିତ୍ୱ । ମୁଁ ଏଥିପାଇଁ ମୋର ଗୁରୁଜନ ଏବଂ ପୁରାତନ ଛାତ୍ର ସଂସଦ ପାଖରେ ସଦା ଋଣୀ । ଏହି ଅବସରରେ ମହାବିଦ୍ୟାଳୟର ଶତାଧିକ ପୁରାତନ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ନିଜର ଅତୀତର ସ୍ମୃତି ଚାରଣ କରିବା ସହ ବିଧାୟକଙ୍କୁ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ ।

# ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ




କଟକ(ନିପ୍ର): ଓଡ଼ିଶା ପ୍ରାଣୀ ଚିକିତ୍ସା ସମିତି, କଟକ ଶାଖା ତରଫରୁ ଅଧ୍ୟକ୍ଷ ଡ଼ଃ ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ - ୨୦୨୬ କଟକ କଲେଜ ଛକସ୍ଥିତ ହୋଟେଲ ଅଶୋକାରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସର ବାର୍ତ୍ତା ହେଲା - ''ପ୍ରାଣୀ ଚିକିତ୍ସକମାନେ : ଖାଦ୍ୟ ଓ ସ୍ୱାସ୍ଥ୍ୟର ଅଭିଭାବକ' । ତେଣୁ ପ୍ରାଣୀଜ ଖାଦ୍ୟ ନିରାପତା ଏବଂ ପ୍ରାଣୀ ଠାରୁ ମନୁଷ୍ୟକୁ ବ୍ୟାପୁଥିବା ବିଭିନ୍ନ ରୋଗ ଯଥା - ବାର୍ଡଫ୍ଲୁ, ଜଳାତଙ୍କ, ଆନ୍ତ୍ରାକ୍ସ, ଯକ୍ଷ୍ମା, ବ୍ରୁସେଲ୍ଲା ଆଦିକୁ ରୋକିବା ଏବଂ ବିଭିନ୍ନ ପ୍ରାଣୀଜ ପୃଷ୍ଟିସାର ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ ବୃଦ୍ଧିରେ ପ୍ରାଣୀ ଚିକିତ୍ସକମାନଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ଆଜିର ଅତିଥିମାନେ ନିଜର ବକ୍ତବ୍ୟ ରଖି କହିଥିଲେ । ଏହି ଉତ୍ସବର ମୁଖ୍ୟ ଅତିଥି ଭାବେ ଓଡିଶା ପ୍ରାଣୀ ଚିକିତ୍ସା ସମିତିର ରାଜ୍ୟ ସଭାପତି ତଥା ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନର ଡିନ ପ୍ରଫେସର ଡ଼ଃ ସୁଶାନ୍ତ କୁମାର ଦାସ ଏହି ଉତ୍ସବକୁ ଉଦଘାଟନ କରି ସୁସ୍ଥ ମାନବ ସମାଜ ଗଠନରେ ପ୍ରାଣୀ ଚିକିତ୍ସକମାନଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ । ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡ଼ଃ ସୁଶାନ୍ତ କୁମାର ଦାସ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ସମିତିର ସମ୍ପାଦକ ଡ଼ଃ କେଶବ ଚରଣ ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ ସମିତିର ଅଗ୍ରଗତି ଉପସ୍ଥାପନା କରିଥିଲେ । ଏହାପରେ ମୁଖ୍ୟ ଅତିଥି ଡ଼ଃ ମହାନ୍ତି, ସମିତିର ସଦସ୍ୟ ଡ଼ଃ ବଳରାମ ମିଶ୍ର ଏବଂ ସମ୍ପାଦକ ଡ଼ଃ କେଶବ ଚରଣ ମହାନ୍ତିଙ୍କୁ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ଉତ୍ସର୍ଗୀକୃତ ସେବା ପ୍ରଦାନ ପାଇଁ ଚଳିତ ବର୍ଷ-୨୦୨୬ ର 'ଡ଼ଃ ଶରତ ଚନ୍ଦ୍ର ସାହୁ ସ୍ମୃତି ସମ୍ମାନ' ପ୍ରଦାନ ସହିତ ମାନପତ୍ର, ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ସ୍ମୃତି ସମ୍ମାନ ବିଷୟରେ ସ୍ୱର୍ଗତ ଡ଼ଃ ଶରତ ଚନ୍ଦ୍ର ସାହୁ ଝିଅ ଡ଼ଃ ଶୁଚିସ୍ମିତା ସାହୁ ବର୍ଣ୍ଣନା କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରାଣୀ ପାଳନ ସମିତିର ସମ୍ପାଦକ ଡ଼ଃ ବୀର କିଶୋର ପରିଡା, ଯୁଗ୍ମ ସମ୍ପାଦକ ଡ଼ଃ ପି. କେ. ଦାସ ଏବଂ କୋଷାଧ୍ୟକ୍ଷ ଡ଼ଃ ବିଚିତ୍ରା ନନ୍ଦ ସାହୁ, ଡ଼ଃ ସୁଚନ୍ଦ୍ର । କିଶୋର ରାୟ ଯୋଗଦାନ କରି ଖାଦ୍ୟର ଗୁଣବତା ଓ ଏକକ ସ୍ୱାସ୍ଥ୍ୟ ଉପରେ ନିଜ ବକ୍ତବ୍ୟରେ ଗୁରୁତ୍ୱାରୋପ କରିଥିଲେ । ସଭା ଶେଷରେ ଡ଼ଃ ବୀର କିଶୋର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଝାରସୁଗୁଡା ପୋଲିସ ନ କଲି ବି.ଏଡ୍ ପ୍ରବେଶ ରାକେଟର ପର୍ଦ୍ଦାଫାସ

ଝାରସୁଗୁଡା(ନିପ୍ର): ଝାରସୁଗୁଡା ପୋଲିସ ଏକ ଠକ ବି.ଏଡ୍ ପ୍ରବେଶ ରାକେଟର ପର୍ଦ୍ଦାଫାସ କରିଛି ଯାହା ଆନ୍ଧ୍ରପ୍ରଦେଶର କଲେଜରେ ପ୍ରବେଶର ମିଥ୍ୟା ପ୍ରତିଶ୍ରୁତି ଦେଇ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ଠକୁଥିଲା । ଅଭିଯୁକ୍ତମାନେ ଅନୌପଚାରିକ ବ୍ୟବସ୍ଥା ମାଧ୍ୟମରେ ୭ ହିଲ୍ସ ବି.ଏଡ୍ କଲେଜ ଏବଂ ଗୁଂଟୁର ଜିଲ୍ଲାର ଭିନୁକୋଣ୍ଡାର ରାମକୃଷ୍ଣ ବି.ଏଡ୍ କଲେଜରେ ବି.ଏଡ୍ ପ୍ରବେଶ ପାଇପାରିବେ ବୋଲି ମିଥ୍ୟା ଦାବି କରି ଛାତ୍ରମାନଙ୍କୁ ଟାର୍ଗେଟ କରୁଥିଲେ । ସେମାନେ ଆଶାୟୀମାନଙ୍କଠାରୁ ଟଙ୍କା ସଂଗ୍ରହ କରୁଥିଲେ, ପ୍ରତି ଛାତ୍ର ପାଇଁ ଟ.୨୫,୦୦୦ ରୁ ଟ.୩୦,୦୦୦ କମିଶନ ନେଉଥିଲେ । ବର୍ତ୍ତମାନର ମାମଲାରେ, ଅଭିଯୁକ୍ତ ଚିତରଞ୍ଜନ ବାରିକ ବି.ଏଡ୍ ପ୍ରବେଶର ପ୍ରତିଶ୍ରୁତି ଦେଇ ଅନେକ ଛାତ୍ରଙ୍କଠାରୁ ଟଙ୍କା ସଂଗ୍ରହ କରିଥିଲେ । କୌଣସି ପ୍ରବେଶ ପ୍ରଦାନ କରାଯାଇ ନଥିଲା, କିମ୍ବା ଟଙ୍କା ଫେରସ୍ତ କରାଯାଇ ନଥିଲା । ପୀଡିତମାନଙ୍କୁ ଠକିବା ପାଇଁ, ସେ ପ୍ରବେଶ ପ୍ରକ୍ରିୟାକରଣ ହୋଇଥିବା ଦର୍ଶାଇବା ପାଇଁ ଜାଲ୍ ପ୍ରବେଶ ସମ୍ବନ୍ଧୀୟ କାଗଜପତ୍ର ମଧ୍ୟ ତିଆରି କରିଥିଲେ । ପୋଲିସ ସ୍ୱଷ୍ଟ କରିଛି ଯେ ଅଭିଯୁକ୍ତଙ୍କ ଦାବି ଅନୁଯାୟୀ କୌଣସି ସ୍ୱୀକୃତିପ୍ରାପ୍ତ ଦୂରତା-ମୋଡ୍ ବି.ଏଡ୍ ପାଠ୍ୟକ୍ରମ ନାହିଁ । ବି.ଏଡ୍ ହେଉଛି ଘଉଞ୍ଚର ଏବଂ ବିଶ୍ୱବିଦ୍ୟାଳୟ ମାନଦଣ୍ଡ ଦ୍ୱାରା ନିୟନ୍ତ୍ରିତ ଏକ ନିୟମିତ ପାଠ୍ୟକ୍ରମ । ଦୂରଶିକ୍ଷାର ମିଥ୍ୟା ପ୍ରତିଶ୍ରୁତି ଦେଇ ଛାତ୍ରମାନଙ୍କୁ ଭ୍ରମିତ କରାଯାଇଥିଲା । ତଦନ୍ତରୁ ଜଣାପଡିଛି ଯେ 'ୱାନ୍ ୱାର୍ଲ୍ଡ ଏକାଡେମୀ' ଚିତରଞ୍ଜନ ବାରିକ, ଆଲୋକ କୁମାର ପାତ୍ର ଏବଂ ସଂଗ୍ରାମ କେଶରୀଙ୍କ ଦ୍ୱାରା ମିଳିତ ଭାବରେ ପରିଚାଳିତ ହେଉଥିଲା । ଚିତରଞ୍ଜନ ବାରିକ ଏବଂ ରୀମା ଦାସଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇଛି । ଅଧିକ ପୀଡିତଙ୍କୁ ଖୋଜିବା ଏବଂ ରାକେଟ ପଛରେ ଥିବା ସମ୍ପୂର୍ଣ୍ଣ ନେଟୱାର୍କକୁ ଉନ୍ମୋଚନ କରିବା ପାଇଁ ଅଧିକ ତଦନ୍ତ ଚାଲିଛି । ଝାରସୁଗୁଡା ପୋଲିସ ପ୍ରବେଶ ନେବା କିମ୍ବା ଦେୟ ଦେବା ପୂର୍ବରୁ ଘଉଞ୍ଚର ଏବଂ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ସହିତ ଯେକୌଣସି ପ୍ରତିଷ୍ଠାନର ସ୍ୱୀକୃତି, ସମ୍ପୃକ୍ତି ଏବଂ ପ୍ରାମାଣିକତା ଯାଂଚ କରିବାକୁ ଛାତ୍ର ଏବଂ ଅଭିଭାବକମାନଙ୍କୁ ଅନୁରୋଧ କରିଛି । ଯେକେହି ଠକେଇ କରିଛନ୍ତି ।

# 'ଗୋ-ସମ୍ମାନ ଆହ୍ୱାନ ଅଭିଯାନ' ପ୍ରସ୍ତୁତି ବୈଠକ



ବାରିପଦା(ନିପ୍ର): ଆସନ୍ତା ୨୭ ଏପ୍ରିଲ ୨୦୨୬ ରେ ଅନୁଷ୍ଠିତ ହେବାକୁ ଯାଉଥିବା ଐତିହାସିକ 'ଗୋ-ସମ୍ମାନ ଆହ୍ୱାନ ଅଭିଯାନ'ର ସଫଳତା ଏବଂ ପ୍ରତ୍ୟେକ ତହସିଲ୍ ସ୍ତରରେ ସଙ୍କୀର୍ତ୍ତନ ଯାତ୍ରା ଆୟୋଜନ ନିମନ୍ତେ ଏକ ଜରୁରୀ ପ୍ରସ୍ତୁତି ବୈଠକ ଲକ୍ଷ୍ମୀନାରାୟଣ ମନ୍ଦିରରେ ଅନୁଷ୍ଠିତ ହୋଇ ଯାଇଛି । ବୈଠକରେ ଉପସ୍ଥିତ ଥିବା ଗୋ ସୁରକ୍ଷା ଅଭିଯାନ କର୍ମକର୍ତ୍ତା ସୌରଜ କୁମାର ବେନ୍ତାଳ, ସାନୁ ରଣା, ଦେବାଶିଷ ଦତ ଅମିତ୍ ନାୟକ, ନନିଗୋପାଲ୍ ଦାସ, ଶୁଭମ୍ ତ୍ରିପାଠୀ, ଦେବାଶିଷ୍ ପାଇକରାୟ, ପ୍ରଦୀପ ଭଞ୍ଜଦେଓ, ବିକାଶ୍ ଶର୍ମା, ଯୋଗେଶ ଦଣ୍ଡପାଟ, ଦିବାକର ତ୍ରିପାଠୀ, ମାନସ ପାତ୍ର, ଯତୀନ୍ଦ୍ର ମହାପାତ୍ର, ଚନ୍ଦନ ନାୟକ ବୈଠକରେ ଉପସ୍ଥିତ ରହି ଆଲୋଚ୍ୟ ବିଷୟ ଉପରେ ଆଲୋଚନା କରିଥିଲେ । ତହସିଲ୍ ସ୍ତରରେ ସଙ୍କୀର୍ତ୍ତନ, ଯାତ୍ରାର ରୂପରେଖ । ଅଭିଯାନର ପ୍ରଚାର ଓ ପ୍ରସାର । କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ବଂଟନ । ଗୋ-ମାତାଙ୍କ ସମ୍ମାନ ଓ ସୁରକ୍ଷା ପାଇଁ ଏକ ବିଶାଳ ଶୋଭାଯାତ୍ରା ବାରିପଦା ଜଗନ୍ନାଥ ମନ୍ଦିରରୁ ଆରମ୍ଭ ହୋଇ ବାରିପଦା ତହସିଲଦାର କାର୍ଯ୍ୟାଳୟ ଠାରେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ମହାମହିମ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯିବା ସହ ସାଧାରଣର ଗୋପ୍ରେମୀ, ଗୋରକ୍ଷକମାନଙ୍କ ବହୁମୂଲ୍ୟ ସମୟ ଓ ଉପସ୍ଥିତି ଏକାନ୍ତ କାମ୍ୟ ପାଇଁ ଗୋ ସୁରକ୍ଷା ଅଭିଯାନ କର୍ମୀମାନଙ୍କ ବୈଠକରେ ଆଲୋଚନା ହୋଇଥିଲା ।

# ଜିଲ୍ଲା ରାଜସ୍ୱ ଅମଲା ସଂଘର ପ୍ରାକ୍ ନିର୍ବାଚନ ବୈଠକ



କେନ୍ଦୁଝର(ନିପ୍ର): କେନ୍ଦୁଝର ସଦର ବ୍ଲକ ସଭାଗୃହ ଠାରେ ଓଡିଶା ରାଜସ୍ୱ ଅମଲା ସଂଘ, ଜିଲ୍ଲା ଶାଖା କେନ୍ଦୁଝରର ଆଗାମୀ ତିନିବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନର ପ୍ରସ୍ତୁତି ବୈଠକ ସଭାପତି ଜିତେନ୍ଦ୍ର କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି । ମଂଚାସୀନ ଅତିଥି ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ମହାନ୍ତି, ଜିଲ୍ଲା ସଂଘର ଉପଦେଷ୍ଟା କୈଳାସ ଚନ୍ଦ୍ର ମଲ୍ଲିକ, ସାଧାରଣ ସଂପାଦକ ପ୍ରଭାତେନ୍ଦୁ ନାଏକ, ଜିଲ୍ଲା ସଂଘର କାର୍ଯ୍ୟକାରୀ ସଭାପତି ସଚିନ ପଣ୍ଡା ପ୍ରମୁଖ ଯୋଗଦାନ କରିବା ସହିତ ସଭାପତି ଓ ସଂପାଦକ ଚମ୍ପୁଆ ଏବଂ ଆନନ୍ଦପୁର ବୈଠକ ଉପରେ ବିସ୍ତୃତ ବିବରଣୀ ଆଲୋକପାତ କରିଥିଲେ । ସଭାପତି ଓ ସଂପାଦକ ପ୍ରକାଶ କରିଥିଲେ ଯେ ମାର୍ଚ୍ଚ ୨୦୨୬ ଠାରୁ ସଂଘ କର୍ମକର୍ତ୍ତାମାନଙ୍କ କାର୍ଯ୍ୟକାଳ ସରି ଯାଇଥିବାରୁ ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ ପ୍ରସ୍ତାବ ରଖିଥିଲେ । ଆଲୋଚନାରେ ଭାଗ ନେଇ ରାଜ୍ୟ କାର୍ଯ୍ୟକାରୀ ଉପସଭାପତି ସଂଘର ଆଇନ କାନୁନ୍ ଅନୁସାରେ ନିର୍ବାଚନ କରିବାକୁ ପରାମର୍ଶ ଦେଇଥିଲେ । ଆନନ୍ଦପୁର ଓ ଚମ୍ପୁଆ ସବ୍ଡିଭିଜନ ସ୍ତରୀୟ ବୈଠକର ମତାମତ ସମସ୍ତଙ୍କୁ ଅବଗତ କରାଯିବା ସହିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ ନିଜ ନିଜର ମତାମତ ପ୍ରଦାନ କରିଥିଲେ । ସର୍ବସମ୍ମତି ନିଷ୍ପତି କ୍ରମେ ଆସନ୍ତା ମଇ ୧ ତାରିଖ ଶୁକ୍ରବାର ଦିନ ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ ଦିନ ଧାର୍ଯ୍ୟ କରାଗଲା । ନିର୍ବାଚନ କାର୍ଯ୍ୟ ପରିଚାଳନା କରିବା ପାଇଁ ସଂଘର ପୂର୍ବତନ ମୁଖ୍ୟ ଉପଦେଷ୍ଟା ରାମନାରାୟଣ ଦ୍ୱିବେଦୀଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ଏବଂ ସଂଘର ପୂର୍ବତନ ସାପତି ଜୟଗୋବିନ୍ଦ ମିଶ୍ର, ଉପଦେଷ୍ଟା କାମିନୀକାନ୍ତ ମହାନ୍ତ ଓ ବରିଷ୍ଠ ସଦସ୍ୟ ବାଚୁରାମ ଲାମାଙ୍କୁ ନିର୍ବାଚନ ଅଧିକାରୀ ଭାବେ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଗଲା । ଉକ୍ତ ବୈଠକରେ ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ସନ୍ତୋଷ କୁମାର ରଣା, ଭୁବନେଶ୍ୱର ମହାପାତ୍ର, ବିଶ୍ୱନାଥ ବାରିକ, ଜନ୍ମେଜୟ ଶତପଥି, ସୁରେଶ ଚନ୍ଦ୍ର ରଣା, ପ୍ରଦୀପ କୁମାର ସାହୁ, କେ. ସନ୍ଦୀପ କୁମାର, ଅନୁକୂଳ ମହାନ୍ତ, ସତ୍ୟବତୀ ଲାଗୁରୀ, ବବିତା ସାହୁ, ରଶ୍ମିରେଖା ପାତ୍ର, ସୋନାଲି ସସ୍ମିତା ମହାପାତ୍ରଙ୍କ ସମେତ ଶତାଧିକ କର୍ମକର୍ତ୍ତା ଯୋଗଦାନ କରି କିପରି ଶାନ୍ତି ଶୃଙ୍ଖଳାର ସହ ହୋଇପାରିବ ସହମତି ପ୍ରକାଶ କରିଥିଲେ । ସର୍ବଶେଷାର କାର୍ଯ୍ୟକାରୀ ସଭାପତି ସଚିନ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

# ଉଦ୍‌ଘାଟିତ ହେଲା ଯାଜପୁର ପ୍ରିମିୟର ଲିଗ ନାଇଟ କ୍ରିକେଟ୍ ଟୁର୍ଣ୍ଣାମେଂଟ

ଯାଜପୁର(ନିପ୍ର): ଯାଜପୁର ବ୍ଲକ ପଡିଆରେ ରକ ଫ୍ୟାମିଲି ପକ୍ଷରୁ ଆୟୋଜିତ ହୋଇଥିବା ଯାଜପୁର ପ୍ରିମିୟର ଲିଗ ନାଇଟ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦଘାଟିତ ହୋଇଯାଇଛି । ଚିତରଞ୍ଜନ ବେହୁରିଆଙ୍କ ନେତୃତ୍ୱରେ ଉଦଘାଟନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେଡି ଉପସଭାପତି ତଥା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗ ଦେଇ ଟୁର୍ଣ୍ଣାମେଂଟକୁ ଆନୁଷ୍ଠାନିକ ଭାବେ ଉଦଘାଟିତ ଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରୀଡାକୁ ସବୁବେଳେ ପ୍ରୋତ୍ସାହନ ଯୋଗାଇ ଆସୁଥିଲେ ସେଥିପାଇଁ ରାଜ୍ୟରେ ଅନେକ କ୍ରିଡାବିତ ସୃଷ୍ଟି ହୋଇପାରିଛନ୍ତି ବୋଲି ପ୍ରଣବ କହିଥିଲେ । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ରେ ପ୍ରଣବ ନିଜେ ବ୍ୟାଟିଂ କରିବା ସହ କ୍ରୀଡାବିତ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯାଜପୁର ବ୍ଲକ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡା, ଅଶୋକ ଦାସ ଫାଉଣ୍ଡେସନର ଅଧକ୍ଷ ଭବ ପ୍ରସାଦ ଦାସ, ବିଚିତ୍ରପୁର ସରପଂଚ ଦେବାଶିଷ ପଣ୍ଡା, ବ୍ଲକ ବିଜେଡି ସଭାପତି ପରେଶ ବିଶ୍ୱାଳ, ଜିଲା ବିଜେଡି ଉପସଭାପତି ଗଣେଶ ମହାକୁଡ ପ୍ରମୁଖ ଯୋଗ ଦେଇ କ୍ରୀଡାବିତ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଟୁର୍ଣ୍ଣାମେଂଟଟି ଦୁଇ ଦିନ ଧରି ଚଳିବାକୁ ଥିବା ବେଳେ ଏଥିରେ ଯାଜପୁର, ଭଦ୍ରକ, କେନ୍ଦ୍ରାପଡା ସମେତ ବିଭିନ୍ନ ଜିଲ୍ଲା ର ୧୬ ଟି ଦଳକୁ ଅଂଶ ଗ୍ରହଣ କରିଛନ୍ତି । ଏହି ଟୁର୍ନାମେଂଟରେ ଚାମ୍ପିୟାନ ଦଳକୁ ୫୦ ହଜାର ରନର୍ସ ଅପ ଦଳ ପାଇଁ ୩୦ ହଜାର ଟଙ୍କା ଆର୍ଥିକ ରାଶି ସହ ଟ୍ରଫି ରଖାଯାଇଛି । ୫ ଓଭର ବିଶିଷ୍ଟ ଏହି ଟୁର୍ଣ୍ଣାମେଂଟକୁ ଉପଭୋଗ କରିବାକୁ ଆଖପାଖ ଅଂଚଳର ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଥିଲା ।





*ସରଳତା ଓ ଗୋପନୀୟତା କେବେ ହେଲେ ବହୁକାଳ ଏକତ୍ର ରହି ପାରିବେ ନାହିଁ ।*

# ଆଜିକାଲି




*ଉତ୍ସନ୍ନ କୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ*
*ନରଃକେଂନିୟତଂ ବାସୋ*
*ଭବତୀତ୍ୟନୁଶୁଶ୍ରୁମ୍ ।*
*(ଶ୍ରୀମଦ୍ ଭଗବଦ୍ ଗୀତା)*

ଭାବାର୍ଥ :ହେ ଜନାର୍ଦ୍ଦନ ! ଯେଉଁମାନଙ୍କର କୁଳଧର୍ମ ନଷ୍ଟ ହୋଇଯାଏ, ଶାସ୍ତ୍ରମତେ ସେମାନେ ଅନିଶ୍ଚିତ କାଳ ପର୍ଯ୍ୟନ୍ତ ନରକବାସ କରନ୍ତି ବୋଲି ଆମେ ଶୁଣିଆସିଛୁ ।

## ବିପର୍ଯ୍ୟସ୍ତ ହେଉଛି ପରିବେଶ

ଦିନକୁ ଦିନ ରାଜ୍ୟରେ ପ୍ରକୃତିର ଅବକ୍ଷୟ ହେବାରେ ଲାଗିଛି । ପ୍ରତିଦିନ ଯେଉଁଠିକୁ ଯାଆନା କାହିଁକି କେବଳ ଶୂନ୍ୟତା ପରିଲକ୍ଷିତ ହେଉଛି । ରାସ୍ତାକଡ଼ରେ ଥିବା ପ୍ରକୃତିର ସବୁଜରାଜି ଯେପରି ଉପୁଡ଼ି ଯାଇଛି । କେବଳ ରାସ୍ତାଗୁଡ଼ିକ ଚଉଡା ସିନା ହୋଇ ଯାଇଛି ଗଛପତ୍ର ନଥିବା ଯୋଗୁଁ ରାସ୍ତାକଡ଼ରେ ଛିଡା ହେବା ପାଇଁ ଛାଇଟିକେ ନାହିଁ। ପଥଚଲା ପଥିକ ହେଉ କିମ୍ବା ଗାଡ଼ି ଚାଳକ ହେଉନା କାହିଁକି ଖରା ତାତିରୁ ନିବୃତି ପାଇଁ ଗଛ ନଥିବା ଯୋଗୁଁ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି । ଏହାସହ ପାନୀୟ ଜଳର ମଧ୍ୟ ଘୋର ଅଭାବ ଦେଖାଯାଉଛି । ବିଶେଷ ଭାବେ ଜଳ ପାନୀୟ ସହ କୃଷି କାର୍ଯ୍ୟରେ ବ୍ୟବହୃତ ହେଉଥିବା ବେଳେ ପାଣି ମଧ୍ୟ ସ୍ୱାଚ୍ଛ ଓ ଶୁଦ୍ଧ ନୁହେଁ । ଏଥିପାଇଁ ଛୋଟ ପିଲା ଠାରୁ ଆରମ୍ଭ କରି ବୟସ୍କ ମାନେ ମଧ୍ୟ ଦୂଷିତ ଜଳ ଯୋଗୁଁ ରୋଗରେ ପୀଡ଼ିତ ହେଉଥିବା ଦେଖାଯାଉଛି । ବିଭିନ୍ନ ଶିଳ୍ପସଂସ୍ଥା ଗୁଡ଼ିକର ବର୍ଜ୍ୟବସ୍ତୁ, କଳକାରଖାନରୁ ନିର୍ଗତ ବିଷାକ୍ତ ଦ୍ରବ୍ୟ ଇତ୍ୟାଦି ପ୍ରାୟ ନଦୀ ଗୁଡ଼ିକରେ ମିଶୁଥିବାରୁ ପାଣି ତା'ର ଶୁଦ୍ଧତା ହରାଇବା ସହ ବିଷାକ୍ତ ହୋଇ ପଡୁଛି । ପୁଣି କିଛି ଅପରିଣାମଦର୍ଶୀ ବ୍ୟକ୍ତିମାନଙ୍କ ପାଇଁ ନଦୀର ଗଭୀର ଜଳରେ ଡିନାମାଇଟ୍ ବିସ୍ଫୋରଣ କରି ମାଛ ଧରନ୍ତି । ଯାହାଦ୍ୱାରା କି ନଦୀର ଜଳ ବିଷାକ୍ତ ହୋଇପଡ଼େ । ଏହା ବ୍ୟତୀତ ଶସ୍ୟ କ୍ଷେତ୍ରରେ ବ୍ୟବହାର କରାଯାଉଥିବା ନାନା ପ୍ରକାର ରାସାୟନିକ ସାର, ଔଷଧ ଇତ୍ୟାଦି ନଦୀ ଜଳରେ ମିଶି ନଦୀକୁ ଆହୁରି ଅଧିକ ବିଷାକ୍ତ କରି ଦେଉଛି । ପ୍ରକୃତିର ଅବକ୍ଷୟ ଯୋଗୁଁ ଅମ୍ଳଜାନର ଘୋର ଅଭାବ ପରିଲକ୍ଷିତ ହେଉଛି । ଓଡ଼ିଶାକୁ ଦେଖିଲେ ପୂର୍ବରୁ ଯେପରି ପ୍ରକୃତିର ସମ୍ଭାର ହସୁଥିଲା ବର୍ତମାନ ତାହା ଯେପରି ଉଜୁଡ଼ି ଯାଇଛି । ନୂତନ ବନୀକରଣ ପାଇଁ ସରକାର ଚେଷ୍ଟିତ ଥିବା ବେଳେ କିଛି ଲୋକ ଏଥି ପାଇଁ ସଜାଗ ଦେଉ ନାହାଁନ୍ତି ଏବଂ ଗଛ କାଟି ପଦା କରି ଦେଉଛନ୍ତି । ରାସ୍ତାଘାଟ ଖୁବ୍ ପ୍ରଶସ୍ତ କରାଯାଉଥିବା ବେଳେ ରାସ୍ତାକଡ଼ରେ ଥିବା ବହୁବିଧ ଗଛ ଗୁଡ଼ିକୁ ଧରାଶାୟୀ କରି ଦିଆଯାଉଛି । ଯେଉଁଥିପାଇଁ ଖରାର ପ୍ରକୋପ ବଢ଼ିବା ସହ ଅଙ୍ଗାରକାମ୍ଳ ବୃଦ୍ଧି ପାଉଛି । ଯେଉଁଥି ପାଇଁ ଲୋକମାନେ ନାନାଦି ରୋଗର ଶୀକାର ହେଉଛନ୍ତି । ପୂର୍ବରୁ ଓଡ଼ିଶାରେ ଅନେକ ଗ୍ରାମ୍ୟ ଜଙ୍ଗଲ ଥିଲା । ତାହା ଯେପରି ଆସ୍ତେ ଆସ୍ତେ ଲୋପପାଇବାରେ ଲାଗିଛି । ଜଙ୍ଗଲର ବିନାଶ କ୍ଷୀପ୍ରଗତିରେ ଗଡ଼ି ଚାଲିଛି । ଜଙ୍ଗଲର ବାସ୍ତବ ଚିତ୍ର ଅନୁସାରେ ଆମ ରାଜ୍ୟରେ ବର୍ଷକୁ ପ୍ରାୟ ୧ ହଜାର ବର୍ଗ କିମି ଜଙ୍ଗଲ ଘୋର ବିପର୍ଯ୍ୟସ୍ତର ସମ୍ମୁଖୀନ ବୋଲି ଆମେ ଆକଳନ କରୁଛି । ଓଡ଼ିଶାର ଜଙ୍ଗଲ ଧ୍ୱଂସର ମୁଖ୍ୟ କାରଣ ହେଉଛି ଜଙ୍ଗଲ ମଧ୍ୟରେ ଥିବା ଖଣିଜ ପଦାର୍ଥର ଉତୋଳନ କ୍ଷେତ୍ର । ରାଜ୍ୟର ଅନେକ ଜଙ୍ଗଲରେ ମୂଲ୍ୟବାନ ଖଣିଜ ପଦାର୍ଥ ଉପଲବ୍ଧ ହୁଏ । ସରକାରଙ୍କ ନୀତି ନିୟମ ଓ ନିର୍ଦ୍ଦେଶ ଅନୁସାରେ ଯେତିକି ଜଙ୍ଗଲ କଟାଯାଇ ଖଣିଜ ପଦାର୍ଥ ଉତୋଳନ ହେବା କଥା ଉତୋଳନ ପରେ ସେହି ସବୁ ସ୍ଥାନ ପର୍ଯ୍ୟାପ୍ତ ପରିମାଣ ମାଟିରେ ପୋତାଯାଇ ନୂତନ ଜଙ୍ଗଲ ସୃଷ୍ଟି କରିବା କଥା । ମାତ୍ର ଏଇସବୁ ଗୁରୁତର ସମସ୍ୟା ପ୍ରତି କେହି ଦୃଷ୍ଟି ଦେଉ ନାହାଁନ୍ତି । ଯାହାଫଳରେ କି ଜଙ୍ଗଲ ସଂକୁଚିତ ହେବାରେ ଲାଗିଛି । ବିଶୁଦ୍ଧ ବାୟୁ ସେବନ କରିବା ପାଇଁ ସୁଯୋଗ ମିଳୁନାହିଁ । ସହର ମାନଙ୍କରେ ଯାହାବି ବୃକ୍ଷଲତା ଥିଲା ତାହା କଟାଯାଇ କୋଠାବାଡ଼ି ନିର୍ମାଣ କରାଯାଉଛି । କିନ୍ତୁ ବୃକ୍ଷଲତା ଲଗାଇବାକୁ କାହାରି ଯେପରି ଲକ୍ଷ୍ୟ ନାହିଁ । ଯେଉଁଥି ପାଇଁ ପ୍ରକୃତି ତା'ର ଭାରସାମ୍ୟ ହରାଇବସିଛି । ରାଜ୍ୟରେ ବର୍ଷକୁ ବର୍ଷ ଝଡ଼ ତୋଫାନ ବାତ୍ୟା ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେବା ଯୋଗୁଁ ଲୋକମାନେ ନାନା କ୍ଷତିର ସମ୍ମୁଖୀନ ହେଉଛନ୍ତି । ଜଙ୍ଗଲ ଧ୍ୱଂସମୁଖୀ ହେବା ଦ୍ୱାରା ଜନଜୀବନ ଜୀବିକା ଉପରେ ଘୋର ଅନିଶ୍ଚିତତା ଦେଖା ଦେଉଥିବା ବେଳେ ଏହାକୁ କିପରି ରୋକାଯାଇ ପାରିବ ସେଥିପ୍ରତି ସଜାଗ ହେବା ଆବଶ୍ୟକ ।

## ସାହିତ୍ୟ ସନ୍ୟାସୀ - ମନୋଜ ଦାସ



◆ଅକ୍ଷୟ କୁମାର ରାଉତ

ସାହିତ୍ୟ ସତ୍ୟ-ଶିବ-ସୁନ୍ଦର କଥା କହେ । ସାହିତ୍ୟ ଗୋଟିଏ ଦେଶ, ଜାତି ଓ ସମାଜର କଥା କହେ । ମଣିଷଙ୍କୁ ଅସତ୍ ପଥରୁ ସତ୍‌ପଥକୁ, ଅନ୍ଧାରରୁ ଆଲୋକକୁ, ଅନୀତି କାର୍ଯ୍ୟରୁ ନୀତି ଓ ଆଦର୍ଶକୁ, ଅବାଟରୁ ବାଟକୁ, ଅବିଦ୍ୟାରୁ ବିଦ୍ୟାକୁ, ବିଶୃଙ୍ଖଳାରୁ ଶୃଙ୍ଖଳାକୁ, ଅସୁନ୍ଦରରୁ ସୁନ୍ଦର ଆଡକୁ ନେବାରେ କାଳଜୟୀ ସ୍ରଷ୍ଟା ତାର ସାହିତ୍ୟ ମାଧ୍ୟମରେ ସଫଳ ହୁଏ । ମାଟି ମା' ଓ ମାନବିକ ମୂଲ୍ୟବୋଧର ଭାବ ଭାଷା ଶବ୍ଦ ଏବଂ ଶୈଳୀକୁ କଲମ ମୁନରେ ଯିଏ ସମ୍ମାନ ଦିଏ, ସେ ହେଉଛନ୍ତି ଆନ୍ତର୍ଜାତିକ ଲେଖକ, କଥାକାର, ସାଧକ ପଦ୍ମଭୂଷଣ ମନୋଜ ଦାସ । ଭାରତୀୟ କଥା ସାହିତ୍ୟର ନାୟକ ୧୯୩୪ ମସିହା ଫେବୃଆରୀ ମାସ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଶଙ୍ଖାରୀ ଗ୍ରାମରେ ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀଙ୍କ କୋଳମଣ୍ଡନ କରିଥିଲେ । ତାଙ୍କ ଜ୍ୟେଷ୍ଠ ଭାଇଙ୍କ ନାମ ଥିଲା ଐତିହାସିକ ଡ.଼ ମନ୍ମଥନାଥ ଦାସ । ତାଙ୍କ ତିନି ଭଉଣୀଙ୍କ ନାମ ସୁରବାଳା, ସ୍ନେହବାଳା ଓ ଶାନ୍ତିବାଳା ଥିଲା । ନିଜ ଗାଁ ଶଙ୍ଖାରୀ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଖଡିଛୁଆଁ ହୋଇଥିଲା । ଜମାଲପୁରସ୍ଥିତ ବିଶ୍ୱନାଥ ଏକାଡେମୀ, ଜଳେଶ୍ୱରପୁର ହାଇସ୍କୁଲ ଓ ବାଲେଶ୍ୱର ଜିଲ୍ଲା ହାଇସ୍କୁଲରୁ ପାଠପଢ଼ା ଶେଷକରି ୧୯୫୧ ମସିହାରେ ମାଟ୍ରିକ ପାସ୍ କରିଥିଲେ । ପାଠ ପଢ଼ିବା ସମୟରେ ସେ ତାଙ୍କର ବଡଭାଇ ମନ୍ମଥନାଥ ଦାସଙ୍କ ସାଙ୍ଗରେ ଯେଉଁ ଭଡାଘରେ ରହୁଥିଲେ ସେ ଘରଟି ଥିଲା କଥାସାହିତ୍ୟର ସମ୍ରାଟ ଫକୀର ମୋହନଙ୍କର । ସେ ଫକୀରମୋହନ ମହାବିଦ୍ୟାଳୟରୁ ଇଂଟର ମିଡିଏଟ୍ ପାସ୍ କରିଥିଲେ । ୧୯୫୩-୫୪ ମସିହାରେ ସେ ଏଫ୍.ଏମ୍. କଲେଜ ଛାତ୍ର ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ନିଖିଳ ଉତ୍କଳ ଛାତ୍ର ସଂଘର ସମ୍ପାଦକ ଭାବେ ସେ ନିର୍ବାଚିତ ହୋଇ ଥିଲେ । ୧୯୫୬ ମସିହାରେ ସେ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବି.ଏ. ପାସ୍ କରିଥିଲେ । ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନ ରେ ସ୍ନାତକ ପାସ୍ କରିଥିଲେ । ସେ ମଧ୍ୟ ଆଇନ କଲେଜ୍ ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଇଣ୍ଡୋନେସିଆ ଠାରେ ଅନୁଷ୍ଠିତ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀରେ ସେ ଭାରତୀୟ ଛାତ୍ର ସମାଜର ପ୍ରତିନିଧି ଭାବେ ଯୋଗ ଦେଇଥିଲେ । ୧୯୫୯ ମସିହାରେ ରେଭେନ୍ସା କଲେଜରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତର ପାସ୍ କରି କଟକର ଖ୍ରୀଷ୍ଟ୍ କଲେଜରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ । କୁଜଙ୍ଗ ରାଜ୍ୟର ରାଜକନ୍ୟା ରତ୍ନମାଳି ଜେମା ଓ କୁଜଙ୍ଗ ଗାନ୍ଧି, ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଜ୍ୟେଷ୍ଠ କନ୍ୟା ପ୍ରତିଜ୍ଞା ଦେବୀଙ୍କ ସହ ମନୋଜ ଦାସଙ୍କ ୧୯୫୯ ମିସିହାରେ ବିବାହ ହୋଇଥିଲା । ୧୯୬୩ ମସିହାରେ ସେ ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନ ପ୍ରତି ଆକୃଷ୍ଟ ହୋଇ ପଣ୍ଡିଚେରୀର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ । ଶେଷ ପର୍ଯ୍ୟନ୍ତ ସେ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ରହିଥିଲେ । ପିଲାଦିନୁ ତାଙ୍କ ମା କାଦମ୍ବିନୀ ଦେବୀଙ୍କ ପ୍ରଭାବ ତାଙ୍କ ଉପରେ ପଡିଥିଲା । ସେଥିପାଇଁ ସେ ସାହିତ୍ୟ ଆଡକୁ ମନ ବଳାଇଥିଲେ । ପରେ ସେ ଫକୀର ମୋହନଙ୍କ କୋଠାରେ ରହି ପଢ଼ିବା ଯୋଗୁ ତାଙ୍କର ଲେଖନୀ ଚାଳନା ସମସ୍ତଙ୍କୁ ବିସ୍ମିତ କରିଥିଲା । ଛୋଟ ଅବସ୍ଥାରୁ ସେ ହାରମୋନିୟମ ଧରି ଗୀତ ଗାଇବା ସହିତ ବଂଶୀବାଦନ କରୁଥିଲେ । ସେ ନିଜେ ସଙ୍ଗୀତ ନିର୍ଦ୍ଦେଶନା



ଦେଉଥିଲେ । ସ୍କୁଲରେ ପଢ଼ିବା ସମୟରୁ ସେ ମାର୍କସବାଦ ପ୍ରତି ଆକୃଷ୍ଟ ହୋଇଥିଲେ । ଜଣେ ବିପ୍ଳବୀ ଛାତ୍ର ନେତା ଭାବରେ ୧୯୫୫ ମସିହାରେ ସେ କାରାବରଣ କରିଥିଲେ । ମନୋଜ ଦାସ ବିଶ୍ୱ କଥା ସାହିତ୍ୟର ଜଣେ ନାୟକ । ତାଙ୍କ କବିତା ଓ ପ୍ରବନ୍ଧ ଗଭୀର ଆତ୍ମିକ ଅନ୍ୱେଷାବୋଧ ଏବଂ ଛାନ୍ଦମୟ । ଉପନ୍ୟାସରେ ସମାଜର ସବୁ ଦିଗନ୍ତ ଓ ପରିଧିର ଭାବକୁ ରୂପାୟନ କରି ସମସ୍ତ ପାଠକ ମହଲରେ ସେ ବିଜୟ ଲାଭ କରିଛନ୍ତି ହୃଦୟର ଭଲ ପାଇବା । ଏହି ସାହିତ୍ୟ ସନ୍ନ୍ୟାସୀ ବହୁ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, କବିତା ଓ ଇତିହାସ ସଂସ୍କୃତି ରଚନା କରି ପ୍ରଜ୍ଞାପୁରୁଷ ଭାବେ ସାମଜରେ ପ୍ରଶଂସିତ ହୋଇଛନ୍ତି । ଉପନ୍ୟା ଗୁଡିକହେଲା - ଗୋଧୂଳିର ବାଘ (୧୯୯୫), ବୁଲଡୋଜର୍ସ (୧୯୮୯), ଅମୃତ ଫଳ (୧୯୯୭), ଆକାଶର ଇସାରା (୧୯୯୭), ଚନ୍ଦ୍ରାଲୋକର ପ୍ରହରୀ (୨୦୦୦), ଦ ଏସ୍କେପିଷ୍ଟ, ଏ ଟାଇଗର ଆଟ୍ ଟ୍ୱିଲାଇଟ୍, କନକ ଉପତ୍ୟକାର କାହାଣୀ, ଶେଷ ତାନ୍ତ୍ରିକର ସନ୍ଧାନରେ । ଗଳ୍ପ ସଙ୍କଳନ ସମୁଦ୍ରର କ୍ଷୁଧା (୧୯୫୨), ଜୀବନର ସ୍ୱାଦ (୧୯୫୩), ବିଷକନ୍ୟାର କାହାଣୀ (୧୯୫୪), ଆରଣ୍ୟକ (୧୯୭୦), ଶେଷ ବସନ୍ତର ଚିଠି (୧୯୬୫), ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧), ଲକ୍ଷ୍ମୀର ଅଭିସାର (୧୯୭୪), ଆବୁ ପୁରୁଷଓ ଅନ୍ୟାନ୍ୟ କାହାଣୀ (୧୯୭୭), ମନୋଜ ପଂଚବିଂଶତି (୧୯୮୩), ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭), ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦), ଅବୋଲକରା କାହାଣୀ (୧୯୯୧), ମନୋଜ ଦାସଙ୍କ ଗଳ୍ପ (୧୯୯୨), ସମୁଦ୍ରକୂଳର ଏକ ଗ୍ରାମ । ଭ୍ରମଣ କାହାଣୀ - ଇନ୍ଦୋନେସିଆ ଅନୁଭୂତି (୧୯୫୭), ଦୂର ଦୂରାନ୍ତର (୧୯୭୩), ଅନ୍ତରଙ୍ଗ ଭାରତ; ପ୍ରଥମ ଭାଗ (୧୯୯୨), ଦ୍ୱିତୀୟ ଭାଗ (୧୯୯୬), କବିତା ସଙ୍କଳନ - ଶତାବ୍ଦୀର ଆର୍ତନାଦ (୧୯୪୯), ବିପ୍ଳବୀ ଫକୀର ମୋହନ (୧୯୫୦) ପଦଧ୍ୱନି (୧୯୫୪), ନନ୍ଦାବତୀର ମାଝୀ (୧୯୫୭), ଉପନିବେଶ (୧୯୬୬) ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨), ଏହିପରି ଅନେକ ସାହିତ୍ୟର ସ୍ରଷ୍ଟା ଭାବରେ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛନ୍ତି ତାହା ଆଉ କୌଣସି ଆଧୁନିକ ଓଡିଆ ଗଳ୍ପ ନାୟକଙ୍କ ପକ୍ଷରେ ସମ୍ଭବ ନୁହେଁ । ସାଧନା, ଚେଷ୍ଟା, ପରାକାଷ୍ଠା ଓ ନିପୁଣତା ଯୋଗୁ ଏହି ମହାନ୍ ସାରସ୍ୱତ ସାଧକ ଅନେକ ପୁରସ୍କାରର ଅଧିକାରୀ ହୋଇ ଥିଲେ । ମନୋଜ ଦାସ ଓଡିଶା ସାହିତ୍ୟ ଏକାଡେମୀ ଓ ଅତିବଡି ପୁରସ୍କାର ୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୮୦ରେ ଶାରଳା ପୁରସ୍କାର, ୨୦୦୧ ମସିହାରେ ପଦ୍ମଶ୍ରୀ ଓ ୨୦୨୦ ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇ ଥିଲେ । ସେ ତାଙ୍କର ଉପନ୍ୟାସ ଅମୃତ ଫଳ ପାଇଁ ସରସ୍ୱତୀ ସମ୍ମାନ ଲାଭ କରିଥିଲେ । ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ବିଶିଷ୍ଟ କଥାକାର, ସାଧକ, ପଦ୍ମଭୂଷଣ ମନୋଜ ଦାସ ୮୭ ବର୍ଷ ବୟସରେ ୨୦୨୧ ମସିହା ଏପ୍ରିଲ୍ ୨୭ ତାରିଖ ମଙ୍ଗଳବାର ଦିନ ଶ୍ରୀ ଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ଆବର୍ତମାନରେ ଭାରତୀୟ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଏହି ବିଶିଷ୍ଟ ସାହିତ୍ୟ ସାରଥି ଆମ୍ଭମାନଙ୍କ ମଧ୍ୟରେ ସର୍ବଦା ଅମର ହୋଇ ରହିବେ ।

*ପାରାଦ୍ୱୀପଗଡ, କୁଜଙ୍ଗ,*
*ଜଗତ୍‌ସିଂହପୁର,ମୋ-*
*୯୯୩୭୬୯୧୪୭୫*

## ସବୁଜ ହତ୍ୟା ବିନାଶର କାରଣ

◆ ସୌଭାଗ୍ୟ ରଂଜନ ମହାନ୍ତି(ରାଜା)



ମଣିଷ ସମାଜର କଲ୍ୟାଣ ତଥା ପରିବେଶ ସୁରକ୍ଷା ପାଇଁ 'ଗଛ ଲଗାଅ, 'ଜଙ୍ଗଲ ବଢାଅ, ପିଲାଟିଏ ଗଛଟିଏ' ଏବଂ ଜଙ୍ଗଲ ସୁରକ୍ଷା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସ୍ଲୋଗାନ ଦେଉଥିବାବେଳେ ଜାତୀୟ ଗ୍ରୀନ ଟିବ୍ୟୁନାଲ(ଏନଜିଟି)କୁ କେନ୍ଦ୍ର ସରକାର ପ୍ରଦାନ କରିଥିବା ରିପୋର୍ଟରେ ଦେଶରେ ଜଙ୍ଗଲ ଜମିର ଦୟନୀୟ ଚିତ୍ରକୁ ପ୍ରଦର୍ଶିତ କରିଛି । ଏନଜିଟିକୁ ପ୍ରଦାନ କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ, ଦେଶର ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ୧୩,୦୦୦ ବର୍ଗ କିଲୋମିଟରରୁ ଅଧିକ ଜଙ୍ଗଲ ଜମି ଏବେ ଜବରଦଖଲରେ ରହିଛି । ଯାହାକି ଦିଲ୍ଲୀ, ସିକିମ୍ ଓ ଗୋଆ ଆଦି ରାଜ୍ୟର ମୋଟ ପରୀସୀମା ବା ଆୟତନ ଠାରୁ ଅଧିକ । ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଜଙ୍ଗଲ ଜମି ଜବରଦଖଲ ଦିନକୁ ଦିନ ବୃଦ୍ଧି ପାଇଥିବାବେଳେ ଅବକ୍ଷୟ ମଧ୍ୟ ବଢିଚାଲିଛି । ରିପୋର୍ଟରେ ଆହୁରି କୁହାଯାଇଛି ଯେ, କେବଳ ମଧ୍ୟପ୍ରଦେଶରେ ୫୬୪୦.୯ ବର୍ଗ କିମି ଜଙ୍ଗଲ ଜମି ଜବରଦଖଲରେ ରହିଥିବାବେଳେ ଏହା ପଛକୁ ରହିଛି ଆସାମ । ସେହିପରି କର୍ଣ୍ଣାଟକ, ମହାରାଷ୍ଟ୍ର, ଅରୁଣାଚଳ ପ୍ରଦେଶ, ଉତରପ୍ରଦେଶ ଏବଂ ଝାଡଖଣ୍ଡ ଜଙ୍ଗଲ ଜମି ମଧ୍ୟ କମ୍ ନୁହେଁ । ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ସମେତ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଏବେ ବି ଜଙ୍ଗଲ ଜମି ଅବରୋଧ ନେଇ ରିପୋର୍ଟ ପ୍ରଦାନ କରିନଥିବା କୁହାଯାଏ । ଦୃତ ଶିଳ୍ପାୟନ, ସଡକ ପଥର ବିକାଶ, ନୂତନ ବସତି ପ୍ରତିଷ୍ଠା, ରେଳପଥ, ଜଙ୍ଗଲପୋଡ଼ି ଏବଂ ଆଖିବୁଜା ବୃକ୍ଷ କାଟ ଯୋଗୁଁ କେବଳ ଜଙ୍ଗଲ କ୍ଷୟ ହେଉନାହିଁ, ଜଙ୍ଗଲ ଜମିର ଅବକ୍ଷୟ ବଢିଚାଲିଛି । ଉଦାହରଣ ସ୍ୱରୂପ ଗ୍ରେଟ ନିକୋବର ଦ୍ୱୀପରେ କେନ୍ଦ୍ର ସରକାରଙ୍କର ୮୦ହଜାର କୋଟି ଟଙ୍କାର ନୂତନ ପ୍ରକଳ୍ପ ଯୋଗୁଁ ବିଷୁବ ମଣ୍ଡଳର ୧୩୦ବର୍ଗ କିମି ଜଙ୍ଗଲ ଜମି ପରିବର୍ତନ ପାଇଁ ପ୍ରସ୍ତାବ ଦିଆଯାଇଛି । ତେଲେଙ୍ଗାନା ବର୍ତମାନ ସୁଦ୍ଧା ଜଙ୍ଗଲ ଜମି ଜବରଦଖଲର ରିପୋର୍ଟ ଦେଇନଥିବା ବେଳେ ନିକଟରେ ଜଙ୍ଗଲ ଜମିରେ ଏକ ବୃହତ ପ୍ରକଳ୍ପ,ନିର୍ମାଣ ପାଇଁ କ୍ଲିଆରାନ୍ସ ଦେଇଛି । କେବଳ ତେଲେଙ୍ଗାନା ନୁହେଁ, ଦେଶର ବହୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଦ୍ରୁତ ଶିଳ୍ପାୟନ ତଥା ମେଗା ପ୍ରୋଜେକ୍ଟ, ରେଳପଥ, ସଡକ ପଥ ନିର୍ମାଣ ପ୍ରସ୍ତାବ ରହିଛି । ଯାହା ବିକାଶର ବାର୍ତା ବହ ପରିବେଶ ବା ଜଙ୍ଗଲ ଜମି କ୍ଷୟର ଦ୍ୱାହି ଦେଇ ଜଙ୍ଗଲ ଜମିରେ ନିର୍ମାଣକୁ ରୋକାଯିବା ସମ୍ଭବ ନୁହେଁ । ସେହିପରି ନୂଆ ବସତି ସ୍ଥାପନ ଏବେ ଜଙ୍ଗଲ କ୍ଷୟର ଆଉ ଏକ ମୁଖ୍ୟ କାରଣ ଭାବେ ଉଭା ହୋଇଛି । ନିଜର ଭୋଟବ୍ୟାଙ୍କ ପାଇଁ କୌଣସି ସରକାର ବା ରାଜନୈତିକ ଦଳ ଜଙ୍ଗଲ କ୍ଷୟ ରୋକିବାକୁ ଆଗ୍ରହୀ ନଥିବା କୁହାଯାଇପାରେ । ଏହା ନିସନ୍ଦେହ ଯେ, ଦେଶରେ ଜଙ୍ଗଲ କ୍ଷୟର ଆଉ ଏକ ମୁଖ୍ୟ କାରଣ ହେଉଛି, ଜଙ୍ଗଲ ପୋଡି ବା ଜଙ୍ଗଲ ଅଗ୍ନିକାଣ୍ଡ । ସାଧାରଣତଃ ଖରାଦିନ ଆସିଲେ ଆମ ଦେଶରେ ଜଙ୍ଗଲରେ ଅଗ୍ନିକାଣ୍ଡ ଏକ ନିୟମିତ ଘଟଣାରେ ପରିଣତ ହୋଇଛି । ଜଙ୍ଗଲ ଜମି ଜବରଦଖଲ, ଜଙ୍ଗଲ ଜମିରେ ଚାଷ, କାଠ ସଂଗ୍ରହ ପାଇଁ ଜଙ୍ଗଲ ପୋଡି ଘଟୁଛି । ଚଳିତ ବର୍ଷ ଖରାଦିନ ଆରମ୍ଭରେ ଆମ ରାଜ୍ୟରେ ୭୦୦ରୁ ଉର୍ଦ୍ଧ୍ୱ ଜଙ୍ଗଲରେ ନିଆଁ ଲାଗି ଥିବାବେଳେ ଦୁଇବର୍ଷ ପୂର୍ବେ ଏସିଆ ମହାଦେଶର ସର୍ବବୃହତ ଅଭୟାରଣ୍ୟରେ ଅଗ୍ନିକାଣ୍ଡ କେବଳ ଆମ ରାଜ୍ୟରେ ନୁହେଁ, ସମଗ୍ର ଦେଶ ପାଇଁ ଉଦ୍‌ବେଗର କାରଣ ଥିଲା । ଗ୍ଲୋବାଲ ଫରେଷ୍ଟୱାଚ ମନିଟରିଂ ପ୍ରୋଜେକ୍ଟ ପକ୍ଷରୁ ଅନୁଷ୍ଠିତ ସର୍ବେକ୍ଷଣ ଅନୁସାରେ ୨୦୦୧ରୁ ୨୦୨୨ ମଧ୍ୟରେ ନିଆଁଲାଗି ଓଡିଶାର ସର୍ବାଧିକ ଜଙ୍ଗଲ ନଷ୍ଟ ହୋଇଥିବା ବେଳେ ବାର୍ଷିକ ହାରାହାରି ୨୩୮ ହେକ୍ଟର ଜଙ୍ଗଲ ନଷ୍ଟ ହେବା ସହ ଜଙ୍ଗଲ ଜମିର ଅବକ୍ଷୟ ଘଟିଥିବା କୁହାଯାଇଛି । ସେହିପରି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଦେଶରେ ୨୦୦୦ରୁ ୨୦୨୩ ମଧ୍ୟରେ ପ୍ରାୟ ୨୩.୩ ଲକ୍ଷ ହେକ୍ଟର ଜଙ୍ଗଲ ଜମି ନଷ୍ଟ ହୋଇଛି ଯାହାକି ସମଗ୍ର ବିଶ୍ୱରେ ନଷ୍ଟ ଜଙ୍ଗଲର ୬ପ୍ରତିଶତ । ଉପଗ୍ରହ ଓ ଅନ୍ୟ ଉତ୍ସ ସହାୟତାରେ ଜଙ୍ଗଲ ପରିବର୍ତନ ଉପରେ ନଜର ରଖିଥିବା ଗ୍ଲୋବାଲ ଫରେଷ୍ଟ ୱାଚ ସୂଚନା ଅନୁଯାୟୀ ୨୦୦୨ରୁ ୨୦୨୩ ମଧ୍ୟରେ ଭାରତରେ ୪,୧୪,୦୦୦ହଜାର ଆର୍ଦ୍ର ଜଙ୍ଗଲ (୪.୧ ପ୍ରତିଶତ) ନଷ୍ଟ ହୋଇଥିବାବେଳେ ଏହି ଅବଧି ମଧ୍ୟରେ ବିଶ୍ୱବ୍ୟାପୀ ନଷ୍ଟ ହୋଇଥିବା ଜଙ୍ଗଲର ଏହା ୧୮ପ୍ରତିଶତ । ଏହା ନିସନ୍ଦେହ ଯେ, ଏବେ ଯେଉଁ ହାରରେ ଦେଶରେ ଜଙ୍ଗଲ ଜମି ଜବରଦଖଲ ଓ ନଷ୍ଟ ହେଉଛି, ତାହା ବର୍ତମାନଠାରୁ ରୋକାନଗଲେ, ଭବିଷ୍ୟତରେ କେବଳ ମାନବ ସମାଜ ନୁହେଁ ସମଗ୍ର ସୃଷ୍ଟି ପାଇଁ ବିନାଶର କାରଣ ହେବ ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ୯୭୮୬୬୬୪୦୩*

## ଶ୍ରଦ୍ଧାଞ୍ଜଳି : ହେମନ୍ତ ଦାସ

◆ ନାଟ୍ୟ ସାରଥି ଅଭୟ କୁମାର ଦାସ



ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନିଖୁଣ ଅଭିନୟ ଓ ସାଧାରଣ ସରଳ ଜୀବନଯାପନକୁ ନେଇ ଚର୍ଚ୍ଚିତ ଚଳଚ୍ଚିତ୍ରରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ସମର୍ଥ ହୋଇଥିବା ହେମନ୍ତ ଦାସ ଜଣେ ଖ୍ୟାତନାମା ଓଡ଼ିଆ ସିନେ ଅଭିନେତା । ଓଡ଼ିଆ ଫିଲ୍ମର କଳାଧଳା ଯୁଗ ଠାରୁ ଆଜିର ଅତ୍ୟାଧୁନିକ ଚଳଚ୍ଚିତ୍ର ସମୟରେ ସବୁବେଳେ ହେମନ୍ତ ଦାସଙ୍କ ଜୀବନ୍ତ ଅଭିନୟ ଦର୍ଶକମାନଙ୍କ ହୃଦୟରେ ରହିପାରିଛି । ଚଳଚ୍ଚିତ୍ରର କାହାଣୀ ପରି ହେମନ୍ତ ବାବୁଙ୍କ ବ୍ୟକ୍ତିଗତ ଜୀବନ ବି ଅତ୍ୟନ୍ତ ଘଟଣା ବହୁଳ ଥିଲା । କଟକର ବାଙ୍ଗୀ ସନ୍ନିକଟ ଖମାରଙ୍ଗ ଗାଁରେ ୧୯୩୪ରେ ସେ ଜନ୍ମ ଗ୍ରହଣ କରିଥିଲେ । ୧୯୫୪ ମସିହାରେ ପ୍ରଥମେ ଗୌର ଘୋଷଙ୍କ 'ଭାଇ ଭାଇ' ଚଳଚ୍ଚିତ୍ରରେ ସେ ଅଭିନୟ କରିଥିଲେ । ୫୦ରୁ ଉର୍ଦ୍ଧ୍ୱ କେବଳ ଓଡ଼ିଆ ନୁହେଁ ହିନ୍ଦୀ ଓ ବଙ୍ଗଳା ସିନେମାରେ ଅଭିନୟ କରି ଅନେକ ପୁରସ୍କାର ଓ ସମ୍ମାନ ପାଇଛନ୍ତି । 'ତ୍ରିମୂର୍ତି' ଛଦ୍ମ ନାମରେ ନିର୍ଦ୍ଦେଶନା ଦେଇଥିଲେ ସେ । ଫକୀର ମୋହନଙ୍କ ବହୁ ଚର୍ଚ୍ଚିତ 'ପେଟେ୍ଡ ମେଡ଼ିସିନ୍' ନେଇ ସୁଲୋଚନା ନାମରେ କରୁଥିବା ଚଳଚ୍ଚିତ୍ରକୁ ସମ୍ପୂର୍ଣ୍ଣ କରିବା ତାଙ୍କର ଶେଷ ଲକ୍ଷ୍ୟ ଥିଲା । ଏହି ଚଳଚ୍ଚିତ୍ର ପାଇଁ ସେ ଅନେକ କଷ୍ଟ ସହି ପ୍ରାରମ୍ଭିକ ଭାବରେ କିଛି ବାଟ ଆଗେଇ ଯାଇଥିଲେ । 'ଯାଯାବର' ଚଳଚ୍ଚିତ୍ର ତାଙ୍କ ନିର୍ଦ୍ଦେଶିତ ସୁପରହିଟ୍ ସିନେମା ଅଟେ । ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଅବଦାନ ପାଇଁ ତାଙ୍କୁ ଜୟଦେବ ପୁରସ୍କାର, ସ୍ୱତନ୍ତ୍ର ଜୁରି ପୁରସ୍କାର, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଆଦିରେ ସମ୍ମାନିତ କରାଯାଇଥିଲା । ୨୦୧୦ ମସିହା ଅପ୍ରେଲ ୨୭ ତାରିଖରେ ସେ ମୃତ୍ୟୁବରଣ କରିଥିଲେ ଓ ତାଙ୍କ ଇଛାନୁଯାୟୀ ଗାଁ ଜନ୍ମ ମାଟିରେ ହିଁ ସେ ଶେଷ ବିଶ୍ରାମରେ ସତେଯେପରି ଶୋଇ ଯାଇଥିଲେ ଓ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ହେମନ୍ତ ବାବୁଙ୍କ ନିଖୁଣ ଅଭିନୟ ଅଗଣିତ ଚଳଚ୍ଚିତ୍ରପ୍ରେମୀଙ୍କୁ ଚିରକାଳ ପାଇଁ ସ୍ମରଣୀୟ କରି ନିଶ୍ଚୟ ରଖିବ ।

*ଗୋତରା, ମାହାଙ୍ଗା, କଟକ : ୯୪୩୭୧୪୨୭୧୭*

## କାହିଁକି କୁହାଯାଏ ଏକାଦଶୀ ବ୍ରତକୁ ସମସ୍ତ ବ୍ରତର ରାଜା

ବୈକୁଣ୍ଠଧାମକୁ ପ୍ରାପ୍ତ କରାଇବା, ଭୋଗ ଓ ମୋକ୍ଷ ପ୍ରଦାନ କରିବା ଏବଂ ସମସ୍ତ ପାପକୁ ନାଶ କରିବାର ଶକ୍ତି ଏକାଦଶୀ ବ୍ରତରେ ଅଛି । ଏହି କାରଣରୁ ଏକାଦଶୀ ବ୍ରତକୁ 'ବ୍ରତ ମାନଙ୍କ ରାଜା' କୁହାଯାଏ । ସମସ୍ତ ବ୍ରତ ଏବଂ ଦାନର ତୁଳନାରେ ଏକାଦଶୀ ବ୍ରତ କରିବା ଅଧିକ ଫଳ ପ୍ରଦାନ କରେ । ଯେଉଁପରି ଦେବତାମାନଙ୍କ ମଧ୍ୟରେ ଭଗବାନ ବିଷ୍ଣୁ, ପ୍ରକାଶ ତତ୍ୱମାନଙ୍କ ମଧ୍ୟରେ ସୂର୍ଯ୍ୟ, ନଦୀମାନଙ୍କ ମଧ୍ୟରେ ଗଙ୍ଗା ଶ୍ରେଷ୍ଠ, ସେପରି ସମସ୍ତ ବ୍ରତ ମଧ୍ୟରେ ଏକାଦଶୀ ବ୍ରତ ଶ୍ରେଷ୍ଠ ମନାଯାଏ । ଏହି ତିଥିରେ ଯେଉଁ ଦାନ, ଭଜନ, ପୂଜନ କରାଯାଏ, ସେଗୁଡ଼ିକ ଭଗବାନ ଶ୍ରୀହରିଙ୍କ ଉପାସନା ଦ୍ୱାରା ପୂର୍ଣ୍ଣତା ଲାଭ କରେ । ସଂସାରର ସ୍ୱାମୀ ଶ୍ରୀହରି ଏହି ଦିନରେ ଭକ୍ତମାନଙ୍କୁ ସନ୍ତୁଷ୍ଟ ହୋଇ ଦର୍ଶନ ଦେଇଥାନ୍ତି । ଏହି ଦିନରେ କରାଯାଇଥିବା ପ୍ରତ୍ୟେକ ପୁଣ୍ୟ କାର୍ଯ୍ୟ ଅନନ୍ତ ଫଳ ଦେଇ ଥାଏ ଏବଂ ମଣିଷଙ୍କ ସାତ ଜନ୍ମର କାୟିକ, ବାଚିକ ଏବଂ ମାନସିକ ପାପ ଦୂର ହୋଇଯାଏ ।




ଏକାଦଶୀ ବ୍ରତ ସମ୍ବନ୍ଧୀୟ ସଂକ୍ଷିପ୍ତ କଥା : ପୂର୍ବକାଳରେ ମୁର ଦୈତ୍ୟ କୁ ବଧ କରିବା ପାଇଁ ଭଗବାନ ବିଷ୍ଣୁଙ୍କ ଦେହରୁ ଜନ୍ମ ନେଉଥିବା ଜଣେ କନ୍ୟା ଉପସ୍ଥିତ ହୋଇଥିଲେ । ସେ ଭଗବାନ ବିଷ୍ଣୁଙ୍କ ତେଜରେ ପରିପୂର୍ଣ୍ଣ ଏବଂ ଯୁଦ୍ଧ କୌଶଳରେ ନିପୁଣ ଥିଲେ । ସେ ମାତ୍ର ହୁଙ୍କାର କରିବା ସହିତ ମୁର ଦୈତ୍ୟ ରାଖର ଢିବି ହୋଇଗଲା । ଏହି କନ୍ୟା ଏକାଦଶୀ ଦେବୀ ଥିଲେ । ଏହା ଦେଖି ଭଗବାନ ବିଷ୍ଣୁ ପ୍ରସନ୍ନ ହୋଇ ତାଙ୍କୁ ଏକ ବର ମାଗିବାକୁ କହିଲେ ।

ଏକାଦଶୀ ଦେବୀ ବର ମାଗିଲେ : 'ଯଦି ଆପଣ ପ୍ରସନ୍ନ, ତେବେ ଆପଣଙ୍କ କୃପାରେ ମୁଁ ସମସ୍ତ ତୀର୍ଥମାନଙ୍କ ମଧ୍ୟରେ ଶ୍ରେଷ୍ଠ, ସମସ୍ତ ବିଘ୍ନ ନାଶ କରିବା ଓ ସମସ୍ତ ସିଦ୍ଧି ପ୍ରଦାନ କରିବାର ଶକ୍ତି ରଖିବି । ଯେଉଁମାନେ ଉପବାସ କରି (ନକ୍ତ ଓ ଏକଭୁକ୍ତ) ମୋର ବ୍ରତ ରଖିବେ, ସେମାନଙ୍କୁ ଆପଣ ଧନ, ଧର୍ମ ଓ ମୋକ୍ଷ ପ୍ରଦାନ କରନ୍ତୁ ।'

ଭଗବାନ ବିଷ୍ଣୁ କହିଲେ : 'ତଥାସ୍ତୁ ! ଯେଉଁମାନେ ତୁମର ଭକ୍ତ ହେବେ, ସେମାନେ ମୋର ମଧ୍ୟ ଭକ୍ତ କହାଯିବେ ।'

ନିର୍ଦ୍ଦିଷ୍ଟ ନକ୍ଷତ୍ର ସହ ଏକାଦଶୀର ମହତ୍ୱ :ଯଦି କୌଣସି ନକ୍ଷତ୍ର ସହିତ ଏକାଦଶୀ ମିଳିଯାଏ ତେବେ ଏହାର ମହତ୍ୱ ବଢ଼ିଯାଏ—

- ✸ ଯଦି ଶୁକ୍ଳ ପକ୍ଷ ଏକାଦଶୀ ସହିତ 'ପୁନର୍ବସୁ' ନକ୍ଷତ୍ର ମିଳେ ତେବେ 'ଜୟା ଏକାଦଶୀ' କୁହାଯାଏ । ଏହି ବ୍ରତ କରିବା ଦ୍ୱାରା ମଣିଷ ସମସ୍ତ ପାପରୁ ମୁକ୍ତ ହୋଇଥାଏ ।
- ✸ ଯଦି ଶୁକ୍ଳ ପକ୍ଷ ଦ୍ୱାଦଶୀ ସହିତ 'ଶ୍ରବଣା' ନକ୍ଷତ୍ର ମିଳେ ତେବେ 'ବିଜୟା ଏକାଦଶୀ' କୁହାଯାଏ । ଏହି ବ୍ରତ କରିବା, ଦାନ କରିବା ଏବଂ ବ୍ରାହ୍ମଣ ଭୋଜନ-କରିବା ସହସ୍ର ଗୁଣ ଫଳ ଦେଇଥାଏ ।

ଯେତେବେଳେ ଶୁକ୍ଳ ପକ୍ଷ ଦ୍ୱାଦଶୀ ସହିତ 'ରୋହିଣୀ' ନକ୍ଷତ୍ର ଥାଏ, ସେହି ତିଥିକୁ 'ଜୟନ୍ତୀ' କୁହାଯାଏ ।

ଏହି ଦିନ ଭଗବାନ ଗୋବିନ୍ଦଙ୍କ ବ୍ରତ ଓ ପୂଜା କରିବା ଦ୍ୱାରା ସେମାନେ ମଣିଷଙ୍କ ସମସ୍ତ ପାପ ଦୂର କରିଦେଇଥାନ୍ତି ।

ଯେତେବେଳେ ଶୁକ୍ଳ ପକ୍ଷ ଦ୍ୱାଦଶୀ ସହିତ 'ପୁଷ୍ୟା' ନକ୍ଷତ୍ର ଥାଏ, ସେହି ତିଥିକୁ 'ପାପନାଶିନୀ' କୁହାଯାଏ । ଏହି ବ୍ରତ କରିବା ଦ୍ୱାରା ସଂସାରର ସ୍ୱାମୀ ପ୍ରସନ୍ନ ହୋଇ ପ୍ରତ୍ୟକ୍ଷ ଦର୍ଶନ ଦେଇଥାନ୍ତି । ପୁଷ୍ୟ ନକ୍ଷତ୍ର ଯୁକ୍ତ ଏକାଦଶୀ ବ୍ରତ କରିବା ଦ୍ୱାରା ମଣିଷ ଏକ ହଜାର ଏକାଦଶୀ ବ୍ରତର ଫଳ ପ୍ରାପ୍ତ କରିଥାଏ । ଏହି ଦିନ କରା ଯାଇଥିବା ସ୍ନାନ, ଦାନ, ଜପ, ହୋମ, ସ୍ୱାଧ୍ୟାୟ ଏବଂ ଦେବ ପୂଜା ଅକ୍ଷୟ ଫଳ ପ୍ରଦାନ କରେ । ଗୋଦାନ ଏବଂ ଅଶ୍ୱମେଧ ଯଜ୍ଞ କରିବାର ଯେଉଁ ଫଳ ଅଛି, ତାହାର ଠିକ୍ ସଉଗୁଣ ଅଧିକ ଫଳ ଏକାଦଶୀ ବ୍ରତ କରିବା ଦ୍ୱାରା ମିଳିଥାଏ ।

- ✸ ଏକାଦଶୀ ବ୍ରତ କରିଲେ ସମସ୍ତ ରୋଗ ଏବଂ ଦୋଷ ଶାନ୍ତ ହୋଇଯାଏ ।
- ✸ ମଣିଷ ଦୀର୍ଘାୟୁ, ସନ୍ତୋଷ, ଶାନ୍ତି ଏବଂ ସମୃଦ୍ଧି ପ୍ରାପ୍ତ କରେ ।
- ✸ ମଣିଷ ଜୀବନର ପ୍ରମୁଖ ଉଦ୍ଦେଶ୍ୟ 'ଭଗବାନଙ୍କ ପ୍ରାପ୍ତି' ମଧ୍ୟ ଏକାଦଶୀ ବ୍ରତ କରିବା ଦ୍ୱାରା ସମ୍ଭବ ହୋଇଥାଏ ।
- ✸ ଚିନ୍ତାମଣି ପରି ଏକାଦଶୀ ବ୍ରତ ମଣିଷଙ୍କ ସମସ୍ତ ଇଚ୍ଛା ପୂରଣ କରେ ।
- ✸ ଏକାଦଶୀ ବ୍ରତର ଅଖଣ୍ଡ ପାଳନ କରିଲେ ମଣିଷଙ୍କ ୧୦୦ ପିଢ଼ି ପର୍ଯ୍ୟନ୍ତ ଉଦ୍ଧାର ହୋଇଯାଏ ।
- ✸ ଏକାଦଶୀ ବ୍ରତ ସମସ୍ତ ପୁଣ୍ୟ ଏବଂ ମୋକ୍ଷ ପ୍ରଦାନ କରେ ।
- ✸ ଏକାଦଶୀ ଦିନ ଅନ୍ନ କାହିଁକି ଖାଇବା ଉଚିତ୍ ନୁହେଁ ?

ଏକାଦଶୀ ଦିନ ଅନ୍ନ (ଗହମ୍, ଚାଉଳ ଇତ୍ୟାଦି) ଖାଇବା ପାପ ମାନାଯାଏ, କାରଣ : 'ବ୍ରହ୍ମହତ୍ୟା ଆଦି ସମସ୍ତ ପାପ ଏକାଦଶୀ ଦିନ ଅନ୍ନ ମଧ୍ୟରେ ବସିଥାଏ ।' ଏହି କାରଣରୁ ଏକାଦଶୀ ଦିନ ଯେଉଁମାନେ ଅନ୍ନ ଭୋଜନ କରନ୍ତି, ସେମାନେ ପାପ-ଭୋଜନ କରୁଥିବା ମନାଯାଏ । ଯଦି ଏକାଦଶୀ ବ୍ରତ କରିବା ସମ୍ଭବ ନ ହୋଇଥାଏ, ତାହାହେଲେ ଏହି ଦିନ ଚାଉଳ ଏବଂ ଚାଉଳରୁ ତିଆରି ହୋଇଥିବା ଖାଦ୍ୟ ପଦାର୍ଥ ଖାଇବା ଉଚିତ୍ ନୁହେଁ ।

ଏକାଦଶୀ ବ୍ରତ କାହିଁକି କରିବା ଉଚିତ୍ ?

- ✖ ଏହି ସଂସାର ଭୋଗ-ଭୂମି ଏବଂ ମଣିଷ ଯୋନି ଭୋଗ-ଯୋନି ଅଟେ । ତେଣୁ ମଣିଷର ସ୍ୱାଭାବିକ ରୁଚି ଭୋଗ ମଧ୍ୟରେ ଅଧିକ ଥାଏ । ଯଦି ସେ ମାତ୍ର ଭୋଗରେ ଲିପ୍ତ ରହିବେ, ତାହାହେଲେ ସେ ସଂସାର ଚକ୍ରରୁ ମୁକ୍ତ ହୋଇପାରିବେ ନାହିଁ । ଏହି କାରଣରୁ ଏକାଦଶୀ ବ୍ରତ ଏକ ନିୟମ ଭାବରେ ରଖା ଯାଇଛି, ଯେଉଁଥିରେ ମଣିଷ ଭୋଗରୁ ଅଲଗା ରହି ଆତ୍ମାର ଉନ୍ନତି କରି ପାରିବେ ।
- ✖ ଏକାଦଶୀ ଏକ 'ନିତ୍ୟ ବ୍ରତ' ଅଟେ, ଏହି କାରଣରୁ ସମସ୍ତ ଭକ୍ତମାନେ ଏହି ବ୍ରତକୁ ଅବଶ୍ୟ ପାଳନ କରିବା ଉଚିତ୍ ।

ଜ୍ୟୋତିଷ ଶାସ୍ତ୍ର ଅନୁସାରେ,

- ✖ ଶୁକ୍ଳ ପକ୍ଷ ଏକାଦଶୀ ଦିନ ଚନ୍ଦ୍ରମାର ୧୧ କଳାମାନଙ୍କ ପ୍ରଭାବ ଜୀବମାନଙ୍କ ଉପରେ ପଡ଼େ ।
- ✖ କୃଷ୍ଣ ପକ୍ଷ ଏକାଦଶୀ ଦିନ ସୂର୍ଯ୍ୟଙ୍କ ୧୧ କଳାମାନଙ୍କ ପ୍ରଭାବ ଜୀବମାନଙ୍କ ଉପରେ ପଡ଼େ । ଏହି ପ୍ରଭାବରୁ ମଣିଷର ଶରୀର ଏବଂ ମନ ଅସ୍ୱସ୍ଥ ହୋଇପାରେ, ଏହି କାରଣରୁ ଉପବାସ ଦ୍ୱାରା ଶରୀରକୁ ନିୟନ୍ତ୍ରଣ କରି ଇଷ୍ଟଦେବଙ୍କ ପୂଜା ଦ୍ୱାରା ମନସିକ ଶକ୍ତି ବଢ଼ାଇବାକୁ କୁହାଯାଏ ।
- ✖ ଏକାଦଶୀ ବ୍ରତ କରିବା ଦ୍ୱାରା ବହୁ ପ୍ରକାର ରୋଗ ଏବଂ ଦୋଷ ଦୂର ହୋଇଯାଏ ।
- ✖ ଏକାଦଶୀ ବ୍ରତ କରିଲେ ୧୦୦୦ ଏକାଦଶୀ ବ୍ରତର ଫଳ ମିଳିଥାଏ ।
- ✖ ଦଶମୀ ଯୁକ୍ତ ଏକାଦଶୀ ବ୍ରତ କଦାପି କରିବା ଉଚିତ୍ ନୁହେଁ, କାରଣ ଏହା କରିଲେ ସନ୍ତାନ ହାନି ହୁଏ ।











# ସୂର୍ଯ୍ୟତାପ ଜନିତ ଅସୁସ୍ଥତା ଓ ସଚେତନତା



*ଜଙ୍ଗଲ ନଷ୍ଟ ହେବା ଫଳରେ ପ୍ରକୃତିର ସବୁଜିମା ନଷ୍ଟ ହେବାରେ ଲାଗିଛି । ଏହାର ଫଳ ସ୍ୱରୂପ ବୃଦ୍ଧି ପାଇବାରେ ଲାଗିଛି ତାପମାତ୍ରା । ବିଶ୍ୱର ତାପମାତ୍ରା ବୃଦ୍ଧି ପାଇବା ଫଳରେ ପରିବେଶ ଉପରେ ଏହାର ନିଶ୍ଚିତ ଭାବେ କୁପ୍ରଭାବ ପଡୁଛି । ନିକଟରେ ଆମେରିକାର ବୈଜ୍ଞାନିକମାନେ କରିଥିବା ଏକ ଗବେଷଣାରୁ ଜଣାପଡିଛି ଯେ ମ୍ୟାଲେରିଆ, ପ୍ଲେଗ ଭଳି ରୋଗ ବୃଦ୍ଧି ପାଇବାର ଅନ୍ୟତମ କାରଣ ହେଲା ବିଶ୍ୱ ତାପମାତ୍ରାରେ ଅହେତୁକ ବୃଦ୍ଧି । ବିଭିନ୍ନ ଭୂତାଣୁଜନିତ ରୋଗ ମଧ୍ୟ ତାପମାତ୍ରା ବୃଦ୍ଧି କାରଣରୁ ହେଉଛି ବୋଲି ଏହି ଗବେଷଣାରୁ ଜଣାପଡିଛି । ଏହା ବ୍ୟତୀତ ପୃଥିବୀର ଜଳସ୍ତର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । କାରଣ ମେରୁ ଅ□ଳରୁ ଯେଉଁ ବରଫ ତରଳିବାରେ ଲାଗିଛି ତାହା ଆସି ମହାସାଗରରେ ମିଶୁଛି । ତେଣୁ ଜଳସ୍ତର ଧୀରେ ଧୀରେ ବୃଦ୍ଧି ପାଉଛି । ତାପମାତ୍ରା ବୃଦ୍ଧି ପାଇବା କାରଣରୁ ଅନେକ ସମୟରେ ଜଙ୍ଗଲରେ ଅଚାନକ ନିଆଁଲାଗିଯାଉଛି ଏହାର ଫଳ ସ୍ୱରୂପ ସାରା ବିଶ୍ୱରେ କୋଟି କୋଟି ଜୀବଙ୍କ ପ୍ରାଣନାଶ ହେଉଛି । ଯାହାର ସିଧାସଳଖ ପ୍ରଭାବ ପଡୁଛି ମଣିଷ ସମାଜ ଉପରେ । ଏହା ବ୍ୟତୀତ ସୁନାମୀ, ହରିକେନ୍ ଭଳି ପ୍ରାକୃତିକ ଦୁର୍ବିପାକ ମଧ୍ୟ ବିଶ୍ୱ ତାପମାତ୍ରା ବୃଦ୍ଧି କାରଣରୁ ଅଧିକ ହେଉଛି । ଏବେ ବି ମଣିଷ ପାଖରେ ସମୟ ଅଛି । ସେ ଚାହିଁଲେ ପ୍ରକୃତିକୁ ଏଭଳି ଧ୍ୱଂସ ମୁଖରୁ ରକ୍ଷା କରିପାରିବ । ଏଥିପାଇଁ ଦରକାର କେବଳ ସାମାନ୍ୟ ସଚେତନତା ଓ ପରିବେଶ ପ୍ରତି ଟିକେ ଦାୟିତ୍ୱବୋଧ ।*

### ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଲେ:

ତାପମାତ୍ରା ସାଧାରଣତଃ ୪୦ ଡିଗ୍ରୀ ସେଂଟିଗ୍ରେଡ୍‌ରୁ ଉପରକୁ କିଛି ଦିନ ବା ସପ୍ତାହେ ଧରି ଲାଗି ରହିଲେ ତାହାକୁ କୁହାଯାଏ ହିଟ୍‌ୱେଭ୍ । ହିଟ୍‌ୱେଭ୍‌ର ନିର୍ଦ୍ଦିଷ୍ଟ କୌଣସି ସୂତ୍ର ପରିଚୟ ନଥିଲେ ହେଁ ଅତ୍ୟଧିକ ତାତି ହିଁ ନେଇଥାଏ ଏହି ପରିଚୟ । ତେବେ ହିଟ୍‌ୱେଭ୍ ଜନିତ ସତର୍କତା ହିଁ ଅଧିକ ଗୁରୁତ୍ୱ ରଖିଥାଏ । କି କି ପଦକ୍ଷେପ ହିଟ୍‌ୱେଭ୍‌ର ସଠିକର ମୁକାବିଲା କରିପାରିବ ତାହା ହିଁ ଏବେ ସମୟର ଆହ୍ୱାନ । କାରଣ ହିଟ୍‌ୱେଭ୍ ଡେମୋକ୍ଲିସ୍‌ର ଖଣ୍ଡା ହୋଇ ଝୁଲୁଛି ସବୁରି ଉପରେ । ଅତ୍ୟଧିକ ତାତିରେ ମଣିଷ କାମ କଲେ ତାହା ତାକୁ ଉଭୟ ଶାରୀରିକ ଓ ମାନସିକ ଭାବେ ଅସୁସ୍ଥ କରିପକାଏ । ଏଥିପାଇଁ ସଜାଗ ସଚେତନତା ଜରୁରୀ । ପୁନଶ୍ଚ ଏ କଥା ମଧ୍ୟ କୁହାଯାଇପାରେ ଯେ ଖରାଦିନର ଉତ୍ତପ୍ତ ବାତାବରଣ ଓ ସଂକ୍ରମଣ ହେତୁ ମଣିଷ ଭୋଗିଥାଏ ଛୋଟ ବଡ଼ ଅନେକ ସମସ୍ୟା । ଯଥା, ଜଳ ଶୁଷ୍କତା, ଅଂଶୁଘାତ, ସନବର୍ଣ୍ଣ ଓ ଘିମିରି ।

*ଜଳଶୁଷ୍କତା:* ଖରାଦିନେ ଶରୀର ବହୁ ପରିମାଣରେ ଆବଶ୍ୟକ କରେ ଜଳ । ଅତ୍ୟଧିକ ଗରମ ଯୋଗୁଁ ଦେହରୁ ଗମ୍ ଗମ୍ ଝାଳ ନିର୍ଗତ ହୋଇ ସୃଷ୍ଟି କରେ ଅସମ୍ଭବ ପରିସ୍ଥିତି । ତାତି ପ୍ରଭାବରେ ଶରୀର ଶୁଷ୍କ ହୋଇ ଜଳୀୟ ଅଂଶ କମିଯାଏ । ଯାହାକୁ ଆମେ ଡିହାଇଡ୍ରେସନ କହିଥାନ୍ତି । ଏ ଜଳଶୁଷ୍କତା ଜନିତ ପରିସ୍ଥିତିରୁ ମୁକୁଳିବାକୁ ପ୍ରଥମେ ଘରେ ପ୍ରାଥମିକ ଉପଚାର କରିବା ସହିତ ଆବଶ୍ୟକତା ଅନୁଯାୟୀ ଡାକ୍ତରଙ୍କ ପରାମର୍ଶ ଓ ଚିକିତ୍ସା ମଧ୍ୟ ଗ୍ରହଣ କରିବା ଉଚିତ ।

*ଅଂଶୁଘାତ:* ଖରାଦିନ ଆସିଲେ ଗୋଟିଏ ଚିନ୍ତା ହୁଏ ଯେ କେମିତି ବର୍ତିବେ ଅଂଶୁଘାତ ବା ସନ୍‌ଷ୍ଟ୍ରୋକ୍‌ରୁ । ଟାଣ ଖରାରେ ବାହାରକୁ ବାହାରିଲେ, କାମ କଲେ ମୁଣ୍ଡ ଟେକେ ଏହି ବିପଦ । ପ୍ରଥମେ ମୁଣ୍ଡ ବୁଲାଇବା ପରିସ୍ଥିତି ହୋଇ ପରେ ହୋଇ ଯାଏ ଅଣାୟତ ।




ଏ କଥା ମଧ୍ୟ ସତ ସନ୍‌ଷ୍ଟ୍ରୋକ ଆଣେ ଘାତକ ପରିସ୍ଥିତି ।

*ସନ୍‌ବର୍ଣ୍ଣ:* ସୂର୍ଯ୍ୟ କିରଣରେ ଥିବା ଅତି ବାଇଗଣୀ ରଶ୍ମୀ କାରଣରୁ ଶରୀରର ତ୍ୱଚା ପ୍ରଭାବିତ ହୋଇ ସେଥିରେ ଫୋଟକା ମାନ ସୃଷ୍ଟି ହୋଇଥାଏ । ଚର୍ମ କଳା ପଡ଼ିଯାଏ ଓ ସେଥିରେ ଠାଏ ଠାଏ ଲାଲ ପ୍ୟାଚ୍ ମଧ୍ୟ ହୋଇଥାଏ । ଏହାକୁ ଚିକିତ୍ସକଙ୍କ ଭାଷାରେ କହନ୍ତି ସନ୍‌ବର୍ଣ୍ଣ ।

*ଘିମିରି:*ଏସବୁ ବ୍ୟତିରେକ ଖରା ଦିନରେ ଅଧିକାଂଶଙ୍କ ଶରୀରରେ ଦେଖାଯାଇଥାଏ ଘିମିରି । ଆମ ଶରୀରର ଚର୍ମ ତଳେ ଥିବା ସ୍ୱେଦ ଗ୍ରନ୍ଥିରୁ ଝାଳ ବାହାରିବା ସହିତ ଲବଣାଂଶ, ପ୍ରୋଟିନ ୟୁରିଆ ଓ ତୈଳଯୁକ୍ତ ସ୍ୱେଦ ମଧ୍ୟ ନିର୍ଗତ ହୋଇଥାଏ । କିନ୍ତୁ ଯେତେବେଳେ ଝାଳ ବାଷ୍ପୀକରଣ ହୋଇପାରେନାହିଁ ସେତେବେଳେ ଜୀବାଣୁ ସଂକ୍ରମଣ ହୋଇ ବାହାରିଥାଏ ଘିମିରି । ଏହା ପୀଡ଼ା ଦିଏ ଅନେକ । ଏହା ବ୍ୟତୀତ ଖାଦ୍ୟ ଉପରେ ନିୟନ୍ତ୍ରଣ ନ ରହିଲେ ଅଣ୍ଡା ମାଛ ଅଧିକ ଖାଇଲେ ଶରୀର ଉପରେ ତାର ପ୍ରତିକୂଳ ପ୍ରଭାବ ପଡେ । ଏଥିପ୍ରତି ମଧ୍ୟ ଧ୍ୟାନ ରହିବା ଉଚିତ ।

*ସଚେତନତା:* ସୂର୍ଯ୍ୟ ତାପ ଜନିତ ଅସୁସ୍ଥତା ପାଇଁ କେତେକ ସତର୍କତା ଜରୁରୀ । ପ୍ରଥମ କଥା ଖାଦ୍ୟପେୟ ଠିକ୍ ରଖାଯିବା ଉଚିତ । ଆମିଷ ଓ ଗରିଷ୍ଠ ଖାଦ୍ୟ କିମ୍ବା ଛଣାଛଣି ତେଲ ଭଜା କି ଚା କି କଫି ବେଶୀ ଖାଇବା ଉଚିତ ନୁହେଁ । ମସଲା ମସଲି କମ୍ ଥିବା ସବ୍‌ଜି କରି ଖାଇଲେ ପେଟ ଗୋଳମାଳ ଠାରୁ ଶରୀର ରହେ ଦୂରରେ । ଯଦି ଜଳ ଶୁଷ୍କତା ଭୋଗୁଥାନ୍ତି ତେବେ ପ୍ରଚୁର




ଭାବେ ପାଣି ପିଇବା ଉଚିତ । ଏଥିସହିତ ପେଟ ଥଣ୍ଡା କରୁଥିବା ଫଳମୂଳ ଓ ଖାଦ୍ୟ ଖାଇବା ମଧ୍ୟ ଦରକାର । ବିଶେଷ କରି କାକୁଡ଼ି, ତରଭୁଜ ଖାଇବା ଆବଶ୍ୟକ । ଏହାଦ୍ୱାରା ସ୍ୱାସ୍ଥ୍ୟ ଯଥାରୀତି ରହିବା ସହିତ ନିର୍ଗତ ଜଳୀୟ ଅଂଶ ଶରୀରରେ ପୂରଣ ହୋଇପାରେ । ଅଂଶୁଘାତର ଭୟ ଏଣିକି ଅଧିକ ହେଉଛି । କି ପିଲା କି ବୁଢ଼ା ସଭିଏଁ ଏହାର ଶିକାର ହୋଇଥାନ୍ତି । ଏଥିରେ ଦେହ ମୁଣ୍ଡ ବୁଲାଇ ପଡିଯିବା ଭଳି ଲାଗେ । ଏହି ସମୟରେ ସତର୍କ ରହିବା ଉଚିତ । ଏଥିପାଇଁ ଖରାରେ ବାହାରକୁ ଯିବା ଉଚିତ ନୁହେଁ । ତେବେ କାମର ଆବଶ୍ୟକତା ଦୃଷ୍ଟିରୁ ଯିବାକୁ ହେଲେ ଛତା, ଜୋତା, ଟୋପି , ପାଣି ବୋତଲ ଓ ଓଦା ଗାମୁଛା ସାଙ୍ଗରେ ନେବା ସହିତ ବାହାରକୁ ଯିବା ଆଗରୁ ପ୍ରଚୁର ପାଣି ପିଇକରି ଯିବା ଉଚିତ । ଢିଲା ସୂତା କପଡ଼ା ପିନ୍ଧିବା ଉଚିତ । ଯେତେଦୂର ସମ୍ଭବ ଶରୀରକୁ ଘୋଡ଼େଇ ରଖିବା ଉଚିତ । ଯେ କୌଣସି ଚର୍ମରୋଗ ପାଇଁ କେତେକ ସାବଧାନତା ଅବଲମ୍ବନ କରାଯିବା ଜରୁରୀ । ବିଭିନ୍ନ ଜଡ଼ି ବୁଟିରେ ପ୍ରସ୍ତୁତ କ୍ରିମ କିମ୍ବା ଆଂଟିସେପ୍‌ଟିକ କ୍ରିମ ଅବଶ୍ୟ ଲଗାଇବା ଉଚିତ । ନିୟମିତ ଭଲ ଭାବେ ସ୍ନାନ କରିବା ଉଚିତ । ତେବେ ଥଣ୍ଡା ପାଣିରେ ବେଶୀ ଧୂଆଧୂଇ ହେବା ଉଚିତ ନୁହେଁ । ପ୍ରଥମେ ପବନରେ ବସି ଝାଳ ଶୁଖାଇବା ପରେ ସ୍ନାନ କରିବା ଉଚିତ । ଯଦି ଘିମିରି ହୋଇଛି ତେବେ ତାହାକୁ କୁଣ୍ଡାଇବା ଉଚିତ ନୁହେଁ । ଚନ୍ଦନ ଲଗାଇଲେ ଦେହ ଶୀତଳ ରହେ । ଘିମିରି ପାଉଡର ମଧ୍ୟ ବ୍ୟବହାର କରିବା ଉଚିତ । ପିଲା ମାନଙ୍କୁ ଏହି ସମୟରେ ବିଶେଷ ଧ୍ୟାନ ଦିଆଯିବା ଉଚିତ । କାରଣ ସେମାନେ ଏ ବାହାର ଦୁନିଆ ସହିତ ଅପରିଚିତ । ଏଥିପାଇଁ ସେମାନଙ୍କ ମନରେ ପ୍ରଭାବ ପଡ଼ିଲା ଭଳି କଥା, ଗପ ଓ ହିତ ଉପଦେଶ କହିଲେ ସେମାନେ ତାହାକୁ ଅଧିକ ଗ୍ରହଣ କରିଥାନ୍ତି । ପଶୁ ପକ୍ଷୀମାନଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନରେ ରଖାଯିବା ଓ ସେମାନଙ୍କ କଥା ବୁଝାଯିବା ଉଚିତ । ଆମେ ବାସ କରୁଥିବା ଘର ପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ । କୋଠା ଘର ହୋଇଥିଲେ ଛାତର ଉପରି ଭାଗ ପାର୍ଶ୍ୱ କାନ୍ଥରେ ଧଳା ରଙ୍ଗ ଦେଲେ ସୂର୍ଯ୍ୟ କିରଣର ପ୍ରଭାବ କମିଯାଏ । ଏହା ଆମ ସମସ୍ତଙ୍କର ମନେ ରହିବା ଉଚିତ ଯେ ଋତୁ ତାର ସ୍ୱଭାବ ଗୁଣ ଧର୍ମ ଛାଡ଼ିବ ନାହିଁ । ଆମକୁ ତାହା ସହିତ ସୁଚିନ୍ତିତ ସୁବନ୍ଦୋବସ୍ତ ମଧ୍ୟରେ ରହିବା ଆବଶ୍ୟକ ଏବଂ ଯଥାସମ୍ଭବ ପରିବେଶ ସୁରକ୍ଷା କରିବା ଉଚିତ ।

- ଖରାଦିନେ ଯେତେ ଅଧିକ ସମୟ ଘରେ ରହିବେ ଭଲ । ବାହାରକୁ ଯାଉଥିଲେ ଦିନ ୧୦ଟା ପୂର୍ବରୁ ବାହାରିଯାଆନ୍ତୁ । ସନ୍ଧ୍ୟା ପରେ ଘରକୁ ଫେରନ୍ତୁ ।
- ପାଣି ଅଧିକ ପିଅନ୍ତୁ । ଜଳୀୟ ଅଂଶ ଅଧିକ ଥିବା ଫଳ ଯେମିତିକି କାକୁଡି, ତରଭୁଜ, ତାଳସଜ, କମଳା ଆଦି ଅଧିକ ପରିମାଣରେ ଖାଆନ୍ତୁ ।
- ରାସ୍ତାକଡରେ ବିକ୍ରି ହେଉଥିବା ଖାଦ୍ୟରୁ ଦୂରରେ ରହନ୍ତୁ । ସତେଜ ଫଳ ଓ ପନିପରିବା ଖାଆନ୍ତୁ ।
- ରାତିରେ ଡେରି କରି ଖାଆନ୍ତୁ ନାହିଁ । ଶୋଇବାରେ ମଧ୍ୟ ବିଳମ୍ବ କରନ୍ତୁ ନାହିଁ ।
- ଖରାଦିନେ ଅତ୍ୟଧିକ ମଦ୍ୟପାନ ଭଳି କୁଅଭ୍ୟାସରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ । ଅଧିକାଂଶ ଯୁବପିଢି ଚିଲ୍ଡ ବିୟର ପିଇ ଖରାଦିନକୁ ଉପଭୋଗ କରନ୍ତି । କିନ୍ତୁ ସ୍ୱାସ୍ଥ୍ୟ ପାଇଁ ଏହା ଅତ୍ୟନ୍ତ କ୍ଷତିକାରକ ।
- ଦିନ ୧୦ଟା ପୂର୍ବରୁ ଘରର ଝରକା ଗୁଡିକୁ ବନ୍ଦ କରିଦିଅନ୍ତୁ । ଘରେ ଏସି ନଥିଲେ ଝରକା ପାଖରେ ପରଦାକୁ ଭିଜା କରି ଟାଙ୍ଗି ପଙ୍ଖା ଚଲାଇ ଦିଅନ୍ତୁ ।
- ଦିନକୁ ଅତି କମ୍‌ରେ ଦୁଇଥର ସ୍ନାନ କରନ୍ତୁ । ଏହାଦ୍ୱାରା ଶରୀରର ତାପମାତ୍ରା ସନ୍ତୁଳିତ ରହିବ ।
- ଟିକେ ଛାଇ ଜାଗା ଦେଖି ଗାଡି ପାର୍କିଂ କରନ୍ତୁ । ଖରାରେ ଗାଡି ପାର୍କିଂ କରିଥିଲେ ହଠାତ୍ ଯାଇ ଗାଡି ଭିତରେ ବସିହେବ ନାହିଁ । ଏସି ଚଲାଇଲେ ମଧ୍ୟ ତୁରନ୍ତ ଥଣ୍ଡା ଅନୁଭବ ହେବ ନାହିଁ ।
- ଫ୍ରିଜ ପାଣି ପରିବର୍ତେ ମାଠିଆ କିମ୍ବା ଅନ୍ୟ କୌଣସି ମାଟି ପାତ୍ରରେ ଥିବା ପାଣି ପିଅନ୍ତୁ । ଏହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ।
- ଖରାଦିନିଆ ଘରସଜ୍ଜା: ସମର୍ ହୋମ୍ ଡେକୋରେସନ୍ କହିଲେ କେବଳ ଘରର ସାଜସଜ୍ଜାକୁ ବୁଝାଏ ନାହିଁ । କାରଣ ସାଜସଜ୍ଜା ଉପରେ ନିର୍ଭର କରେ ଆପଣଙ୍କ ଜୀବନଶୈଳୀ । ତେଣୁ ଏମିତି ଭାବେ ଘରକୁ ଡେକୋରେଟ୍ କରନ୍ତୁ ଯାହା ଫଳରେ ଖରାଦିନର ଉତପ୍ତ ପରିବେଶରେ ମଧ୍ୟ ଆପଣ ଶୀତଳ ଅନୁଭବ କରିବେ ।
- ଘରୁ ଓଜନିଆ ପରଦା ସବୁ ବାହାର କରି ହାଲ୍‌କା ତଥା ଫିକା ରଂଗର ପରଦା ଟାଙ୍ଗନ୍ତୁ । ◀ ଭେଲଭେଟ୍ କିମ୍ବା ସିଲ୍କର ବେଡସିଟ୍ ବଦଳରେ ସୂତାର ବେଡସିଟ୍ ବ୍ୟବହାର କରନ୍ତୁ ।
- ଲେଦର ସୋଫା ଥିଲେ ତା ଉପରେ ସୂତାର ସୋଫା କଭର ପକାଇ ଦିଅନ୍ତୁ । ◀ ଖରାଦିନେ କେବେ ବି ଭେଲଭେଟ, ସିଲ୍କ କିମ୍ବା ଜରିକାମ ହୋଇ ଥିବା କୁଶନ କଭର୍ ଲଗାନ୍ତୁ ନାହିଁ । ଏହା ପରିବର୍ତେ ସୂତା କିମ୍ବା ଖଦୀର କୁଶନ କଭର୍ ବ୍ୟବହାର କରନ୍ତୁ । ◀ ଓଜନିଆ କାର୍ପେଟ ଉଠାଇ ଏହା ଜାଗାରେ ସୂତା କିମ୍ବା ଖଦୀର ସତରଞ୍ଜି ପକାଇ ପାରିବେ । ◀ ଏସି କିମ୍ବା କୁଲର ପ୍ରତି ଆଲର୍ଜି ଥିବା ଲୋକମାନେ ଘରେ ବେଣାଚେରରେ ତିଆରି ହୋଇଥିବା ପରଦା ଟାଙ୍ଗି ପାରିବେ । ◀ ଖରାଦିନେ ଯେତେ ଅଧିକ ସମ୍ଭବ ସୂତା ପୋଷାକ ପିନ୍ଧିବାକୁ ଚେଷ୍ଟା କରନ୍ତୁ ।
- ସିଲ୍କ, ଟେରିକଟ୍, ସିଫନ୍ ଆଦି ପିନ୍ଧି ଖରାରେ ବୁଲନ୍ତୁ ନାହିଁ । ତ୍ୱଚା ଉପରେ କୁପ୍ରଭାବ ପକାଇପାରେ ।
- ହାତକଟା କିମ୍ବା ଶରୀରର କିଛି ଅଂଶ ଦେଖା ଯାଉଥିବା ପୋଷାକ ପିନ୍ଧିବା ବଦଳରେ ଶରୀରକୁ ଆବୃ□ କରି ରଖୁଥିବା ପୋଷାକ ପିନ୍ଧି ବାହାରକୁ ଯାଆନ୍ତୁ ।
- ଦିନ ବେଳା କଳା ଏବଂ ଅତ୍ୟଧିକ ଗାଢ ରଂଗର ପୋଷାକ ପିନ୍ଧି ବୁଲନ୍ତୁ ନାହିଁ । ◀ ଖରାଦିନେ ଯେତେ ଅଧିକ ସମ୍ଭବ ଢିଲା ପୋଷାକ ପିନ୍ଧନ୍ତୁ । ଚିପା ପୋଷାକ ଶରୀରରେ ବିଭିନ୍ନ ପ୍ରକାରର ଆଲର୍ଜି ସୃଷ୍ଟି କରିବାର ଆଶଙ୍କା ଅଛି ।

# ଡିହାଇଡ୍ରେସନ୍

ମଣିଷ ଶରୀରର ୭୫ ଭାଗ ଜଳ ଆଧାରିତ, ଯାହା କି ଶରୀରର ବିଭିନ୍ନ କୋଷକୁ ଆଚ୍ଛାଦିତ କରିଥାଏ । ଅବଶିଷ୍ଟ ରହିଥାଏ ରକ୍ତ କଣିକାରେ । ଶରୀରରୁ ଜଳ କମିଗଲେ ମଣିଷ ଜୀବନ ସଙ୍କଟରେ ପଡ଼ିଯାଏ । ଏହାକୁ ଡାକ୍ତରୀ ଭାଷାରେ କୁହାଯାଏ 'ଡିହାଇଡ୍ରେସନ୍' । ଆମ ଶରୀରରୁ ନିୟମିତ ଭାବେ ଜଳ କ୍ଷୟ ହୁଏ ଝାଳ ଓ ପରିସ୍ରା ଇତ୍ୟାଦି ମାଧ୍ୟମରେ । 'ଆଂଟି ଡ୍ୟୁରେଟିକ୍ ହରମୋନ' ବା ଏଡିଚ ବୃକକ ମାଧ୍ୟମରେ ଏହି ଜଳକ୍ଷୟକୁ ନିୟନ୍ତ୍ରିତ କରିଥାଏ ଓ ଶରୀର ପାଇଁ ଜଳ ସଂରକ୍ଷଣ କରିଥାଏ । ଏଥିରେ ବ୍ୟାଘାତ ସୃଷ୍ଟି ହେଲେ ବିପଦ ନିଶ୍ଚିତ । ତେବେ ଡିହାଇଡ୍ରେସନ୍ ଆଜିକାଲି ଏକ ବଡ଼ ସମସ୍ୟା ଭାବେ ଜଣାଶୁଣା ହେଲାଣି । ଯଥେଷ୍ଟ ପାଣି ନପିଇବା ଦ୍ୱାରା ସାଧାରଣତଃ ଏହି ସମସ୍ୟା ଉପୁଜିଥାଏ । ଡିହାଇଡ୍ରେସନ୍‌ର ଅନ୍ୟ କାରଣ ଝାଡ଼ା-ବାନ୍ତି ବା ଡାଏରିଆ । ଏହି କାରଣରୁ ଭାରତରେ ପ୍ରତିବର୍ଷ ୪ ମିଲିୟନ୍ ଶିଶୁଙ୍କ ମୃତ୍ୟୁ ହୋଇଥାଏ । ଶରୀରରୁ ଜଳୀୟ ଅଂଶ ଉଦ୍‌ବେଗଜନକ ଭାବେ ହ୍ରାସ ପାଇବା ହିଁ ଡିହାଇଡ୍ରେସନ୍‌ର ପ୍ରମୁଖ କାରଣ । ଝାଡ଼ା ସହିତ ବାନ୍ତି ହେଲେ ରୋଗୀ ଗୁରୁତର ହୋଇପଡ଼େ; କାରଣ ଏହାଦ୍ୱାରା ଶରୀରରେ ଜଳର ଅଭାବକୁ ଭରଣା କରିବା କଷ୍ଟକର ହୋଇଥାଏ । ଗରମ ପରିବେଶ, ଅଧିକ ପରିଶ୍ରମ, ଦେହର ଉତାପ ବୃଦ୍ଧି ଇତ୍ୟାଦି କାରଣରୁ ଅଧିକ ଝାଳ ବାହାରିବା ଦ୍ୱାରା ଶରୀରରୁ ଜଳୀୟ ଅଂଶ ହ୍ରାସ ପାଇଥାଏ । କୌଣସି ସଂକ୍ରମଣ କାରଣରୁ ମଧ୍ୟ ଶରୀର ଶୁଷ୍କ ହୋଇଯାଏ । ବହୁମୂତ୍ର ରୋଗୀ ଡିହାଇଡ୍ରେସନ୍‌ର ଶିକାର ହେବା ଆଶଙ୍କା ଅଧିକ ରହିଥାଏ । ସେମାନଙ୍କ ରକ୍ତରୁ ଶର୍କରା ଅଂଶ ବୃଦ୍ଧି ପାଇବା ହିଁ ଏହାର କାରଣ । ପୋଡାରୋଗୀ ମଧ୍ୟ ଡିହାଇଡ୍ରେସନ୍ ଭୋଗି ପାରନ୍ତି; ଯେହେତୁ ସେମାନଙ୍କ ଚର୍ମ ଜଳ ଶୋଷି ନିଏ । ଏହାଛଡ଼ା ସଂକ୍ରମଣ କାରଣରୁ ମଧ୍ୟ ଜଳୀୟ ଅଂଶ ହ୍ରାସ ପାଇବାର ଆଶଙ୍କା ଥାଏ । ଡିହାଇଡ୍ରେସନରେ ସବଠୁ ବଡ଼ ବିପଦ ହେଉଛି ବୃକକ୍ [redacted]



ହେଲେ ମୃତ୍ୟୁ ଅବଶ୍ୟମ୍ଭାବୀ ହୋଇପଡ଼େ । ବେଳେ ବେଳେ ଜଳୀୟ ଅଂଶ କ୍ଷୟର ଭରଣା କରାଯାଇନପାରିଲେ ମସ୍ତିଷ୍କ ଆଘାତ ଭଳି ଅବସ୍ଥା ଉପୁଜେ । ଶରୀରକୁ ଯଥେଷ୍ଟ ଅମ୍ଳଜାନ ମିଳେ ନାହିଁ । ରକ୍ତଚାପ ହ୍ରାସ ସହିତ ଏଭଳି ସମସ୍ୟା ରୋଗୀକୁ ମୃତ୍ୟୁ ମୁଖକୁ ଠେଲି ଦିଏ । ଅତ୍ୟଧିକ ଗରମ କାରଣରୁ ଯଦି ଡିହାଇଡ୍ରେସନ୍ ହୋଇଥାଏ ତେବେ ଅଧିକ ଝାଳବୋହି ଶରୀରକୁ ଶୀତଳ କରିବାକୁ ଚେଷ୍ଟାକରେ । ଏହା ଯଥେଷ୍ଟ ନହେଲେ ବା ଆବଶ୍ୟକ ମେ□ାଇ ନପାରିଲେ ମାଂସପେଷୀ ଗୁଡ଼ିକ ସଂକୁଚିତ ହୋଇଯାଏ । ଯାହାକି ସୁଧୁରିବା କଷ୍ଟକର । ଡିହାଇଡ୍ରେସନର ସିଧାସଳଖ ଲିଭର ସହିତ ସମ୍ପର୍କ ରହିଛି । ଏହା ପାଚନ ପ୍ରକ୍ରିୟାକୁ ସଂକ୍ରମଣ କଲେ ରୋଗୀଟିର ସମସ୍ୟା ଦ୍ୱିଗୁଣିତ ହୋଇଥାଏ । ଡିହାଇଡ୍ରେସନ୍‌ର ଚିକିତ୍ସା ପାଇଁ ସର୍ବୋତ୍କୃଷ୍ଟ ଉପାୟ ହେଉଛି ଶରୀରକୁ ଯଥେଷ୍ଟ ଜଳ ଯୋଗାଇଦେବା ଓ ଜଳୀୟ ଅଂଶ ବୃଦ୍ଧି କରିବା । ପ୍ରଥମେ ରୋଗୀକୁ ଯଥେଷ୍ଟ ପରିମାଣରେ ପାଣି ପିଆଇବା ଉଚିତ । 'ଇଲେକ୍ଟ୍ରୋଲାଇଟ' ଆଧାରିତ ପାଣି ପିଆଇବା ଦ୍ୱାରା ଯଥେଷ୍ଟ ଉପକାର ମିଳିଥାଏ । ଏହାଛଡ଼ା ଜଳୀୟ ଅଂଶ ବୃଦ୍ଧିକାରୀ ତରଳ ପଦାର୍ଥ ରୋଗୀକୁ ବାରମ୍ବାର ପିଆଇବା ଉଚିତ । ଏଥିରେ ସଫଳତା ନମିଳିଲେ ସାଲାଇନ୍ ଯୋଗେ ସିଧା ଧମନୀରେ ଜଳୀୟ ଅଂଶ ଭରଣା କରାଯାଏ । ପରିସ୍ରା ଠିକ୍ ହେବା ପର୍ଯ୍ୟନ୍ତ ଜାରୀ ରଖାଯାଏ । ଶରୀର ଶୁଷ୍କ ହୋଇଯାଇଥିବାରୁ ବୃକକ୍‌ର କାର୍ଯ୍ୟକାରିତା ପ୍ରାୟ ବନ୍ଦ ରହିଥାଏ । ଔଷଧ ବା ଇଞ୍ଜେକସନ୍ ଦ୍ୱାରା ଏହାକୁ ସବଳ କରିବାକୁ ହୁଏ । ଏହାଛଡ଼ା ବାନ୍ତି, ଝାଡ଼ା ତଥା ଜ୍ୱରକୁ ନିୟନ୍ତ୍ରଣ କରିବା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଡିହାଇଡ୍ରେସନ୍ ଏମିତି ଏକ ସମସ୍ୟା ବା ରୋଗ ଯେ ଏହାର ଚିକିତ୍ସା ଅପେକ୍ଷା ଏଥିପ୍ରତି ସତର୍କତା ଓ ପ୍ରତିଷେଧକ ଅଧିକ ଗୁରୁତ୍ୱପୂର୍ଣ୍ଣ । ତେଣୁ ପ୍ରତିଦିନ ଯଥେଷ୍ଟ ପରିମାଣରେ ପାଣି ପିଇବା ଉଚିତ । ଖରାଦିନେ ଏହି ପରିମାଣ ବୃଦ୍ଧି କରିବା ଉଚିତ । ଗାଢ଼ରଙ୍ଗର ପୋଷାକ ପିନ୍ଧିବା ଅନୁଚିତ । ଏହାଛଡ଼ା ଚିପା ପୋଷାକ ପରିବ□ ଢିଲା ପୋଷାକ ପିନ୍ଧିବା ଉଚିତ । କାଫିନ୍‌ଯୁକ୍ତ ତଥା ନିଶାଯୁକ୍ତ ପାନୀୟ ସର୍ବାଦୌ ବର୍ଜନୀୟ । ଅଧିକ ସୂର୍ଯ୍ୟତାପରୁ ନିଜକୁ ଦୂରେଇ ରଖନ୍ତୁ, ଶୀତଳ ଓ ଛାଇ ଜାଗାରେ ଚଳପ୍ରଚଳ ହୁଅନ୍ତୁ । ଖେଳାଖେଳି ଓ ବ୍ୟାୟାମ କରୁଥିବା ବ୍ୟକ୍ତି ଏହା ପୂର୍ବରୁ ମଝିରେ ବା ପରେ ସୋଡିୟମ୍‌ଯୁକ୍ତ ପାଣି ଯଥେଷ୍ଟ ପରିମାଣରେ ପିଇବା ଉଚିତ । ଏହା ଜଳୀୟ ଅଂଶ କ୍ଷୟକୁ ଭରଣା କରିବ । ଡିହାଇଡ୍ରେସନ୍‌ରେ ପୀଡ଼ିତ ରୋଗୀକୁ ତୁରନ୍ତ



ତଳେ ଚଟାଣରେ ଶୁଆଇ ଦିଅନ୍ତୁ । ପାଦକୁ ପିଢ଼ାପଟା ଆକାରରେ ଉଚ୍ଚା ରଖନ୍ତୁ । ଯଥେଷ୍ଟ ପାଣି ବା ଇଲେକ୍ଟ୍ରାଲ ପାଣି ପିଆନ୍ତୁ । ଶରୀର ଉ□ାପ ହ୍ରାସ ପାଇଁ ଯଥେଷ୍ଟ ପବନ ଛାଡ଼ନ୍ତୁ । ପାଖରେ ପଙ୍ଖା ଲଗାଇ ଦିଅନ୍ତୁ । ଥଣ୍ଡ କପଡ଼ାରେ ବାରମ୍ବାର ଶରୀରକୁ ପୋଛନ୍ତୁ । ମୁଣ୍ଡବିନ୍ଧା ଓ ବିତୃଷ୍ଣା ବା ବାନ୍ତି ବାନ୍ତି ଲାଗିବା, ରକ୍ତଚାପ ହ୍ରାସ ପାଇବା, ଘୁମାଇବା ପରି ଲାଗିବା କିମ୍ବା ଚେତାଶୂନ୍ୟ ହୋଇଯିବା, ଭୋକ ମରିଯିବା, ପାଟି ଶୁଖିଲା ଲାଗିବା, ଚର୍ମ ଶୁଷ୍କ ହୋଇଯିବା, ପରିସ୍ରା ଗାଢ଼ ହଳଦିଆ ରଙ୍ଗ ହେବା, ପରିସ୍ରା ପରିମାଣ ହ୍ରାସ ପାଇବା, ଏମିତିକି ପରିସ୍ରା ବନ୍ଦ ହୋଇଯିବା, ଆଖି କୋରଡ଼ିଆ ହେବା ସହ ମୁହଁ ରକ୍ତିମ ପଡ଼ିଯିବା, କାନ୍ଦିଲେ ବି ଆଖିରୁ ଲୁହ ନ ଆସିବା, ଆଦୌ ଝାଳ ନବହିବା ଓ ପ୍ରତି ମୁହୂର୍ତରେ ଅଚେତ ଲାଗିବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଟିକୁ ଭର୍ତ୍ତି କରାଇଦେବା ଉଚିତ ହେବ ।

# ଖରାଦିନିଆ ପୋଷାକ

◆ କୃଷ୍ଣପ୍ରିୟା ତ୍ରିପାଠୀ



ଖରାଦିନେ ଦରକାର ହାଲୁକା ରଙ୍ଗ ଓ ହାଲୁକା ଡିଜାଇନ୍‌ର ପୋଷାକ । ଯାହା ସୁନ୍ଦର ଦେଖାଯାଉଥିବ ଏବଂ ପିନ୍ଧିବାକୁ ଆରାମ ଲାଗୁଥିବ । ସାଧାରଣତଃ ଖରା ଦିନ ପାଇଁ ଧଳା, ସବୁଜ, ହାଲୁକା ନୀଳ ଓ ହାଲୁକା ହଳଦିଆ ରଙ୍ଗର ପୋଷାକ ଭଲ । ଏଭଳି ପୋଷାକ ଆତ୍ମବିଶ୍ୱାସ ବଢ଼ାଇଦିଏ । ଯଦି ଟ୍ରେଣ୍ଡି ପାରମ୍ପରିକ ପୋଷାକ ପିନ୍ଧି ପାରୁଛନ୍ତି ଆହୁରି ଉତମ । ବସ୍ତ୍ର ଉପରେ ସୂତା କିମ୍ବା ଶିଲ୍କର କାରୁକାର୍ଯ୍ୟ ରହିଥିବା ପାରମ୍ପରିକ ପୋଷାକ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ଟ୍ରେଣ୍ଡି ଲୁକ୍ ବି ଦିଏ । ଏହା ବ୍ୟତୀତ ଟ୍ରାଇବାଲ୍ କିମ୍ବା ଜଙ୍ଗଲିଆ ଥିବା ପ୍ରିଂଟ କୁର୍ତା, କଟନ୍ କୁର୍ତା ଉପରେ କଲମକରୀ କଳାକୃତି ଥିବା ଲମ୍ବା ଓ ଛୋଟ କୁର୍ତା ମଧ୍ୟ ଆପଣଙ୍କ ଟ୍ରାଡ଼ିସନାଲ ଲୁକ୍‌କୁ ଆହୁରି ଆକର୍ଷଣୀୟ କରି ଦେବ । ଆଉ ଟିକେ ଷ୍ଟାଇଲିସ୍ ହେବାକୁ ଡିପ୍ ନେକ୍ କଟିଙ୍ଗ୍ ଥିବା ପୋଷାକ ପିନ୍ଧି ପାରିବେ । ପର ବା ବଙ୍କା ପାଖୁଡ଼ା ଆକୃତିର ବୁଣା କିମ୍ବା ଚିତ୍ର ଥିବା ସାଙ୍ଗାନେରୀ ପ୍ରିଂଟ୍ ମହମ ଭଳି ରଙ୍ଗ କାଠିରେ ହୋଇଥିବା ହାଲୁକା ସୂକ୍ଷ୍ମ ରଙ୍ଗର ଟ୍ୟୁନିକ୍ ଭଳି ପାରମ୍ପରିକ ଶୈଳୀର କୁର୍ତା କିମ୍ବା ଶାଲଓ୍ୱାର-କମିଜ୍, ହାତ ତିଆରି ଏମ୍ବ୍ରୋଏଡ଼ରୀ ଶାଢ଼ୀ ମଧ୍ୟ ଖରାଦିନ ପାଇଁ ଉତମ । ଏହାଛଡ଼ା ବ୍ଲକ ପ୍ରିଂଟ ଥିବା ଆକର୍ଷଣୀୟ ଟପ୍ ଓ ସ୍କର୍ଟ କିମ୍ବା ଶାଲ୍‌ଓ୍ୱାର କମିଜ୍‌ରେ ବିଭିନ୍ନ ରଙ୍ଗ ବା ପାରମ୍ପରିକ କଳାକୃତି ହୋଇ ଥିଲେ ତାର ଦୃଶ୍ୟ ହିଁ ନିଆରା । ପୋଷାକ ହେଉଛି ଏକ ବ୍ୟକ୍ତିତ୍ୱର ପରିଚୟ ଓ ଆକର୍ଷଣ । ତେଣୁ ପୋଷାକ ଚୟନ ବେଳେ ଏ ଦିଗକୁ ଦୃଷ୍ଟିରେ ରଖିବା ଉଚିତ ।





# ଉତପ୍ତ ଖରାରେ ଜଳୁଛି ସହ ସହ ଇଟାଭାଟି, ଜନସାଧାରଣ ହନ୍ତସନ୍ତ

ଯାଜପୁର(ନିପ୍ର): ଯାଜପୁର ବଢୁଛି ତାତି ଛଟପଟ ଜନଜୀବନ । ତାତି ରୁ ତ୍ରାହି ତ୍ରାହି ଡାକୁଛନ୍ତି ଲୋକେ । ଆଉ ଏଭଳି ସମୟରେ ପୋଡ଼ା ଯାଉଥିବା ବେଆଇନ ଇଟାଭାଟି ଆହୁରି ଯନ୍ତ୍ରଣା ବଢାଇ ଦେଇଛି । ଏମିତିକି ପ୍ରଶାସନ ର ନାକ ତଳେ ଚାଲିଛି ବେଆଇନ ଇଟାଭାଟି କାରବାର । ଗୋଟିଏ କି ଦୁଇଟି ନୁହେଁ ସହ ସହ ଇଟାଭାଟି ରେ ନିଆଁ ଲଗାଇ ବ୍ୟବସାୟ କରୁଛନ୍ତି କିଛି ମୁନାଫା ଖୋର ବ୍ୟବସାୟ । ଫଳରେ ପରିବେଶ ପ୍ରଦୂଷିତ ହେବା ସହ ତାପ ମାତ୍ରାରେ ବୃଦ୍ଧି ଘଟି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ସବୁ ଜାଣି ଇଟା ବ୍ୟବସାୟ ଙ୍କ ଠାରୁ ନାଁକୁ ମାତ୍ର ଜୋରିମାନା ର ରସିଦ୍ କାଟି ବସିପଡୁଛନ୍ତି ତହସିଲିଦାର । ହେଲେ ଇଟା ଭାଟି ବନ୍ଦ କରିବାର ଦିଗରେ କାହାରି ନଜର ନାହିଁ । ତେବେ ଏଭଳି ପରିସ୍ଥିତି ରେ ପୋଡ଼ା ଯାଉଥିବା ଇଟାଭାଟି ବନ୍ଦ ନହେବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ସହର ବାସି । ଖୁଲମ୍ ଖୁଲା ଚାଲିଛି ଇଟାଭାଟି । ପ୍ରଶାସନିକ ଅଧିକାରୀଙ୍କ ଆଖିଆଗରେ ତିଆରି ହେଉଛି ନାଲି ଇଟା । ଗାଁ ଗାଁ ରେ ଗଢା ହେଉଛି ବେଆଇନ୍ ଇଟା । ପରିବେଷ ପ୍ରଦୂଷଣ ପ୍ରତି ନାହିଁ ଖାତିର । ଉତପ୍ତ ବଳୟ ପାଲଟିଛି ଯାଜପୁର ସହର । ଯାଜପୁର ଜିଲ୍ଲାରେ ଛତୁ ଫୁଟିଲା ପରି ଗଢା ହେଉଛି ଇଟାଭାଟି । ଜିଲ୍ଲା ଭିତରେ ପ୍ରବେଶ କରୁ କରୁ ରାସ୍ତା କଡ଼ରେ ସହ ସହ ବେଆଇନ୍ ଇଟାଭାଟି ।ଏବେ ପାରଦ ୪୦ ତଳକୁ ଖସିବାର ନାଁ ଧରୁନି । ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ଲୋକଙ୍କ ସାଧାରଣ ଜୀବନ ଚର୍ଯ୍ୟାକୁ ଅସ୍ତବ୍ୟସ୍ତ କରିଦେଲାଣି । ଗରମ ଠାରୁ ରକ୍ଷା ପାଇବା ପାଇଁ ମଣିଷ ଠାରୁ ପଶୁ ପକ୍ଷୀ ସମସ୍ତେ ଖୋଜି ଥାଆନ୍ତି ଛାଇ ଆଉ ଜଳାଶ୍ରୟ । ଆଉ ଏହାରୀ ଭିତରେ ଗରମକୁ ଦୁଇ ଗୁଣିତ କରିଦେଉଛି ଯାଜପୁର ସହରରେ ବେଆଇନ ଭାବେ ତିଆରି ହେଉଥିବା ଇଟାଭାଟି ନିଆଁ ।ମୃତିକା ସଂଗ୍ରକ୍ଷଣ ଓ ପରିବେଶ ସନ୍ତୁଳନ କୁ ଆଖିଆଗରେ ରଖି ଏହି ମାଟିରେ ତିଆରି ଇଟା ଭାଟି କୁ ବେଆଇନ ଭାବେ ଘୋଷଣା କରାଯାଇଛି । ଯାଜପୁର ତହସିଲ୍ କାର୍ଯ୍ୟାଳୟ ଠାରୁ ମାତ୍ର ୩ କିଲୋ ମିଟର ଦୂରତା ରେ ଯେମିତି ଇଟା ଭାଟି ଲଗାଯାଉଛି ତା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଦେଉଛି । ଯାଜପୁର ଅଂଚଳର ଖଇରାବାଦ ମଙ୍ଗଳପୁର ଛକ ଠାରୁ ମାଧ ପୁର ଦୀର୍ଘ ୬ କିଲୋ ମିଟର ବନ୍ଧ ରାସ୍ତାରେ ସହ ସହ ଇଟାଭାଟି ବିଦ୍ୟାଧରପୁର୍, ଚଇନିପୁର୍, ଟିପରା, ମତାବାଜ୍, ରୂଢିଆ, ମାଆଳନ୍ଦ୍ ପୁର ,ଏମିତି କି ମାଧ ପୁର ଆରାଇ ଅଫିସ କାର୍ଯ୍ୟାଳୟ ନିକଟରେ ବର୍ଷ ତମାମ ବେଆଇନ ଭାବେ ଇଟାଭାଟି ଚାଲିଛି । ଫଳରେ ଧୂଆଁ ଓ ତାତି ରେ ଅତିଷ୍ଠ ହୋଇପଡ଼ିଛନ୍ତି ଯାଜପୁର ବାସୀ । ସେପଟରେ ପକାଇଥିବା ଇଟା ଭାଟି ମାଲିକ କହିଛନ୍ତି ଆମେ ରସିଦ କାଟି ଇଟା ପକାଉଛୁ । ସେପଟରେ ହୁତ୍ ହୁତୁ ହୋଇ ଜଳିବାର ଲାଗିଚି ଇଟା ଭାଟି । ସେ ପୁଣି ଗାଁ ଭିତର ଘର ପାଖରେ । ଆଉ ଏ ପଟରେ ଟିକେ ନଜର ପକାନ୍ତୁ ରାସ୍ତା କଡ଼ରେ କିପରି ଧାଡ଼ି ହୋଇ ଠିଆ ହୋଇଛି ଇଟାଭାଟି । ସେପୁଣି ଦିନ ଦିପହରେ । ଇଟା ପୋଡ଼ା ଯିବା ସହ ଟ୍ରକ ଆଉ ଟ୍ରାକ୍ଟର ସାହାଯ୍ୟରେ ବୁହା ଚାଲିଛି । ସବୁଦିନ ଏପରି କାମ ଚାଲିଥିବା ବେଳେ ନାଁ ତାଉପରେ ରୋକି ବାକୁ କିଏ ଅଛି ନାଁ ଏମାନଙ୍କ ର କୌଣସି ଅଧିକାରୀ ଙ୍କ ପ୍ରତି ଭୟ ରହିଛି । ଜିଲ୍ଲାର ବିବିଭ୍ନ ସ୍ଥାନରେ ରହିଛି ଏପରି ଏକାଧିକ ଇଟାଭାଟି । ରାଜ୍ୟସରକାର ଏହି ନାଲି ଇଟାକୁ ବେଆଇନ୍ ଭାବେ ଘୋଷଣା କରିଛନ୍ତି । ହେଲେ ଏଭଳି ମାଫିଆ ମାନେ କାହାରିକୁ ଡର ନାହିଁ । ସେପଟରେ ଉଦି ଉଦିଆ ଖରା ସାଙ୍ଗକୁ ଇଟାଭାଟି ଧୂଆଁ ଅସ୍ତବେସ୍ତ କରିଦେଉଛି । ଅନ୍ୟପଟେ ନାଁ କୁ ମାତ୍ର ଫାଇନ୍ କାଟି ଚୁପ୍ ବସିଯାଉଥିବା ଅଭିଯୋଗ ହୋଇଛି ।ଇଟାଭାଟି ମାଫିଆ ଓ ଆରାଆଇ ସହ ତହସିଲ୍ ଦାରଙ୍କ ମଧୁ ଚନ୍ଦ୍ରିକା ରେ ଏଭଳି ବେଆଇନ୍ ଇଟାଭାଟି ପୋଡ଼ା ଯାଉଥିବା ଅଭିଯୋଗ କରିଛନ୍ତି ଯାଜପୁର ବାସୀ । ଅନ୍ୟପଟେ ବେଆଇନ୍ ଇଟାଭାଟି ପକାଉଥିବା ମାଫିଆ ମାନେ କିପରି ସଫେଇ ଦେଉଛନ୍ତି । ଆଉ ଆରଆଇ ଓ ତହସିଲ୍ ଦାର ଙ୍କ ଜଣାତରେ ଇଟାଭାଟି ପୋଡୁଥିବା କହିଛନ୍ତି କିଛି ଇଟାଭାଟି ମାଲିକ । ସେପଟରେ ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନଙ୍କୁ ପଚାରିବାରୁ ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲା ଜିଲ୍ଲା ପ୍ରଶାସନ ଅଧିକାରୀ ।

# ରକ୍ତଦାନ ଶିବିର ଅନୁଷ୍ଠିତ

ନୀଳଗିରି(ନିପ୍ର): ନରସିଙ୍ଘପୁର ପଂଚାୟତ ଅଧିନସ୍ଥ ଅମ୍ବିକା ପୁର୍ ରେ ଯୁବକ ମାନଙ୍କ ଦ୍ୱାରା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ରକ୍ତଦାନ ଶିବିରକୁ ନୀଳଗିରି ରକ୍ତ କେନ୍ଦ୍ର ଅଧିକାରୀ ଡକ୍ଟର ମନୋଜ ବାରିକ ଓ ନୀଳଗିରି ରକ୍ତଦାତା ସଂଘ ର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ପ୍ରବଳ ରୌଦ୍ରତାପ ଭିତରେ ନୀଳଗିରି ଉପଖଣ୍ଡ ଚିକିତ୍ସା ଳୟ ରେ ରକ୍ତ ଅଭାବ କୁ ଲକ୍ଷ୍ୟ କରି ଉଦୀୟମାନ ଯୁବକ ମାନେ ରକ୍ତଦାନ ଶିବିର ଆୟୋଜନ କରିଥିବାରୁ ରକ୍ତଦାତା ସଂଘ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି । ଉକ୍ତ ଶିବିରରେ ବତିଶ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ଉକ୍ତ ଶିବିରକୁ ନୀଳଗିରି ରକ୍ତ କେନ୍ଦ୍ରର ଉପସଭାପତି ଭଗବାନ ମହାନ୍ତିଙ୍କ ସହିତ ସରୋଜ କୁମାର ବେହେରା, ସରୋଜ ଦାସ, ଉଗ୍ରେସେନ ଦାସ, ଶରତ୍ ବାରିକ, ଭାନୁମତୀ ମହାପାତ୍ର, ଯୋଗେଶ୍ୱର ପୃଷ୍ଟି, ଗୋପବନ୍ଧୁ ଦାସ ଗୋବର୍ଦ୍ଧନ ଗିରିଧାରୀ ମହାପାତ୍ର ଙ୍କ ସମେତ ସଂଘ ର ସମସ୍ତ ସଦସ୍ୟ ଉପସ୍ଥିତ ରହି ଉକ୍ତ ଶିବିରକୁ ପରିଚାଳନା କରିଥିଲେ । ନୀଳଗିରି ରକ୍ତ କେନ୍ଦ୍ରର ଟେକ୍ନିସିଆନ୍ ରାଜେଶ କୁମାର ଦାସ, ମଞ୍ଜରି ବେହେରା, ଗତିକୃଷ୍ଣ ମହାନ୍ତି, ସଂଗ୍ରାମ ମହାପାତ୍ର, ରାଜେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ରକ୍ତଦାନ ଶିବିରକୁ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ ।

# ପାଠକଙ୍କ ପାଇଁ ଲୋକାର୍ପିତ ହେଲା ନୂଆ ସାହିତ୍ୟ କେନ୍ଦ୍ର 'ଅପୂର୍ବା ବୁକ୍ ଶପ୍'





ବାଲେଶ୍ୱର(ନିପ୍ର): ବିଶ୍ୱ ପୁସ୍ତକ ଦିବସ ଅବସରରେ ରାଜ୍ୟର ସଂଭ୍ରାନ୍ତ ସାହିତ୍ୟ ପତ୍ରିକା ଓ ଅଗ୍ରଣୀ ପୁସ୍ତକ ପ୍ରକାଶନୀ ସଂସ୍ଥା 'ଅପୂର୍ବା ପ୍ରକାଶନୀ' ପକ୍ଷରୁ ଏକ ନୂତନ ବୁକ୍ ଶପ୍ ରାଜଧାନୀରେ ଲୋକାର୍ପିତ ହୋଇଯାଇଛି । ଭୁବନେଶ୍ୱର ୟୁନିଟ୍-୩ ଅଂଚଳରେ ଅବସ୍ଥିତ ଏହି ବୁକ୍ ଶପ୍‌କୁ ବରିଷ୍ଠ କବି ଡକ୍ଟର ଫନୀ ମହାନ୍ତି ଓ ବିଶିଷ୍ଟ କବି ରବି ନାରାୟଣ ସେନାପତି ରିବନ୍ କାଟି ଉଦ୍ଘାଟନ କରିଥିଲେ । ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ରାଜଧାନୀରେ ନିର୍ବାଚିତ ସାହିତ୍ୟ ପୁସ୍ତକ ସମ୍ବଳିତ ଏକ ବିଶେଷ ବୁକ୍ ଶପ୍‌ର ଦୀର୍ଘଦିନର ଆବଶ୍ୟକତା ରହିଥିଲା । ପାଠକମାନେ ନିଜ ରୁଚି ଅନୁସାରେ ପୁସ୍ତକ ପାଇବାରେ ଯେଉଁ ଅସୁବିଧା ଭୋଗୁଥିଲେ, ଏହି ବୁକ୍‌ଶପ୍ ଆରମ୍ଭ ହେବା ଦ୍ୱାରା ସେହି ଅଭାବ ଅନେକ ଅଂଶରେ ପୂରଣ ହେବ ବୋଲି ସେମାନେ ମତ ପ୍ରକାଶ କରିଥିଲେ । ଏହା ପାଇଁ ସେମାନେ ଅପୂର୍ବା ପ୍ରକାଶନୀର ଅଧ୍ୟକ୍ଷ ଗାଳ୍ପିକ କ୍ଷୀରୋଦ ପତିଙ୍କୁ ସାଧୁବାଦ ଜଣାଇଥିଲେ । ଲୋକାର୍ପଣ ଅନୁଷ୍ଠାନରେ ରାଜ୍ୟର ବିଶିଷ୍ଟ ସାହିତ୍ୟିକ ଡକ୍ଟର ହୃଷୀକେଶ ମଲ୍ଲିକ, କବି ଅଶ୍ୱିନୀ କୁମାର ମିଶ୍ର, ଡକ୍ଟର ପ୍ରସନ୍ନ କୁମାର ମହାନ୍ତି, ଲେଖକ ଡକ୍ଟର ବିଜୟ କେତନ ପଟ୍ଟନାୟକ, ରକ୍ଷକ ନାୟକ, ରତ୍ନାକର ରାଉତ, ଭୁବନାନନ୍ଦ ତ୍ରିପାଠୀ, ସବ୍ୟସାଚୀ ପଟ୍ଟନାୟକ ଓ ସନ୍ତୋଷ କୁମାର ରାଉତରାୟ ଉପସ୍ଥିତ ଥିଲେ । 'ଅପୂର୍ବା'ର ପରିଚାଳନା ସଂପାଦିକା ଆଡ଼ଭୋକେଟ ଲୋପାମୁଦ୍ରା ଦାଶ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ଓଡ଼ିଶା ଗାର୍ମେଂଟସ୍ ସେଲ୍ସ ଏମ୍ପ୍ଲୋଇଜ୍ ଆସୋସିଏସନ୍ ପକ୍ଷରୁ ଦହିପଣା ବିତରଣ

କଟକ(ନିପ୍ର): ମାନବ ସେବା ହିଁ ମାଧବ ସେବା । ଅତ୍ୟନ୍ତ ଗ୍ରୀଷ୍ମ ପ୍ରବାହରେ ପ୍ରଚଣ୍ଡ ତାତି ଅସହ୍ୟ ହୋଇ ପଡ଼ିଛି । ସାଧାରଣ ଲୋକଟିଏ ନିଜର କାର୍ଯ୍ୟ ପାଇଁ ବାହାରକୁ ବାହାରିବା ପାଇଁ ବାଧ ହୁଏ । ଏହି ନିର୍ଦ୍ଧୁମ ଖରାରେ ତୃଷାର୍ତ୍ତ ହୋଇ ବେଳେବେଳେ ଅଂଶୁଘାତର ଶିକାର ହୋଇ ମୃତ୍ୟୁ ବରଣ କରେ । ଏହି ତୃଷାର୍ତ୍ତ ପଥିକ ମାନଙ୍କ ପାଇଁ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ପଛପାର୍ଶ୍ୱ ଗେଟ୍ ମୁଖ୍ୟ ରାସ୍ତା କଡ଼ରେ ଓଡ଼ିଶା ଗାର୍ମେଂଟସ୍ ସେଲ୍ସ ଏମ୍ପ୍ଲୋଇଜ୍ ଏସୋସିଏସନ୍ ଆନୁକୁଲ୍ୟରେ ଦହି ପାଣି ବଂଟନ କାର୍ଯ୍ୟକ୍ରମସକାଳ ୯ଟା ରୁ



ତିନିଟା ପର୍ଯ୍ୟନ୍ତ କରାଯାଇ ଥିଲା । ପ୍ରାୟ ୫୦୦୦ରୁ ଅଧିକ ବାଟୋଇଙ୍କ ପାଇଁଦହି ପାଣିର ବ୍ୟବସ୍ଥା ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଘର ସଭାପତି ବିମଲ୍ କୁମାର ସାହୁ, ଉପସଭା ପତି ଶେଷ ସାୟମ ସ୍ୱାଇଁ, ସମ୍ପାଦକ ଅଭିଜିତ ଜେନା, ଯୁଗ୍ମ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ଜ୍ୟୋତି ଦାସ, କୋର୍ କମିଟି ମୁଖ୍ୟ ରଶ୍ମି ରଂଜନ ପଣ୍ଡା, ଉପଦେଷ୍ଟା କମିଟିର ମୁଖ୍ୟ ପ୍ରଦ୍ୟୁମ୍ନ ନାୟକ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଆୟୋଜନ କରି ପଥିକ ମାନଙ୍କର ଶୋଷ ମେଂଟାଇବାରେ ସଫଳ ହୋଇଥିଲେ । କେବଳ କଟକ ନୁହେଁ ସାରା ଓଡ଼ିଶାରେ ଏହି ସଂଗଠନ ପକ୍ଷରୁ ଜଳସେବା କରାଯିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି ।

# ଜିଲ୍ଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ

ଯାଜପୁର(ନିପ୍ର): ଯାଜପୁର ଜିଲ୍ଲା ଅନ୍ତର୍ଗତ ସୁକିନ୍ଦା ବ୍ଲକ ର ଚିଙ୍ଗୁଡ଼ିପାଳ ପଂଚାୟତ କାର୍ଯ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି । ଏହି କ୍ରମରେ ଏକ ସଚେତନତା ସଭା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହା ପୂର୍ବରୁ ଏକ ସଚେତନତା ରାଲି ସ୍ଥାନୀୟ କାଳିଆପାଣି ଠାରେ ଆଶା, ଅଙ୍ଗନୱାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କ ଦ୍ୱାରା ସକାଳ ୭.୦୦ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା । ସଭା କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ବଳଦେବ ନନ୍ଦ, ଜିଲ୍ଲା ଭେକ୍ଟର ବାହିତ ରୋଗ କାର୍ଯ୍ୟକ୍ରମର ପରାମର୍ଶଦାତା ଅତିଥି ମାନଙ୍କ





ପରିଚୟ ପ୍ରଦାନ କରିବା ସହିତ ବିଶ୍ୱ ମ୍ୟାଲେରିଆ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡ଼ା. ଜୟଦେବ ନନ୍ଦ ଜ୍ୱର ହେବା କ୍ଷଣି ତୁରନ୍ତ ରକ୍ତ ପରୀକ୍ଷା ଏବଂ ମ୍ୟାଲେରିଆର ସମ୍ପୂର୍ଣ୍ଣ ଚିକିତ୍ସା ସମ୍ବନ୍ଧରେ ଗୁରୁତ୍ୱ ଦେଇଥିଲେ । ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡ଼ା. ରଶ୍ମିରଞ୍ଜନ ସାହୁ ସମ୍ପୂର୍ଣ୍ଣ ଚିକିତ୍ସାର ତଦାରଖ ଆଶା ମାନଙ୍କ ଦ୍ୱାରା କରିବାକୁ ପରାମର୍ଶ ଦେଇଥିଲେ । ପରିଶେଷରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ବିଜୟ କୁମାର ମିଶ୍ର ମ୍ୟାଲେରିଆ ରୋଗର କାରଣ ନିରୂପଣ, ସମ୍ପୂର୍ଣ୍ଣ ଚିକିତ୍ସା ଓ ରୋଗର ନିରାକରଣ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ତୁରନ୍ତ ରକ୍ତ ପରୀକ୍ଷା ଓ ସମ୍ପୂର୍ଣ୍ଣ ଚିକିତ୍ସା ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ଓ ଗାମ୍ବୁସିଆ ପ୍ରଦର୍ଶନ କରାଇ ସଚେତନତା କରାଯାଇଥିଲା । ସଭାରେ ସମସ୍ତ ଅଂଶ ଗ୍ରହଣକାରୀ ମାନେ ମ୍ୟାଲେରିଆ ମୃତ୍ୟୁ ଶୂନ୍ୟ ପାଇଁ ଶପଥ ପାଠ କରିଥିଲେ । ଶ୍ରୀ ବଳଦେବ ନନ୍ଦ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଶା, ଅଙ୍ଗନୱାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଶିକ୍ଷକ, ମହିଳା, ଏବଂ ସ୍ଥାନୀୟ ବ୍ୟକ୍ତି ଓ ସାଧାରଣ ଜନତା ଉପସ୍ଥିତ ଥିଲେ । ସ୍ଥାନୀୟ ସରପଂଚଙ୍କ ସହଯୋଗ ଏବଂ ଉପସ୍ଥିତି ରେ ସଭାଟି ସଫଳ ରୂପେ ରୂପାୟନ ହୋଇଥିଲା ।

# ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ଜରୁରୀ ବୈଠକ ଅନୁଷ୍ଠିତ

ବାରିପଦା(ନିପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ ପ୍ରଧାନ ଶିକ୍ଷୟତ୍ରୀ ଓ ସଂଘୀୟ କର୍ମକର୍ତ୍ତା ମାନଙ୍କୁ ନେଇ ଏକ ମିଳିତ ବୈଠକ ସ୍ଥାନୀୟ ବାରିପଦା ଆଥଲେଟିକ୍ ଆସୋସିଏସନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଂଘର ସଭାପତି ଡିମ୍ବଲ ଦାସ ଅଧ୍ୟକ୍ଷତା କରିଥିଲେ । ନିକଟ ଅତୀତରେ କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ସଂଘଟିତ ଦୁର୍ଘଟଣାରେ ଛାତ୍ରୀମୃତ ଘଟଣାର ପରବର୍ତ୍ତୀ ସମୟରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ମାନସିକ ଅବସ୍ଥା, ବିଭାଗ ପକ୍ଷରୁ ଗ୍ରହଣ କରାଯାଇ ଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ଡାକ୍ତରଖାନାରେ ବିଭିନ୍ନ ରାଜନୈତିକ ଦଳର ଜନପ୍ରତିନିଧିଙ୍କ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତି ଦାୟିତ୍ୱ ହୀନ ନିନ୍ଦନୀୟ ମନ୍ତବ୍ୟ, ହେଡକ୍ୱାଟର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନାଙ୍କଦ୍ୱାରା ଆହୂତ ଭର୍ଚୁଆଲ ବୈଠକରେ ଅବସର ଗ୍ରହଣ କରିବାକୁ ଯାଉଥିବା ପ୍ରଧାନ ଶିକ୍ଷକ ମାନଙ୍କୁ ଶଳା, ଚୋର, ଜାତିଆଣ ମନ୍ତବ୍ୟକୁ ସମୂହ ଭାବେ ଦୃଢ ନିନ୍ଦା କରା ଯାଇଥିଲା । ପ୍ରଧାନ ଶିକ୍ଷକ/ ପ୍ରଧାନ ଶିକ୍ଷୟତ୍ରୀ ମାନେ ବିଦ୍ୟାଳୟରେ ଦୁର୍ବଳ ଭିତିଭୂମି, ଅଧିକାଂଶ ବିଦ୍ୟାଳୟରେ ପର୍ଯ୍ୟାପ୍ତ ପାନୀୟ ଜଳର ଅଭାବ, ବିଶୃଙ୍ଖଳା ସୃଷ୍ଟିକାରୀଙ୍କୁ ବିଦ୍ୟାଳୟରେ ଯୋଡିବା, ଶିକ୍ଷାଦାନ ବ୍ୟତୀତ ଶିକ୍ଷକମାନଙ୍କୁ ଅନ୍ୟାନ୍ୟ ଅଣ-ଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରିବା ଯୋଗୁଁ ମାନସିକ ଚାପର ବଶବର୍ତ୍ତୀ ହେଉଥିବାରୁ ସମସ୍ତ ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟତ୍ରୀ ସାମୂହିକ ଭାବେ ମେସ୍ ପରିଚାଳନା ଦାୟିତ୍ୱରୁ ଓହରିବା ଯିବାପାଇଁ ସର୍ବସମ୍ମତି ନିଷ୍ପତି ଗ୍ରହଣ କଲେ । ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ଜଣାଇବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ କୌଣସି ସହଯୋଗ କରୁ ନ ଥିବା ନେଇ ସଂଘ ଅସନ୍ତୋଷ ବ୍ୟକ୍ତ କରିଛି । ଖୁବ୍ ଶୀଘ୍ର ଏହାର ଦୃଢ ପ୍ରତିବାଦ ପୂର୍ବକ ପ୍ରଧାନଶିକ୍ଷକ/ ପ୍ରଧାନ ଶିକ୍ଷୟିତ୍ରୀ ତଥା ବିଭାଗୀୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏକ ରାଲିରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ମେସ୍ ପରିଚାଳନା ଦାୟିତ୍ୱରୁ ଅବ୍ୟାହତିପାଇଁ ସମୂହ ଇସ୍ତଫାପତ୍ର ପ୍ରଦାନ କରାଯିବା ସହ ହେଡକ୍ୱାଟର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନାଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସଂଘ ଦାବି ଉପସ୍ଥାପନ କରିବ ବୋଲି ସିଦ୍ଧାନ୍ତ ଗ୍ରହଣ କରିଛି ।

# ନଦୀବନ୍ଧ ସୁରକ୍ଷା ପାଚେରୀ ନିର୍ମାଣ: ବିଭାଗୀୟ ଅଧିକାରୀ ଅନୁପସ୍ଥିତ

ଧାମନଗର(ନିପ୍ର): ଧାମନଗର ବ୍ଲକ ଆନନ୍ଦପୁର ପଂଚାୟତ ମଲ୍ଲିମାହାରା ଏସକେପର ପଶ୍ଚିମ ପାର୍ଶ୍ୱ ନଦୀବନ୍ଧର ବାମ ପଟେ ଜଳ ସମ୍ପଦ ବିଭାଗ ପକ୍ଷରୁ ଚାଲିଥିବା ସୁରକ୍ଷା ପାଚେରୀ ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି । ୨୦ ମିଟର ଲମ୍ବର ପ୍ଲେନ କଂକ୍ରିଟ ଗ୍ରାଭିଟି ରିଟେନିଂ ୱାଲରେ ବୈଷୟିକ ଜ୍ଞାନକୌଶଳ କୁ ଅଣଦେଖା କରି ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି । ମଲ୍ଲିମାହାରା ଏସକେପ ଦେଇ ବର୍ଷା ଦିନେ ହଜାର ହଜାର ଘନଫୁଟ ବନ୍ୟା ଜଳ ପ୍ରବାହିତ ହୋଇଥାଏ । ଅତୀତରେ ଜଳର ପ୍ରଖର ସ୍ରୋତ ଯୋଗୁଁ ଏସକେପ୍‌ର ଆବଟମେଂଟ ୱାଲ ବାରମ୍ବାର ଭୁଶୁଡ଼ିଛି । ନିକଟରେ ଏଠାରେ ଏକ କଂକ୍ରିଟ ପୋଲ ନିର୍ମାଣ ହୋଇଥିଲେ ସୁଦ୍ଧା ଜଳର ପ୍ରବାହ ଓ ବିପଦ ସମାନ ରହିଛି । ଏଭଳି ଏକ ସମ୍ବେଦନଶୀଳ ସ୍ଥାନରେ ନଦୀବନ୍ଧ ସୁରକ୍ଷା ପାଇଁ ନିର୍ମାଣ ହେଉଥିବା ପାଚେରୀ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି । ସୂଚନାଯୋଗ୍ୟ ଯେ, ଏହି ସ୍ଥାନରେ ଜଳର ସ୍ରୋତ ଓ ଚାପକୁ ସହିବା ପାଇଁ ଅତିକମରେ ଏମ୍-୨୫ ଗ୍ରେଡ କଂକ୍ରିଟ ମିଶ୍ରଣ ବ୍ୟବହାର ହେବା କଥା । ମାତ୍ର କ୍ଷେତ୍ରସ୍ଥଳରେ ଠିକାଦାର ମନମୁଖୀ ଭାବେ ୧:୪:୬ (ସିମେଂଟ, ବାଲି ଓ ଚିପ୍ସ) ଅନୁପାତରେ କାମ କରୁଛନ୍ତି, ଯାହା ଗ୍ରାଭିଟି ୱାଲ୍‌ର ସ୍ଥିରତା ପ୍ରତି ବିପଦ ସୃଷ୍ଟି କରୁଛି । ରବିବାର ସରକାରୀ ଛୁଟି ଦିନରେ କାମ ଚାଲିଥିବା ବେଳେ ସେଠାରେ କୌଣସି ବିଭାଗୀୟ ଯନ୍ତ୍ରୀ କିମ୍ବା କର୍ମଚାରୀ ଉପସ୍ଥିତ ନଥିବା ଜଣାପଡ଼ିଛି । ଏପରିକି ନିର୍ମାଣ ସ୍ଥଳରେ କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇ ନାହିଁ । ବୈଷୟିକ ମାନଦଣ୍ଡ ଅନୁଯାୟୀ ଏଭଳି ଜଳ ପ୍ରବାହିତ ଅଂଚଳରେ ଏମ୍-୨୫ ଗ୍ରେଡ (୧:୧:୨) କିମ୍ବା ଅତିକମରେ ଏମ୍-୨୦ ଗ୍ରେଡ (୧:୧.୫:୩) ବ୍ୟବହାର ହେବା ଉଚିତ । ତେବେ ଏଠାରେ ହେଉଥିବା ନିର୍ମାଣ କାମରେ ୧:୪:୬ ର ମିଶ୍ରଣ ଅତ୍ୟନ୍ତ ଦୁର୍ବଳ । ନଦୀବନ୍ଧ ନିର୍ମାଣ ପାଇଁ ଉଚ୍ଚ ମାନର ଓପିସି କିମ୍ବା ଅନୁମୋଦିତ ସିମେ[ ବ୍ୟବହାର ହେବା କଥା, ମାତ୍ର କଂପୋଜିଟ ସିମେଂଟର ବ୍ୟବହାର ନିର୍ମାଣର ଦୃଢ଼ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ପ୍ଲେନ କଂକ୍ରିଟ ଗ୍ରାଭିଟି ୱାଲ୍‌ର ବେସ ମାଟିର ଚାପ ଓ ଜଳର ପାର୍ଶ୍ୱ ଚାପକୁ ସହିବା ପାଇଁ ଯଥେଷ୍ଟ ଓସାରିଆ ହେବା ଦରକାର ।

# ୧୦୫ହିତାଧିକାରୀଙ୍କୁ ଅନ୍ତୋଦୟ ଆବାସ କାର୍ଯ୍ୟାଦେଶ

କେନ୍ଦୁଝର(ନିପ୍ର): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ପରିସରରେ ବ୍ଲକ ସ୍ତରୀୟ ଜାତୀୟ ପଂଚାୟତି ରାଜ ଦିବସ ପାଳନ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଝୁମ୍ପୁରା ବ୍ଲକ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ମହେନ୍ଦ୍ର ପଟ୍ଟନାୟକ ଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ଗୋଷ୍ଠୀ ଉର୍ନ୍ନୟନ ଅଧିକାରୀ ହୃଦାନନ୍ଦ ଅଢା, ଭାରତୀୟ ଜନତା ପାର୍ଟିର ଜାଲ୍ଲା ଉପସଭାପତି ପଂଚାନନ ସାହୁ ଏବଂ ସାଂସଦଙ୍କ ଶିକ୍ଷାବିଭାଗର ବ୍ଲକ ବିଜୟ ବେହେରା, ଝୁମ୍ପୁରା ସର. କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ୨୦୨୫-



୨୬ ରମନରେଗା, ଆବାସ ଯୋଜନା ଓ ପଂଚମ ରାଜ୍ୟ ଅର୍ଥ କମିଶନ ଓ ପଂଚମ କେନ୍ଦ୍ର ଅର୍ଥ କମିଶନରେ ଝୁମ୍ପୁରା ବ୍ଲକରେ ଭଲ ପଦର୍ଶନ ଭାବେ ପ୍ରଥମ ସ୍ଥାନ ଭାବେ ଗୁମରରା, ଦ୍ୱିତୀୟ ସ୍ଥାନ ନିର୍ଷିନ୍ତପୁର ଏବଂ ତୃତୀୟ ସ୍ଥାନ ଧନୁର୍ଜ୍ୟପୁରଙ୍କୁ ମାନପତ୍ର ସହିତ ସହିତ ପୁରସ୍କୃତ କରାଯାଇଥିଲା । ସେହିପରି ମନରେଗା ଯୋଜନାରେ ଖେଣ୍ଡରା ପଂଚାୟତ ପ୍ରଥମ, ଝୁଂଟାପଡା ପଂଚାୟତ ଦ୍ୱିତୀୟ ଏବଂ ଉଖୁଣ୍ଡା ପଂଚାୟତ ଦ୍ୱିତୀୟ ସ୍ଥାନ ଭାବେ ପୁରସ୍କାର ପାଇଛନ୍ତି ଜନସାଧାରଣ ଉପସ୍ଥିତ ଥିଲେ । ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ।। ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଜାତୀୟ ପଂଚୟତ ରାଜ ଦିବସ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ଏଥିରେ ୨୨ଟି ପଂଚାୟତର ସମସ୍ତ ସରପଂଚ, ବହୁ ବିଜେପି କାର୍ଯ୍ୟକର୍ତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ । ଗୋଷ୍ଠୀ ଉର୍ନ୍ନୟନ ଅଧିକାରୀ ହୃଦା ନନ୍ଦ ଅଢାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା ।




# ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲାରେ ସ୍ଥାନୀୟ ସଦଭାବନା ସଭାଗୃହରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅବସରରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ସୁଖେନ୍ଦୁ ରାୟ, ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, କୃଷି ବିଜ୍ଞାନ କେନ୍ଦ୍ର ପ୍ରମୁଖ ବୈଜ୍ଞାନିକ ଡ଼ା. ଲବ ସୋରେନ ଏବଂ ଉପ ନିର୍ଦ୍ଦେଶକ ଡ଼ା. କେ. ପାର୍ଥ ସାରଥୀ ଦୋରା ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ । ପ୍ରାଣୀ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରି "ପ୍ରାଣୀ ପାଇଁ ଦିନଟିଏ"ର ମହତ୍ୱ ବ୍ୟାଖ୍ୟା କରିଥିଲେ । ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଅତ୍ୟାବଶ୍ୟକ ଏବଂ ପ୍ରାଣୀଧନର ଉନ୍ନତି ଦେଶର ଆର୍ଥିକ ଉନ୍ନତିକୁ ଗତି ଦେଇଥାଏ ।ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ସୁଖେନ୍ଦୁ ରାୟ ଜିଲ୍ଲାର ପ୍ରାଣୀ ସମ୍ପଦ ବିକାଶ ବିଭାଗର ସଫଳତା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ । ସେ କହିଥିଲେ ଯେ, ୨୫୩ ଜଣ ଚାଷୀଙ୍କୁ ସ୍ୱାବଲମ୍ବୀ କରାଯାଇଥିବା ସହ ଦୁଗ୍ଧ ଉତ୍ପାଦନ ୧୭.୪୮ ଟିମଟିକୁ ପହଂଚି ଅଛି ଯାହାକି ଗତ ବର୍ଷ ତୁଳନାରେ ୧୫୦% ବୃଦ୍ଧିହୋଇଅଛି ।

# ମା' ସନ୍ତୋଷୀ ଦେବୀଙ୍କ ୧୯ତମ ବାର୍ଷିକୋତ୍ସବ: ବିଶ୍ୱଶାନ୍ତି ଯଜ୍ଞ ଉପଲକ୍ଷେ ଭଜନ ସମାରୋହ



ଭୁବନେଶ୍ୱର: ପ୍ରତିବର୍ଷ ପରି ଚଳିତବର୍ଷ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ମା' ସନ୍ତୋଷୀ ଦେବୀଙ୍କ ୧୯ତମ ବାର୍ଷିକ ଉତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ତିନିଦିନ ଧରି ସ୍ଥାନୀୟ ବରମୁଣ୍ଡା ଗ୍ରାମଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ପିପିଲିରୁ ଏକ ଘଂଟୁଆ, ପଞ୍ଜାବୀ ଢୋଲ ବାଜା ଓ ବାଣ ଫୁଟାଯାଇ ୨୧ଜଣ ଭକ୍ତ ଏକ କଳସ ଶୋଭା ଯାତ୍ରାରେ ମା' ସନ୍ତୋଷୀ ଦେବୀଙ୍କ ପୀଠ ଠାରୁ ଶୁଭାରମ୍ଭ କରାଯାଇଥିଲା । ଏହି କଳସ ଯାତ୍ରା ନୀଳକଣ୍ଠେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇ ବରମୁଣ୍ଡା ଗ୍ରାମ ପରିକ୍ରମା କରିଥିଲା । ୨୩ ତାରିଖରେ ମା' ସନ୍ତୋଷୀ ଦେବୀଙ୍କ ଅଙ୍କୁରୋପଣ କର୍ଯ୍ୟକ୍ରମ ହୋଇଥିବା ବେଳେ ୨୪ ତାରିଖରେ ଜଳଯାତ୍ରା, ମଣ୍ଡଳାଧିବାଶ, ଘଟ ସ୍ଥାପନ, ୨୫ ତାରିଖରେ ସୂର୍ଯ୍ୟପୂଜା, ଗୋପୂଜା, ସର୍ବାଦେବାଦେବୀ ପୂଜା, ଦେବୀଙ୍କର ଷୋଡ଼ଶ ଉପଚ୍ଚାର, ଅଗ୍ନି ସ୍ଥାପନ, ଚଣ୍ଡୀପାଠ, ଆହୂତି, ହୋମ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମରେ ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଯୋଗ ଦେଇଥିଲେ । ଏହି ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବରେ ୩୮ ନମ୍ବର ନୂଆପଲ୍ଲୀ ୱାର୍ଡ଼ର କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା, ୫୦ ନମ୍ବର ବରମୁଣ୍ଡା ୱାର୍ଡ଼ର କର୍ପୋରେଟର ରାମଚନ୍ଦ୍ର ସିଂ, ଓଡ଼ିଶା ବିଧାନସଭାର ପୂର୍ବତନ ସଚିବ ଦାଶରଥି ଶତପଥି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୂର୍ବତନ ଉପ-ସଚିବ ସୁରେନ୍ଦ୍ର କୁମାର ଶତପଥି, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସାଧାରଣ ସମ୍ପାଦକ ସନତ ମିଶ୍ର, ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା, ଦେବକାନ୍ତ ମହାପାତ୍ର, ବିଜୟ କୁମାର ପଣ୍ଡା ଓ ସୁମନ୍ତ ପଣ୍ଡା, ରାଇଜିଂ ଇଣ୍ଡିଆ ସିଟିଜେନ ଫୋରମର ସମ୍ପାଦକ ପ୍ରଭାସ ରଞ୍ଜନ ଦାସ, ସମାଜସେବୀ ସମରେନ୍ଦ୍ର ଜେନା ଓ ନେହେରୁ ସେନାପତି, ବରମୁଣ୍ଡା ଗ୍ରାମର ବରିଷ୍ଠ ବୁଦ୍ଧିଜୀବୀ ନାରାୟଣ ପ୍ରଧାନ, ସୁରେନ୍ଦ୍ର ବିଶ୍ୱାଳ, ତପନ ସାହୁ, ରବୀନ୍ଦ୍ର ପ୍ରଧାନ ଓ ସରୋଜ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମା' ସନ୍ତୋଷୀ ଦେବୀଙ୍କ ମନ୍ଦିରର ପୂଜକ ଆଦିତ୍ୟ କୁମାର ସ୍ୱାଇଁ ଓ ସତ୍ୟଭାମା ସ୍ୱାଇଁଙ୍କ ଦ୍ୱାରା ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ କରାଯାଇଥିଲା । ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶରତ ଚନ୍ଦ୍ର ବାରିକ ଓ ତାଙ୍କ ଦଳଙ୍କ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରାଯାଇଥିଲା । କଣ୍ଠଶିଳ୍ପୀ ସୁଭଦ୍ରା ଶୁଭଦର୍ଶିନୀ ଓ ସୁବର୍ଣ୍ଣ କୁମାରଙ୍କ ଭଜନ ଅତ୍ୟନ୍ତ ମନମୁଗ୍ଧକର ଓ ହୃଦୟସ୍ପର୍ଶୀ ହୋଇଥିଲା । ଏହି ଭଜନ କାର୍ଯ୍ୟକ୍ରମରେ କି ପ୍ୟାଡ଼ରେ ସରୋଜ ମହାନ୍ତି, ତବଲାରେ ବିଜୟ ମହାପାତ୍ର, ଢୋଲକରେ ରତ୍ନାକର ନାଥ ଓ ନିରଞ୍ଜନ ସାହୁ ପ୍ରମୁଖ ସହାୟତା କରିଥିଲେ । ବିଶ୍ୱ ରଞ୍ଜନ ସାହୁ, ସୁଧାଂଶୁ ଶେଖର ମହାନ୍ତି, ଦୀପକ ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମର ପରିଚ୍ଚାଳନାରେ ସହଯୋଗ କରିଥିଲେ । ବିଶ୍ୱଶାନ୍ତି ମହାଯଜ୍ଞରେ ଭୁବନେଶ୍ୱରର ବିଭିନ୍ନ ଅଂଚଳରୁ ଭକ୍ତମାନେ ଯୋଗ ଦେଇଥିଲେ ।

# ଉଦ୍‌ଘାଟିତ ହେଲା 'ବାରିପଦା ଏକ୍ସପୋ-୨୦୨୬'




ବାରିପଦା (ନିପ୍ର): ସଂସ୍କୃତି, ବାଣିଜ୍ୟ ଓ ସମୁଦାୟକୁ ଏକତ୍ର କରିବା ଉଦ୍ଦେଶ୍ୟରେ ବାରିପଦା କଲେଜ ପଡିଆରେ 'ବାରିପଦା ଏକ୍ସପୋ-୨୦୨୬' ଉଦଘାଟିତ ହୋଇ ଯାଇଛି ଓ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାମ୍ବାଦିକ ତଥା ସାମ୍ବାଦିକ କବି ବିଷ୍ଣୁ ଶତପଥୀ, ସମ୍ମାନିତ ଅତିଥି ଭାବେ ବାର ଆସୋସିଏସନର ସଭାପତି ଜ୍ୟୋତି ପ୍ରକାଶ ରଥ, ସମ୍ପାଦକ ବିପ୍ଳବ କୁମାର ବାରିକ, ୧ ନମ୍ବର ୱାର୍ଡ କାଉନସିଲର ସୁକେଶିନୀ ସେଠୀ, ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ସମାଜସେବୀ ସୋମନାଥ ସିଂହ ଏବଂ ଶିକ୍ଷକ ଗୌତମ ଦାସ ମଂଚ ପରିଚାଳନା କରିଥିଲେ । ଏହି ମେଗା ଏକ୍ସପୋ ମାଧମରେ ବାରିପଦା ସହିତ ଜିଲ୍ଲା ତଥା ଜିଲ୍ଲା ବାହାରର କଳା, ସଂସ୍କୃତି, କ୍ଷୁଦ୍ର ଶିଳ୍ପ ଓ ବ୍ୟବସାୟକୁ ଏକ ନୂଆ ପରିଚୟ ପ୍ରଦାନ କରିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜନ କମିଟି ମୁଖ୍ୟ ସଞ୍ଜୟ ସାହୁ ପ୍ରକାଶ କରିଛନ୍ତି ଓ ଆଗାମି ମେ ମାସ ୫ ତାରିଖ ପର୍ଯ୍ୟନ୍ତ ମୋଟ ୧୦ ଦିନଧରି ଅନୁଷ୍ଠିତ ହେବାକୁ ଥିବା ଏହି ମେଳାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବିଭିନ୍ନ ପ୍ରକାରର ପ୍ରାୟ ୬୦ ଟି ଷ୍ଟଲ ପ୍ରଦର୍ଶିତ ହୋଇଥିବା ବେଳେ ମିନା ବଜାର । କୁନିକୁନି ପିଲାଙ୍କ ପାଇଁ ଦୋଳିଝୁଲା ସହ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ବୋଲି ଅନ୍ୟତମ ଆୟୋଜକ ଗୌତମ ରାୟ ଜଣାଇଛନ୍ତି ।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ(ନିପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ କାର୍ଯକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ମାନସିକ ଅକ୍ଷମ ଓ ବୈଦ୍ଧିକ ଅକ୍ଷମ ନାଲସା ଯୋଜନା, ୨୦୨୪ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ବୀଣାପାଣି ହେଲେନ୍ କେଲର ଅନ୍ଧ, ମୁକ, ବଧୀର ବିଦ୍ୟାଳୟ, ଲାଙ୍ଗୁଡି, ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ, ଡ. ତାପସ କୁମାର ମହାନ୍ତି, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ତିଳୋ□ମା ମାଝି ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ପ୍ରଜାବତ୍ସଳ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ




ଭୁବନେଶ୍ୱର: ଉତ୍କଳ ସମ୍ମିଳନୀର ପ୍ରାକ୍ତନ ସଭାପତି ତଥା ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟର ଦୁଇଥର ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ଓଡ଼ିଶାର ବିଶିଷ୍ଟ ବରପୁତ୍ର ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୪ ତମ ଜୟନ୍ତୀ ଉପଲକ୍ଷେ ଉତ୍କଳ ସମ୍ମିଳନୀ ପକ୍ଷରୁ ସ୍ଥାନୀୟ ଏ.ଜି. ଛକ ଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୂର୍ବାହ୍ନ ୯ଟାବେଳେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ କରାଯାଇଥିଲା । ଏହାପରେ ଦିନ ୧୦ଟା ୩୦ ମିନିଟ୍ ସମୟରେ ୟୁନିଟ୍-୬ ଭୁବନେଶ୍ୱର ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ ସଭା ଗୃହରେ ଉପସଭାପତି ପ୍ରଫେସର ସୁରେନ୍ଦ୍ର ନାଥ ମହାନ୍ତିଙ୍କ ଅଧ୍ୟକ୍ଷତା ତଥା ସାଧାରଣ ସଂପାଦକ ଡା. ରାଧାନାଥ ପ୍ରହରାଜଙ୍କ ପରିଚାଳନାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାରାଜଙ୍କ ପ୍ରଜାବତ୍ସଳ ଗୁଣାବଳୀ ବିଶେଷ କରି ମାଡ୍ରାସ ପ୍ରେଭିନ୍ସ ଅଧୀନରେ ଥିବା ତାଙ୍କ ଅଂଚଳକୁ ଓଡ଼ିଶା ସହ ମିଶାଇବା ପାଇଁ ବାରମ୍ବାର ଲଣ୍ଡନ ଯାଇ ଗୋଲଟେବୁଲ ବୈଠକରେ ଦୃଢ ଦାବି ଉପସ୍ଥାପନ କରିବା ଫଳରେ ୧୯୩୬ ମସିହାରେ ଆଜିର ଓଡ଼ିଶା ଗଠନ ସମ୍ଭବ ହୋଇ ପାରିଥିବା କଥା ଆଲୋଚନା ହୋଇଥିଲା । ଏହି ପରିପ୍ରେକ୍ଷୀରେ ମହାରାଜଙ୍କୁ ଓଡ଼ିଶା ରାଜ୍ୟ ଗଠନର ଅନ୍ୟତମ ପ୍ରମୁଖ କାଣ୍ଡାରି ଭାବରେ ଯେପରି ସମ୍ମାନିତ, ପ୍ରଚାରିତ ଓ ପ୍ରସାରିତ କରାଯିବା କଥା ତାହା ହୋଇ ପାରିନଥିବାରୁ ଦୁଃଖ ପ୍ରକାଶ କରାଯିବା ସହ ବର୍ତମାନର ସରକାର ଏଥିପ୍ରତି ଦୃଷ୍ଟି ଦେବେ ବୋଲି ଆଶା ପ୍ରକାଶ କରାଯାଇଥିଲା । ଉଭୟ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରଫେସର କାଶୀନାଥ ରଥ, ସନ୍ତୋଷ କୁମାର ରାଉତ, ସଂପାଦକ ପ୍ରଦୀପ୍ତ କୁମାର ମହାରଣା, ଇଂ. ବିରଂଚି ନାରାୟଣ ଦାଶ, କୋଷାଧ୍ୟକ୍ଷ ତ୍ରିନାଥ ସାମନ୍ତରାୟ, କାର୍ଯ୍ୟନିର୍ବାହୀ ସଦସ୍ୟ ପଠାଣି ଜେନା, ଯୁଗଳ କିଶୋର ନାୟକ, ଉପେନ୍ଦ୍ର ପଟ୍ଟନାୟକ, ସବ୍ୟସାଚୀ ସାମନ୍ତରାୟ, ଶିରିଶ ପାତ୍ର, ଅନିଲ କୁମାର ମହାନ୍ତି, ମନ୍ମଥନାଥ ସାମନ୍ତରାୟ, ଜୀବତେଶ ପ୍ରହରାଜ, ବିଶ୍ୱଜିତ୍ ସାହୁ, କେଶବ ପାଇଲ ଓ ବିକାଶ ଚନ୍ଦ୍ର ବେହେରା ପ୍ରଭୃତି ଯୋଗ ଦେଇଥିବା ବେଳେ ଇଂ. ଜିତେନ୍ଦ୍ର କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କଂଟେନର ଧକାରେ ୩ ଗୋରୁ ମୃତ, ଖଲାସି ଥାନାରେ ଅଟକ

ସୋର(ନିପ୍ର): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଏକ କଂଟେନର ଧକାରେ ତିନୋଟି ଗୋରୁ ମୃତ୍ୟୁ ବରଣ କରିଥିବା ବେଳେ ପୁଲିସ ଗାଡିଟିକୁ ଥାନାରେ ଅଟକ ରଖିଛି ।ଆଜି ଅପରାହ୍ଣରେ ଟିଏନ ୩୪ ଏମଏ ୪୧୦୮ ନମ୍ବର ବିଶିଷ୍ଟ ଏକ କଂ[ନେର କଲିକତାରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବା ବେଳେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ତିନୋଟି ଗୋରୁଙ୍କୁ ଧକା ଦେଇଥିଲା । ଫଳରେ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଥିଲା । ଏହା ଦେଖି ସ୍ଥାନୀୟ ଯୁବକ ମାନେ ଗାଡିକୁ ଅଟକ ରଖି ସୋର ପୁଲିସକୁ ଖବର ଦେଇଥିଲେ । ସୋର ପୁଲିସ ଘଟଣା ସ୍ଥଳରେ ପହଂଚି ଗାଡିର ଚାଳକ ଫେରାର ଥିବାରୁ ଖଲାସୀକୁ ଅଟକ ରଖିବା ସହିତ ଗାଡିକୁ ଜବତ କରି ଥାନାରେ ରଖିଥିବା ଜଣାପଡିଛି ।

# ସୋର କୋର୍ଟ ମୋହରୀର ସଙ୍ଘର ବୈଠକ

ସୋର(ନିପ୍ର): ସୋର କୋର୍ଟ ମହାରୀର ସଙ୍ଘ ର ଏକ ବୈଠକ ସମସ୍ତ ମୋହରୀର ସଭ୍ୟ ମାନେ ଯୋଗ ଦେଇ ସଙ୍ଘ କୁ କିପରି ତ୍ୱରାନ୍ୱିତ ହେବ ଏବଂ ସମସ୍ତ ସଭ୍ୟ ମାନଙ୍କ ର ଜୀବନ ବୀମା କଥା ଆଲୋଚନା ହୋଇଥିଲା । ଆଗାମୀ ଦୁଇ ମାସ ମଧରେ ସଙ୍ଘ ଜରିଆରେ ଓଡିଶା ରାଜ୍ୟ ମହରୀର ସଙ୍ଘ ର ପରାମର୍ଶ କ୍ରମେ ଜୀବନ ବୀମା ଟଙ୍କା ସଙ୍ଘ ର ସଭାପତି ମହେନ୍ଦ୍ର ପ୍ରସାଦ ମିଶ୍ର ଙ୍କ ପାଖରେ ଜମା କରିବାକୁ ସର୍ବ ସମ୍ମତି କ୍ରମେ ନିଷ୍ପତି ନିଆଗଲା । ଏବଂ ପ୍ରତି ଦୁଇ ମାସରେ ସୋର ସରକାରୀ ଡାକ୍ତର ଖାନା ରେ ରୋଗୀ ମାନଙ୍କୁ ଫଳ, ରୋଟୀ, କ୍ଷୀର ବଂଟନ କରିବା ପାଇଁ ନିଷ୍ପତି ନିଆଗଲା । ଉକ୍ତ ବୈଠକ ରେ ସଭାପତି ମହେନ୍ଦ୍ର ପ୍ରସାଦ ମିଶ୍ର ଉପସଭାପତି ଗୌରାଙ୍ଗ ଧଡ଼ା ସମ୍ପାଦକ ପ୍ରଭାକର ଦ୍ୱାରି, ସହ ସମ୍ପାଦକ ରବି କୁମାର ଦାସ ଏବଂ କୋଷାଧକ୍ଷ ରମାକାନ୍ତ ବେଜ ଉପସ୍ଥିତ ଥିଲେ ସର୍ବ ଶେଷରେ ସଭାପତି ସଭା ସାଙ୍ଗ କରିଥିଲେ ଏବଂ ଉକ୍ତ ଅନୁଷ୍ଠାନ କିପରି ଅଗ୍ରଗତି କରିବ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ । ସମ୍ପାଦକ ପ୍ରଭାକର ଦ୍ୱାରି ଧନ୍ୟବାଦ ଦେଇଥିଲେ ।

# ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ପ୍ରତିଭା ପୂଜା ଓ ସମ୍ବର୍ଦ୍ଧନା



କଟକ(ନିପ୍ର): ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଜୟଦେବ ସଂସ୍କୃତି ବିକାଶ ପରିଷଦ ଓ ବିଶ୍ୱଦେବ ସମାଜର ମିଳିତ ଆନୁକୂଲ୍ୟରେ ୨୬ତମ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଓ ପ୍ରତିଭାପୂଜା ଉତ୍ସବ ଉତ୍କଳର ସର୍ବପୁରାତନ ସହର ତଥା ସଂସ୍କୃତିର ପ୍ରାଣକେନ୍ଦ୍ର କଟକସ୍ଥିତ କଳାବିକାଶ କେନ୍ଦ୍ରଠାରେ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଓଡ଼ିଶାର ପ୍ରତି ଜିଲ୍ଲାରୁ ୧୦ଜଣ କରି ୩୦୦ ଜଣ ସୁନାମଧନ୍ୟ କଳାକାର, ସାହିତ୍ୟିକ, ସମାଜ ସେବକ, କୃଷକ, ଶିକ୍ଷକ, କ୍ରୀଡ଼ାବିତ୍ ?, ଆଦର୍ଶ ଗୃହିଣୀ ଏବଂ ସାମ୍ବାଦିକମାନଙ୍କୁ ମାନପତ୍ର, ପଦକ, ସମ୍ମାନ ମୁକୁଟ, ଟ୍ରଫି, ସମ୍ମାନ ଗାଉନ୍, ସାଲ ସହିତ ଏକ ଲକ୍ଷ ଟଙ୍କାର ନାଗରିକ ସୁରକ୍ଷା ପଲିସି ଇତ୍ୟାଦି ପ୍ରଦାନ କରାଯାଇ ଥିଲା । ଏହି ଉତ୍ସବ ଉପଲକ୍ଷେ ପ୍ରତିଭାବାନ୍ ବ୍ୟକ୍ତିମାନଙ୍କର ଏକ ବୃହତ୍ ଜୀବନୀ ପୁସ୍ତକ 'ପ୍ରତିଭା ପରିଚୟ'ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ କରାଯିବା ସଙ୍ଗେ ସଙ୍ଗେ ସାନ୍ତାଳି ଭାଷା ସାହିତ୍ୟ ଓ ସଂସ୍କୃତି ପାଇଁ ପଦ୍ମଶ୍ରୀ ଦମୟନ୍ତି ବେସ୍ରା, ପୋଲିସ୍ ପ୍ରଶାସନ କ୍ଷେତ୍ରରେ ସାର୍ଥକ ଷଡଙ୍ଗୀ, ଆଇ.ପି.ଏସ,ଭାରତର ବୀରତ୍ୱ ସମର କୌଶଳ ପାଇଁ ମେଜର ଜେନେରାଲ ଅତନୁ ପଟ୍ଟନାୟକ, ଜିଲ୍ଲା ପ୍ରଶାସନର ସଫଳ ରୂପାୟନ ପାଇଁ ସୁବର୍ଣ୍ଣପୁରର ଜିଲ୍ଲାପାଳ ନୃପରାଜ ସାହୁ, ଜଣେ କର୍ତବ୍ୟନିଷ୍ଠ ସରକାରୀ କର୍ମଚାରୀ ଭାବେ ଡ.ବାଦଲ ମହାନ୍ତି, ମାନ୍ୟବର ମନ୍ତ୍ରୀ ଏମ୍.ଏସ୍.ଏମ୍.ଇଙ୍କ ବ୍ୟକ୍ତିଗତ ସହାୟକ ସଫଳ ଉଦ୍ୟୋଗପତି ଭାବେ ପଣ୍ଡା ନର୍ସିଂହୋମର ଚେୟାରମ୍ୟାନ ଡ.ଶାନ୍ତି ଭୂଷଣ ପଣ୍ଡା, ସମାଜସେବା କ୍ଷେତ୍ରରେ ଶ୍ରୀଯୁକ୍ତ ହିମାଂଶୁ ମହାନ୍ତି ,ଶିକ୍ଷା କ୍ଷେତ୍ରରେ ଜିଲ୍ଲା ଶିକ୍ଷାଅଧିକାରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ବାରିକ ,ସାସ୍ଥ୍ୟସେବା କ୍ଷେତ୍ରରେ ଚକ୍ଷୁ ବିଶେଷଜ୍ଞ ପ୍ରଫେସର ଶର୍ମିଷ୍ଠା ବେହେରାଙ୍କୁ ସ୍କାର୍ଟ 'ନବରତ୍ନ ସମ୍ମାନ" ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ପ୍ରତିଭା ମାନଙ୍କୁ ଉପାଧି, ଉତ୍କଳ ଜ୍ୟୋତି, ଉତ୍କଳ ସନ୍ତାନ,ରାଜ୍ୟ ସ୍ତରୀୟ ସମ୍ମାନ ସ୍ୱୀକୃତି ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ ସଭାପତି କଳାଭୂଷଣ ଡକ୍ଟର ପ୍ରଶାନ୍ତ କୁମାର କର, ସାଧାରଣ ସମ୍ପାଦକ ନରେନ୍ଦ୍ରନାଥ ଓଝା ଓ ଅନ୍ୟାନ୍ୟ ସଦସ୍ୟ ବୃନ୍ଦ ।

# ୨୭ ଏବଂ ୨୮ରେ ସିକିମ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ '୨୭ ଓ ୨୮' ରେ ସିକିମ ଗସ୍ତ କରିବେ, ଯେଉଁଠାରେ ସେ ରାଜ୍ୟର ୫୦ତମ ରାଜ୍ୟ ପ୍ରତିଷ୍ଠା ବର୍ଷ ସମାରୋହର ସମାପନ ସମାରୋହରେ ଯୋଗଦେବେ ଏବଂ ୪,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶ ପ୍ରକଳ୍ପର ଉଦଘାଟନ, ଉତ୍ସର୍ଗ ଏବଂ ଭିତିପ୍ରସ୍ତର ସ୍ଥାପନ କରିବେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନୁଯାୟୀ, ସେ ଏପ୍ରିଲ ୨୭ ରେ ଅପରାହ୍ନ ପ୍ରାୟ ୩ଟାରେ ଗ୍ୟାଙ୍ଗଟକ୍ ପହଂଚିବେ । ୨୮ ଏପ୍ରିଲରେ ପ୍ରଧାନମନ୍ତ୍ରୀ ଗ୍ୟାଙ୍ଗଟକ୍ ସ୍ଥିତ ଅର୍କିଡାରିୟମ୍ ପରିଦର୍ଶନ କରିବେ, ଯେଉଁଠାରେ ରାଜ୍ୟର ଜୈବିକ ଏବଂ ପୁଷ୍ପ ଐତିହ୍ୟକୁ ପ୍ରଦର୍ଶିତ କରିବା ପାଇଁ ଅତ୍ୟାଧୁନିକ 'ସ୍ୱର୍ଣ୍ଣଜୟନ୍ତୀ ମୈତ୍ରୀ ମଞ୍ଜରୀ ପାର୍କ' ବିକଶିତ କରାଯାଇଛି ।ଏହାପରେ ପ୍ରଧାନମନ୍ତ୍ରୀ ଗ୍ୟାଙ୍ଗଟକର ପାଲଜୋର ଷ୍ଟାଡିୟମରେ ରାଜ୍ୟର ୫୦ତମ ବର୍ଷର ଉଦଯାପନୀ ଉତ୍ସବରେ ଯୋଗଦେବେ ଏବଂ ଜନସଭାକୁ ସମ୍ବୋଧିତ କରିବେ । ଏହି ଅବସରରେ ସେ ସାରା ରାଜ୍ୟରେ ୪ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପର ଲୋକାର୍ପଣ ଏବଂ ଭିତିପ୍ରସ୍ତର ସ୍ଥାପନ କରିବେ । ଏହି ପ୍ରକଳ୍ପଗୁଡ଼ିକ ଭିତିଭୂମି, ସଂଯୋଗ, ସ୍ୱାସ୍ଥ୍ୟ, ଶିକ୍ଷା, ଶକ୍ତି, ସହରାଂଚଳ ବିକାଶ, ପରିବେଶ, ପର୍ଯ୍ୟଟନ ଏବଂ କୃଷି ଭଳି ବିଭିନ୍ନ କ୍ଷେତ୍ରକୁ ପ୍ରୋତ୍ସାହନ ଦେବ ।ଏହା ପରେ ପ୍ରଧାନମନ୍ତ୍ରୀ ନାମଚି ଜିଲ୍ଲାର ୟାଙ୍ଗାଙ୍ଗରେ ୧୦୦ ଶଯ୍ୟା ବିଶିଷ୍ଟ ଆୟୁର୍ବେଦ ଡାକ୍ତରଖାନାର ଭିତିପ୍ରସ୍ତର ସ୍ଥାପନ କରିବେ । ସେ ଏନ୍. ଆଇ. ଟି. ଦେଓରାଲିରେ ୩୦ ଶଯ୍ୟା ବିଶିଷ୍ଟ ସମନ୍ୱିତ ସୋୱା-ରିଗ୍ପା ଡାକ୍ତରଖାନାର ମଧ୍ୟ ଉଦଘାଟନ କରିବେ, ଯାହା ପାରମ୍ପରିକ ଔଷଧ ସେବାକୁ ପ୍ରୋତ୍ସାହନ ଦେବ ।

## ସୋମବାର ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ସ୍ଥଗିତ

ଭୁବନେଶ୍ୱର, : ଆସନ୍ତାକାଲି ସୋମବାର ( ଏପ୍ରିଲ ୨୭ ତାରିଖ) ଭୁବନେଶ୍ୱର ୟୁନିଟ-୨, ଅଶୋକ ନଗର ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ) ନିକଟରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସ୍ଥଗିତ ରହିବ । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ନିଷ୍ପତି ଗ୍ରହଣ କରାଯାଇଛି । ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।










# ଏପ୍ରିଲ ୨୮ ଓ ୨୯ରେ ଉତରପ୍ରଦେଶ ଗସ୍ତ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୮ଓ୨୯ ଏପ୍ରିଲରେ ଉତର ପ୍ରଦେଶ ଗସ୍ତ କରିବେ । ୨୮ ଏପ୍ରିଲରେ ସନ୍ଧ୍ୟା ପ୍ରାୟ ୫ ଟାରେ ପ୍ରଧାନମନ୍ତ୍ରୀ ମହିଳା ସମ୍ମିଳନୀରେ ଯୋଗଦେବେ, ଯେଉଁଠାରେ ସେ ବାରାଣସୀରେ ପ୍ରାୟ ?୬,୩୫୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିବେ । ଏହି ଅବସରରେ ସେ ସମାବେଶକୁ ମଧ୍ୟ ସମ୍ବୋଧିତ କରିବେ ।୨୯ ଏପ୍ରିଲରେ, ସକାଳ ପ୍ରାୟ ୮:୩୦ ରେ ପ୍ରଧାନମନ୍ତ୍ରୀ ବାରାଣସୀର ଶ୍ରୀ କାଶୀ ବିଶ୍ୱନାଥ ମନ୍ଦିରରେ ଦର୍ଶନ ଏବଂ ପୂଜା କରିବେ । ଏହା ପରେ, ପ୍ରଧାନମନ୍ତ୍ରୀ ହରଦୋଇ ଯାତ୍ରା କରିବେ ଏବଂ ପ୍ରାୟ ୧୧:୩୦ ରେ ପ୍ରଧାନମନ୍ତ୍ରୀ ଗଙ୍ଗା ଏକ୍ସପ୍ରେସୱେର ଉଦଘାଟନ କରିବେ । ଏହି ଅବସରରେ ସେ ସମାବେଶକୁ ମଧ୍ୟ ସମ୍ବୋଧିତ କରିବେ । ପ୍ରଧାନମନ୍ତ୍ରୀ ମହିମା ସମ୍ମିଳନୀରେ ଅଂଶଗ୍ରହଣ କରିବେ, ଯେଉଁଥିରେ ବହୁ ସଂଖ୍ୟାରେ ମହିଳା ଉପସ୍ଥିତ ରହିବେ । ପ୍ରଧାନମନ୍ତ୍ରୀ ୧,୦୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୪୮ ଟି ସମ୍ପୂର୍ଣ୍ଣ ପ୍ରକଳ୍ପକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ପ୍ରମୁଖ ଭିତିଭୂମି ପ୍ରକଳ୍ପଗୁଡ଼ିକ ମଧ୍ୟରେ ବାରାଣସୀ-ଆଜମଗଡ଼ ରାସ୍ତା ପ୍ରଶସ୍ତୀକରଣ ସମାପ୍ତି, କଞ୍ଜକପୁରା ଏବଂ କାଦିପୁରରେ ଗୁରୁତ୍ୱପୂର୍ଣ୍ଣ ରେଳ ଓଭର ବ୍ରିଜ୍ ଖୋଲିବା ଏବଂ ଭଗବାନପୁରରେ ୫୫ ଗଖଡ କ୍ଷମତା ବିଶିଷ୍ଟ



ସ୍ୱେରେଜ୍ ଟ୍ରିଟମେଂଟ ପ୍ଲାଂଟ (ଝଞ୍ଚ) ଉଦଘାଟନ ଅନ୍ତର୍ଭୁକ୍ତ । ପ୍ରଧାନମନ୍ତ୍ରୀ ବିଭିନ୍ନ ସମ୍ପ୍ରଦାୟ-କେନ୍ଦ୍ରିତ ପ୍ରକଳ୍ପର ଉଦଘାଟନ କରିବେ । ଏଥିରେ ଜଳ ଜୀବନ ମିଶନ ଅଧୀନରେ ୩୦ଟି ଗ୍ରାମୀଣ ପାନୀୟ ଜଳ ଯୋଜନା, ଚନ୍ଦ୍ରାବତୀ ଘାଟର ପୁନଃବିକାଶ, ସାରନାଥ ନିକଟବର୍ତୀ ସାରଙ୍ଗନାଥ ମନ୍ଦିରର ପର୍ଯ୍ୟଟନ ବିକାଶ ଏବଂ ନାଗୱାର ସନ୍ଥ ରବିଦାସ ପାର୍କର ସୌନ୍ଦର୍ଯ୍ୟକରଣ ଏବଂ ନବୀକରଣ କାର୍ଯ୍ୟ ଅନ୍ତର୍ଭୁକ୍ତ । ସାର୍ବଜନୀନ ସେବା ଏବଂ କ୍ରୀଡାର ଉନ୍ନତି ମଧ୍ୟ ପ୍ରମୁଖ, ୟୁପି କଲେଜରେ ଏକ ସିନ୍ଥେଟିକ୍ ହକି ଟର୍ଫ, ରାମନଗରରେ ୧୦୦ ଶଯ୍ୟା ବିଶିଷ୍ଟ ବୃଦ୍ଧାଶ୍ରମ ଏବଂ ଭେଲୁପୁର ଜଳ ଚିକିତ୍ସା ପ୍ଲାଂଟରେ ୧ଗଡ ସୌରଶକ୍ତି ପ୍ଲାଂଟ ଅନ୍ତର୍ଭୁକ୍ତ । ପ୍ରଧାନମନ୍ତ୍ରୀ କେନ୍ଦ୍ରୀୟ ତିବ୍ବତୀୟ ଅଧ୍ୟୟନ ବିଶ୍ୱବିଦ୍ୟାଳୟରେ ସୋୱା ରିଗ୍ପା ଭବନ ଏବଂ ହସ୍ପିଟାଲର ଉଦଘାଟନ କରିବେ, ଯାହା ଆଧୁନିକ ସ୍ୱାସ୍ଥ୍ୟସେବା ପ୍ରଣାଳୀ ସହିତ ପାରମ୍ପରିକ ଔଷଧକୁ ସମନ୍ୱିତ କରିବାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ ।ପ୍ରଧାନମନ୍ତ୍ରୀ ପ୍ରାୟ ୫,୩୦୦ କୋଟି ମୂଲ୍ୟର ୧୧୨ ରୁ ଅଧିକ ପ୍ରକଳ୍ପର ଶିଳାନ୍ୟାସ କରିବେ । ଏଥିରେ ଇଗଜଟଞ୍ଜ ୨.୦ ଅନ୍ତର୍ଗତ ୧୩ ଟି ସ୍ୱେରେଜ ଏବଂ ଜଳ ଯୋଗାଣ ଯୋଜନା, ଶ୍ରୀ ଶିବ ପ୍ରସାଦ ଗୁପ୍ତା ଡିଭିଜନାଲ ଜିଲ୍ଲା ହସ୍ପିଟାଲରେ ୫୦୦ ଶଯ୍ୟା ବିଶିଷ୍ଟ ମଲ୍ଟି-ସୁପର-ସ୍ପେଶାଲିଟି ହସ୍ପିଟାଲ, ଭୋଜୁବୀର ଏବଂ ସିଗ୍ରାରେ ବଜାର କମ୍ପ୍ଲେକ୍ସ ଏବଂ ଅଫିସ ସ୍ଥାନ ନିର୍ମାଣ, ପୋଖରୀର ନବୀକରଣ ଏବଂ ପୁନରୁଦ୍ଧାର, ୧୯୮ ଶଯ୍ୟା ବିଶିଷ୍ଟ ହସ୍ପିଟାଲର ପୁନଃବିକାଶ, ୧୦୦ ଶଯ୍ୟା ବିଶିଷ୍ଟ କ୍ରିଟିକାଲ୍ କେୟାର ବ୍ଲକ୍ ନିର୍ମାଣ, ଏବଂ ଅସି ଘାଟ, ଦଶାଶ୍ୱମେଧ ଘାଟ ଏବଂ ନମୋ ଘାଟ ସମେତ ପ୍ରମୁଖ ଘାଟରେ ପର୍ଯ୍ୟଟନ ସୁବିଧାର ବିକାଶ ଅନ୍ତର୍ଭୁକ୍ତ । ଶାସନ ଏବଂ ସାମାଜିକ କଲ୍ୟାଣ ଭିତିଭୂମିକୁ ସୁଦୃଢ଼ ??କରିବା ପାଇଁ, ପ୍ରଧାନମନ୍ତ୍ରୀ ରାମନଗରରେ ସମନ୍ୱିତ ଡିଭିଜନାଲ ଅଫିସ, ନଗର ନିଗମ ଅଫିସ କୋଠା ଏବଂ ଏକ ସରକାରୀ ଶିଶୁ ଆଶ୍ରୟ ଗୃହ ଏବଂ କିଶୋର ନ୍ୟାୟ ବୋର୍ଡ ପାଇଁ ମଧ୍ୟ ଭିତିପ୍ରସ୍ତର ସ୍ଥାପନ କରିବେ । ପ୍ରଧାନମନ୍ତ୍ରୀ ବନାସ ଡେରୀ ସହିତ ଜଡିତ ଉତର ପ୍ରଦେଶର କ୍ଷୀର ଯୋଗାଣକାରୀଙ୍କୁ ବୋନସ ଭାବରେ ?୧୦୫ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରିବେ । ପ୍ରଧାନମନ୍ତ୍ରୀ ବାରାଣସୀ ଜଙ୍କସନ-ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଜଙ୍କସନ ତୃତୀୟ ଏବଂ ଚତୁର୍ଥ ରେଳ ଲାଇନ ପ୍ରକଳ୍ପର ଶିଳାନ୍ୟାସ କରିବେ, ଯେଉଁଥିରେ ଗଙ୍ଗା ନଦୀ ଉପରେ ଏକ ରେଳ-ସଡ଼କ ସେତୁ ନିର୍ମାଣ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପ ରେଳ ଭିଡ଼ ହ୍ରାସ କରି, ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି କରି, ବହୁ-ମୋଡାଲ ସଂଯୋଗକୁ ସୁଦୃଢ଼ ??କରି ଏବଂ ସୁଗମ ଟ୍ରାଫିକ୍ ଗତି ସୁନିଶ୍ଚିତ କରି ବାରାଣସୀ ଏବଂ ଚନ୍ଦୌଲି ଜିଲ୍ଲାକୁ ଲାଭ ପହଂଚାଇବ । ଏହା ପୂର୍ବ ଉତର ପ୍ରଦେଶ ଏବଂ ବିହାର ସହିତ ରେଳ ସଂଯୋଗକୁ ସୁଦୃଢ଼ ??କରିବା ସହିତ କାଶୀ ବିଶ୍ୱନାଥ ଧାମ, ରାମନଗର ଅଂଚଳ ଏବଂ ଜାତୀୟ ରାଜପଥ-୧୯ କୁ ମଧ୍ୟ ପହଂଚିବାକୁ ଉନ୍ନତ କରିବ । ପ୍ରଧାନମନ୍ତ୍ରୀ ଦୁଇଟି ନୂତନ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନକୁ ମଧ୍ୟ ପତାକା ଦେଖାଇବେ: ବନାରସ-ପୁଣେ (ହଡପସର) ଏବଂ ଅଯୋଧ୍ୟା-ମୁମ୍ବାଇ (ଲୋକମାନ୍ୟ ତିଲକ ଟର୍ମିନସ୍) । ଏହି ଟ୍ରେନଗୁଡ଼ିକ ସୁଲଭ ଏବଂ ଆଧୁନିକ ଯାତ୍ରା ବିକଳ୍ପ ପ୍ରଦାନ କରିବ ଏବଂ ଉତର ପ୍ରଦେଶ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ର ମଧ୍ୟରେ ସଂଯୋଗକୁ ବୃଦ୍ଧି କରିବ । ବନାରସ-ପୁଣେ ସେବା କାଶୀ ବିଶ୍ୱନାଥ ଧାମକୁ ସହଜରେ ପହଂଚିବାକୁ ସୁବିଧା ପ୍ରଦାନ କରିବ, ଯେତେବେଳେ ଅଯୋଧ୍ୟା-ମୁମ୍ବାଇ ସେବା ଶ୍ରୀ ରାମ ମନ୍ଦିର ତୀର୍ଥ କ୍ଷେତ୍ରକୁ ସଂଯୋଗକୁ ଉନ୍ନତ କରିବ, ପ୍ରମୁଖ ଧାର୍ମିକ ସ୍ଥାନଗୁଡ଼ିକ ମଧ୍ୟରେ ସଂଯୋଗକୁ ସୁଦୃଢ଼ କରିବ ।

# କାର୍ବନ ଥ୍ରୀଡି ଗ୍ଲାସ୍ ସବଷ୍ଟ୍ରେଟ୍ ପ୍ୟାକେଜିଂ ସୁବିଧା ଏବେ ଓଡ଼ିଶାରେ ଉପଲବ୍ଧ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, : ଭାରତର ପ୍ରଥମ କାର୍ବନ ଥ୍ରୀଡି ଗ୍ଲାସ୍ ସବଷ୍ଟ୍ରେଟ୍ ପ୍ୟାକେଜିଂ ସୁବିଧା ଏବେ ଓଡ଼ିଶାରେ । ଆଜି ଆମେ ଯେଉଁ କାର୍ଯ୍ୟର ଶିଳାନ୍ୟାସ କଲୁ ଓଡ଼ିଶା ନୁହେଁ ବରଂ ସାରା ଭାରତର ଇତାହାସରେ ଏହା ପ୍ରଥମ ଥର । ଇଂଟେଲ୍, ଲକହିଡ୍ ମାର୍ଟିନ୍ ଏବଂ ଆପ୍ଲାଏଡ୍ ମ୍ୟାଟେରିଆଲ୍ସ ଭଳି ବିଶ୍ୱସ୍ତରୀୟ ମହାନ କମ୍ପାନୀଗୁଡ଼ିକ ୩ଡ଼ ଗ୍ଲାସ୍ ସଲ୍ୟୁସନ୍ ପାଇଁ ସହଭାଗୀ ହୋଇଛନ୍ତି । ଯାହା ଆମ ପାଇଁ ଗର୍ବର ବିଷୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ।ସେହିଭଳି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବେ?ଷ୍ଣବ କହିଛନ୍ତି, ଆମ ଓଡ଼ିଶା ଏବେ ଗୋଟେ ଆଇଟି ଏବଂ ଟେକ୍ନୋଲୋଜିର ହବ୍ ହେବାକୁ ଯାଉଛି । ବର୍ଷ ବର୍ଷ ଧରି ମାଇନିଂ, ମେଟାଲ, ପାୱାର ଏହି ସବୁ ଇଣ୍ଡଷ୍ଟ୍ରି ଥିଲା । ଏବେ କିନ୍ତୁ ହାଇଟେକ୍ ଇଣ୍ଡଷ୍ଟ୍ରିରେ ଓଡ଼ିଶା ଗୋଟେ ପଦକ୍ଷେପ ନେଲାଣି । ଆଉ ଏହି ଯେଉଁ ପଦକ୍ଷେପ ରହିଛି ଆପଣ ଏହାର ଗୁରୁତ୍ୱ ଦେଖନ୍ତୁ ଆଜି ଯେଉଁ ପ୍ଲାଂଟର ଫାଉଣ୍ଡେଶନ



ଆମେ କଲେ ଏହା ବିଶ୍ୱର ମୋଷ୍ଟ ଆଡ଼ଭାନ୍ସ ଟେକ୍ନୋଲୋଜି ଭିତରେ ଏହାକୁ ଗଣାଯାଏ । ନିଶ୍ଚିତ ଭାବେ ଆମର ଭବିଷ୍ୟତ ସୁନ୍ଦର ହେବ ।

# କିସ୍‌ରେ ରାଜ୍ୟସ୍ତରୀୟ ଆଦିବାସୀ ସ୍ୱେଚ୍ଛାସେବୀ ସଶକ୍ତିକରଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର: ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଏନ୍. ଏସ୍. ଏସ୍. ସେଲ୍ ସହାୟତାରେ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନସ୍ସ (କିସ୍) ର ଜାତୀୟ ସେବା ଯୋଜନା ବ୍ୟୁରୋ ଦ୍ୱାରା ଆୟୋଜିତ ତିନି ଦିନିଆ ରାଜ୍ୟସ୍ତରୀୟ ଜନଜାତି ସ୍ୱେଚ୍ଛାସେବୀ ସଶକ୍ତିକରଣ କାର୍ଯ୍ୟକ୍ରମ ଆଜି ରାଜ୍ୟର ୧୬ଟି ବିଶ୍ୱବିଦ୍ୟାଳୟର ୨୦୦ରୁ ଅଧିକ ଏନ୍. ଏସ୍. ଏସ୍. ସ୍ୱେଚ୍ଛାସେବୀଙ୍କ ସକ୍ରିୟ ଅଂଶଗ୍ରହଣ ସହିତ ସଫଳତାର ସହ ଉଦଯାପିତ ହୋଇଛି । ଉଦଯାପନୀ ଅଧିବେଶନରେ ଅଂଶଗ୍ରହଣ କରି, ପତ୍ର ସୂଚନା କାର୍ଯ୍ୟାଳୟ(ପିଆଇବି) ଏବଂ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି)ର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ନୀତି ନିର୍ଦ୍ଧାରଣରେ ପ୍ରଭାବୀ ଯୋଗାଯୋଗର ଗୁରୁତ୍ୱ ଏବଂ ତୃଣମୂଳ ସ୍ତରରେ ସରକାରଙ୍କ କଲ୍ୟାଣମୂଳକ ପଦକ୍ଷେପଗୁଡ଼ିକର ପ୍ରସାର ସୁନିଶ୍ଚିତ କରିବା ଉପରେ ଆଲୋକପାତ କରିଥିଲେ । ଏନ୍.ଏସ୍.ଏସ୍. ସ୍ୱେଚ୍ଛାସେବୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ମିଶ୍ର କହିଥିଲେ ଯେ ଲୋକମାନଙ୍କୁ ପ୍ରଭାବିତ କରିବା, ସନ୍ଦେହ ଦୂର କରିବା, ସମ୍ପର୍କକୁ ସୁଦୃଢ଼ କରିବା, ବିଶ୍ୱାସ ସୃଷ୍ଟି କରିବା ଏବଂ ସମାଜର ସାମଗ୍ରିକ ପ୍ରଗତି ପାଇଁ ମାର୍ଗ ପ୍ରଶସ୍ତ କରିବା ଲାଗି ପ୍ରଭାବଶାଳୀ ଯୋଗାଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେ ଗୁରୁତ୍ୱାରୋପ କରିଥିଲେ ଯେ ଏକ ସମାବେଶୀ ଏବଂ ସହଭାଗୀ ସାମାଜିକ ପରିବେଶ ନିର୍ମାଣରେ ଯୋଗାଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଅଂଶଗ୍ରହଣକାରୀଙ୍କ ପ୍ରଶ୍ନର ଉତର ଦେଇ ଶ୍ରୀ ମିଶ୍ର ଗୁରୁତ୍ୱାରୋପ କରିଥିଲେ ଯେ ଗଣମାଧ୍ୟମ ପହଂଚି ପାରୁନଥିବା ଅଂଚଳରେ ବସବାସ କରୁଥିବା ଆଦିବାସୀ ଲୋକଙ୍କ ଯୋଗାଯୋଗ ଦକ୍ଷତାକୁ ସୁଦୃଢ଼ କରିବା ଉପରେ ବିଶେଷ ଧ୍ୟାନ ଦିଆଯିବା ଉଚିତ, ଯାହାଦ୍ୱାରା ସେମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ ଭଲ ଭାବେ ପାଇପାରିବେ । ସେ କହିଥିଲେ ଯେ ସମାଜର ପ୍ରତ୍ୟେକ ବର୍ଗ,



ବିଶେଷ କରି ଆଦିବାସୀ ଏବଂ ଅବହେଳିତ ଲୋକଙ୍କ ନିକଟରେ ସଚେତନତା ଏବଂ ଯୋଗାଯୋଗ ପହଂଚିବା ଆବଶ୍ୟକ । ସେ ଆହୁରି ମଧ୍ୟ ରେଖାଙ୍କିତ କରିଥିଲେ ଯେ ଭୟ ଏବଂ ନୀରବତା ପ୍ରଭାବଶାଳୀ ଯୋଗାଯୋଗରେ ପ୍ରମୁଖ ପ୍ରତିବନ୍ଧକ ଭାବରେ କାର୍ଯ୍ୟ କରେ ଏବଂ ଅଂଶଗ୍ରହଣକାରୀମାନଙ୍କୁ ନୀରବତା ଭାଙ୍ଗିବାକୁ ଏବଂ ଖୋଲାଖୋଲି ଭାବରେ ସେମାନଙ୍କର ଚିନ୍ତା ବ୍ୟକ୍ତ କରିବାକୁ ଅନୁରୋଧ କରିଥିଲେ । ଏହି ଅବସରରେ ଏନ୍. ଏସ୍. ଏସ୍. କାର୍ଯ୍ୟକ୍ରମ ଅଧିକାରୀ ଡ. ମୈତ୍ରୀ ପାଢ଼ୀ, ନୃତତ୍ୱ ବିଭାଗର ସହକାରୀ ପ୍ରଫେସର ତଥା ପୂର୍ବତନ ଏନ୍. ଏସ୍. ଏସ୍. ସଂଯୋଜକ ଡ. ମନୋରଞ୍ଜନ ମହାପାତ୍ର, ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡ. ସି. ଏଚ୍. ସୁଦିପ୍ତ କିଶୋର ନନ୍ଦ, କିସ୍ ର ଗୃହ ବିଜ୍ଞାନ ବିଭାଗର ଅଧ୍ୟାପକ ଶ୍ରୀମତୀ ମାନସୀ ଚନ୍ଦ୍ର ନାୟକ, କାର୍ଯ୍ୟକ୍ରମ ସଂଯୋଜକ ଡ. ପରୀକ୍ଷିତ ଖଟୁଆ ମଧ୍ୟ ଉପସ୍ଥିତ ଥିଲେ ।

# ନବଉତ୍କଳର ନିର୍ମାତା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ସୁରମା ପାଢ଼ୀ

ଭୁବନେଶ୍ୱର, : ଓଡ଼ିଆଭାଷୀ ଅଂଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅପୂର୍ବ ନେତୃତ୍ୱ ପ୍ରଦାନ କରିଥିବା ନବଉତ୍କଳର ନିର୍ମାତା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଓଡ଼ିଆ ଜାତିର ସ୍ୱାଭିମାନ ଓ ଅସ୍ମିତାର ଏକ ଅବିସ୍ମରଣୀୟ ପ୍ରତୀକ ଭାବେ ସଦା ସ୍ମରଣୀୟ । ତାଙ୍କର ଦୂରଦୃଷ୍ଟି, ପ୍ରଜାନୁରଞ୍ଜନ ଶାସନ ଓ ରାଜ୍ୟ ଗଠନରେ ଅବଦାନ ଓଡ଼ିଶାର ଇତିହାସକୁ ଏକ ଦୃଢ଼ ଭିତି ପ୍ରଦାନ କରିଛି ।ଏହି ଅବସରରେ ଆଜି ସକାଳ ୮ ଘଟିକା ସମୟରେ ଭୁବନେଶ୍ୱରସ୍ଥିତ ପରିବହନ ଭବନ ସମ୍ମୁଖ ଏଜି ଛକରେ ଅବସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା ।ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା ଶ୍ରୀମତୀ ସୁରମା ପାଢ଼ୀ ଓ ମାନ୍ୟବର ସାଂସଦ, ବ୍ରହ୍ମପୁର ଶ୍ରୀ ପ୍ରଦୀପ କୁମାର ପାଣିଗ୍ରାହୀ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।ଏହାସହ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ, ସହକାରୀ ଅର୍ଥ ପରାମର୍ଶଦାତା ତଥା ଉପ ଶାସନ ସଚିବ ଶ୍ରୀ ପୃଥ୍ୱୀରାଜ ପାଣି, ସହକାରୀ ନିର୍ଦ୍ଦେଶକ ଶ୍ରୀ ଦୀପକ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଜିତେନ୍ଦ୍ରିୟ ଜେନା, ଶ୍ରୀମତୀ ପ୍ରମୋଦିନୀ ଟେଟେ, ଶ୍ରୀ ସୁଜିତ ରଞ୍ଜନ ସ୍ୱାଇଁ ଓ ଶ୍ରୀ ଏମ୍. ଅଭିଶେକ୍ ସହିତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ, ସଂସ୍କୃତି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ପାରଳା ଗଜପତି ବିକାଶ ମଂଚର କର୍ମକର୍ତାମାନେ, ବିଭିନ୍ନ ସାମାଜିକ ଅନୁଷ୍ଠାନର ପ୍ରତିନିଧି, ବୁଦ୍ଧିଜୀବୀ ଓ ସାଧାରଣ ଲୋକମାନେ ଯୋଗଦେଇ ମହାନ ବ୍ୟକ୍ତିତ୍ୱଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।



# ଚେନ୍ନାଇ ବିପକ୍ଷରେ ୮ ୱିକେଟ୍‌ରେ ଗୁଜରାଟ ବିଜୟୀ

ଚେନ୍ନାଇ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୭ତମ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍?ସ ବିପକ୍ଷରେ ଗୁଜରାଟ ୦୦ ୱିକେଟ୍‌ରେ ବିଜୟୀ ହୋଇଛି । ୧୫୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଗୁଜରାଟ ୧୬.୪ ଓଭରରେ ୨ ୱିକେଟ୍ ହରାଇ ୧୬୨ ରନ୍? ସଂଗ୍ରହ କରିଛି । ଗୁଜରାଟର ବ୍ୟାଟିଂରେ ବାମହାତୀ ବ୍ୟାଟର ସାଇ ସୁଦର୍ଶନ ନାୟକ ସାଜିଛନ୍ତି । ଚେନ୍ନାଇର ସମସ୍ତ ବୋଲରଙ୍କୁ ତାଙ୍କର ବ୍ୟାଟ୍ ବଳରେ ଜବାବ ଦେଇଛନ୍ତି । ସେ ୪୬ଟି ବଲ୍?ର ସମ୍ମୁଖୀନ ହୋଇ ୪ଟି ଚେ?କା ଏବଂ ୭ଟି ଛକା ବଳରେ ବ୍ୟକ୍ତିଗତ ଭାବେ ୮୭ ରନ୍ ସଂଗ୍ରହ କରିଛନ୍ତି ।ଗୁଜରାଟର ଇନିଂସ ଆରମ୍ଭରୁ ଭଲ ଥିଲା । ଯୁବ ବ୍ୟାଟର ସାଇ ସୁଦର୍ଶନ ଏବଂ ଅଧିନାୟକ ଶୁବମନ ଗିଲ ପ୍ରଥମ ୱିକେଟ୍? ପାଇଁ ୫୮ ରନ୍?ର ଭାଗିଦାରୀ କରିଥିଲେ । ଏଥିରୁ ଗିଲ୍? ବ୍ୟକ୍ତିଗତ ଭାବେ ୩୩ ରନ୍‌ର ଯୋଗଦାନ ଦେଇଥିଲେ । ସେ ଗୋଟିଏ ଚୌକା ଏବଂ ୩ଟି ଛକା ମାରିଥିଲେ । ଏହି ମ୍ୟାଚ୍‌ରେ ଗୁଜରାଟ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ଫଳରେ ଆୟୋଜକ ଚେନ୍ନାଇ ବ୍ୟାଟିଂ କରିଥିଲା । ଦଳ ଋତୁରାଜ ଗାଏକ୍ୱାର୍ଡଙ୍କ ଅର୍ଦ୍ଧଶତକ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ ହରାଇ ୧୫୮ ରନ୍ ସଂଗ୍ରହ କରିଥିଲା । ଇନିଂସ ଆରମ୍ଭରୁ ଚେନ୍ନାଇର ବ୍ୟାଟିଂ ମନ୍ଥର ଥିଲା । ଏହାର କାରଣ ଥିଲା ଦଳର ପ୍ରାରମ୍ଭିକ ବ୍ୟାଟର ମାନେ କ୍ରିଜ୍‌ରେ ଅଧିକ ସମୟ ପର୍ଯ୍ୟନ୍ତ ତିଷ୍ଠି ପାରି ନଥିଲେ । ଦଳ ୮.୨ ଓଭରରେ ସ୍କୋର ୩୭ ରନ୍‌ରେ ୪ ଜଣ ଖେଳାଳିଙ୍କୁ ହରାଇଥିଲା । ଚେନ୍ନାଇ ଦଳର ସ୍କୋର ୨୧ ରନ୍‌ରେ ସଂଜୁ ସାମସନ, ୨୫ ରନ୍‌ରେ ଉର୍ଭିଲ ପଟେଲ (୪ ରନ୍), ୨୬ ରନ୍?ରେ ସର୍ଫରାଜ ଖାନ (ଶୂନ୍ୟ ରନ୍) ଏବଂ ୩୭ ରନ୍‌ରେ ଡେୱାଲ୍ଡ ବ୍ରେଭିସ୍? (୨ ରନ୍) ଆଉଟ



ହୋଇଥିଲେ । ଆଇପିଏଲ ଚଳିତ ସଂସ୍କରଣର ଅନ୍ୟତମ ବିସ୍ଫୋରକ ବ୍ୟାଟର ସଞ୍ଜୁ ସାମସନ ମଧ୍ୟ ପଡ଼ିଆରେ ବେଶୀ ସମୟ ରହିପାରି ନଥିଲେ । ସେ ୧୫ଟି ବଲ୍ ଖେଳି ୨ଟି ଚୌକା ସହାୟତାରେ ୧୧ ରନ୍ ସଂଗ୍ରହ କରିଥିଲେ ଏବଂ କାଗିସୋ ରାବଡ଼ାଙ୍କ ବଲ୍ ଜୋସ ବଟଲରଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ । ଚେନ୍ନାଇର ସମ୍ମାନଜନକ ସ୍କୋରରେ ଅଧିନାୟକ ଋତୁରାଜ ଗାଏକ୍ୱାର୍ଡଙ୍କ ବଡ଼ ଯୋଗଦାନ ଥିଲା । ସେ ଅପରାଜିତ ରହି ବ୍ୟକ୍ତିଗତ ଭାବେ ୭୪ ରନ୍? ସଂଗ୍ରହ କରିଥିଲେ । ୬୦ଟି ବଲ୍? ଖେଳି ୬ଟି ଚେ?କା ଏବଂ ୪ଟି ଛକା ମାରିଥିଲେ । ସେହିପରି ମଧ୍ୟକ୍ରମର ବ୍ୟାଟର ଶିଭମ ଦୁବେ ୨୨ ରନ୍, କାର୍ତିକ ଶର୍ମାଙ୍କର ୧୫ ରନ୍ ଏବଂ ଜେମି ଓଭରଟନ୍ ୧୮ ରନ୍ ଯୋଗଦାନ ଦେଇଥିଲେ ।

# ଲକ୍ଷ୍ନୌ ଆଗରେ ୧୫୬ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା କୋଲକାତା

ଲକ୍ଷ୍ନୌ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଉନ୍ନବିଂଶ ସଂସ୍କରଣର ୩୮ତମ ମୁକାବିଲା ରେ ଲକ୍ଷ୍ନୌ ସୁପର ଜାଏଂଟସ୍‌ଏବଂ କୋଲକାତା ନାଇଟ୍ ରାଇଡର୍ସ ମୁହାଁମୁହିଁ ହୋଇଛନ୍ତି । ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମରେ ଲକ୍ଷ୍ନୌ ଟସ୍ ଜିଣି ବୋଲି ନିଷ୍ପତି ନେଇଥିଲା । ଫଳରେ ଆଜିଙ୍କ୍ୟ ରହାଣେଙ୍କ ନେତୃତ୍ୱରେ କୋଲକାତା ବ୍ୟାଟିଂ କରିଥିଲା । କୋଲକାତା ଟିମ୍? ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ ହରାଇ ୧୫୫ ରନ୍ ସଂଗ୍ରହ କରିଛି । ଫଳରେ ଲକ୍ଷ୍ନୌକୁ ଏହି ମ୍ୟାଚ୍? ଜିତିବା ପାଇଁ ୧୫୬ ରନ୍?ର ଲକ୍ଷ୍ୟ ମିଳିଛି । କୋଲକାତା ପକ୍ଷରୁ ରିଙ୍କୁ ସିଂହ ଅର୍ଦ୍ଧଶତକ ହାସଲ କରିଛନ୍ତି । ନିଜ



ଦଳର ବ୍ୟାଟରମାନେ ବିପର୍ଯ୍ୟୟର ସାମ୍ନା କରୁଥିଲା ବେଳେ ରିଙ୍କୁ ସିଂହ ପ୍ରଥମେ ଧୈର୍ଯ୍ୟର ସହିତ ଖେଳିଥିଲେ । ଶେଷ ସମୟରେ ସେ ବିସ୍ଫୋରକ ବ୍ୟାଟିଂ କରିଥିଲେ । ଅପରାଜିତ ରହି ୮୩ ରନ୍ ସଂଗ୍ରହ କରିଥିଲେ । ଏଥି ପାଇଁ ସେ ୫୧ଟି ବଲ୍ ଖେଳିଥିଲେ, ଯେଉଁଥିରୁ ୭ଟି ଚୌକା ଏବଂ ୫ଟି ଛକା ମାରିଥିଲେ । ଲକ୍ଷ୍ନୌରେ କୋଲକାତାର ବ୍ୟାଟିଂ ଆରମ୍ଭରୁ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା । ଦଳୀୟ ସ୍କୋର ୩ ରନ୍‌ରେ କୋଲକାତା ପ୍ରାରମ୍ଭିକ ବ୍ୟାଟର ଟିମ୍ ସେଫର୍ଟ, ୧୬ ରନ୍‌ରେ ଅଧିନାୟକ ଆଜିଙ୍କ୍ୟ ରହାଣେ, ୨୭ ରନ୍‌ରେ ଅଙ୍ଗ୍‌କ୍ରିଶ ରଘୁବଂଶୀ ଏବଂ ୩୧ ରନ୍‌ରେ ରୋଭମ୍ୟାନ ପାୱେଲଙ୍କୁ ହରାଇଥିଲା । ପଂଚମ ୱିକେଟ ପାଇଁ କୋଲକାତା ୪୨ ରନ୍‌ର ଭାଗିଦାରୀ କରିଥିଲା । କେମରନ ଗ୍ରିନ ଏବଂ ରିଙ୍କୁ ସିଂହ ଏହି କାମ କରିଥିଲେ । କେମରନ ଗ୍ରିନ ବ୍ୟକ୍ତିଗତ ଭାବେ ୩୪ ରନ୍ ସଂଗ୍ରହ କରିଥିଲେ । ସେ ୨୧ଟି ବଲ୍ ଖେଳି ୩ଟି ଛକା ମାରିଥିଲେ । ସ୍କୋର ୭୩ ରନ୍‌ରେ କୋଲକାତା କେମରନ ଗ୍ରିନଙ୍କ ସମେତ ଅନୁକୂଳ ରୟଙ୍କୁ ମଧ୍ୟ ହରାଇଥିଲା । ଲକ୍ଷ୍ନୌର ସପ୍ତମ ଶିକାର ହୋଇଥିଲେ ରମଣଦୀପ ସିଂହ । ସେ ୧୧ଟି ବଲ୍ ଖେଳି ମାତ୍ର ୬ ରନ୍ ସଂଗ୍ରହ କରିଥିଲେ ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**